# ସିଦ୍ଧ ମହାତ୍ମା

# ଭୂମିକା

ଅଧ୍ୟାତ୍ମ ଜଗତର ମହାପୁରୁଷମାନଙ୍କର ଜୀବନୀ ଲେଖିବା ଏକାନ୍ତ ଦୁରୁହ ବ୍ୟାପାର । କାରଣ ସେମାନଙ୍କର ଯଥାର୍ଥ ଜୀବନ ଏବଂ ବ୍ୟକ୍ତିତ୍ୱ ଅନ୍ତର୍ମୁଖୀ । ଏକମାତ୍ର ଦିବ୍ୟଦୃଷ୍ଟିସମ୍ପନ୍ନ ଜଣେ ମହାପୁରୁଷ ହୁଏତ ଆଉ ଜଣେ ମହାପୁରୁଷର ପ୍ରକୃତ ଜୀବନକୁ ଉପଲବ୍ଧି କରିପାରନ୍ତି । ଆମ୍ଭେମାନେ ନିମ୍ନଚେତନାରେ ବାସ କରୁଥିବାରୁ ମହାତ୍ମାଙ୍କର ଯଥାର୍ଥ ପରିଚୟ ସମ୍ବନ୍ଧରେ ଅନଭିଜ୍ଞ ରହୁ, ତଥାପି ତାଙ୍କର ଯତ୍‌କିଞ୍ଚିତ୍ ଗୁଣଗାନ କରି ମଧ୍ୟ ନିଜର କଲ୍ୟାଣ ମାର୍ଗରେ ପ୍ରବେଶ କରିବାରୁ ବଞ୍ଚିତ ହେଉ ନାହିଁ ।

ବାବା ରଘୁନାଥ ଦାସଙ୍କର ମହନୀୟ ଜୀବନବୃତ୍ତାନ୍ତ ଉତ୍ତର ପ୍ରଦେଶରେ, ବିଶେଷତଃ ଫଏଜାବାଦ, ବାରବଙ୍କି, ଲକ୍ଷ୍ନୌ, ସୀତାପୁର, ରାୟବାରଲି ଜିଲାମାନଙ୍କରେ ଏତେ ପ୍ରସିଦ୍ଧ ଓ ଜନପ୍ରିୟ ଯେ ଏବେ ବି ଲୋକେ ସେ ବିଷୟ ଶ୍ରଦ୍ଧାପ୍ଲୁତ ହୃଦୟରେ ଚର୍ଚ୍ଚା କରନ୍ତି । ଏବେ ମଧ୍ୟ ବାବା ରଘୁନାଥ ଦାସଙ୍କର ମଠ ''ବଡ଼ଛାଉଣୀ'' ନାମରେ ଅଯୋଧ୍ୟାରେ ପ୍ରଖ୍ୟାତ । ଦୈନିକ ସେଠାରେ ଦୁଇ ତିନି ଶହ ସାଧୁସନ୍ଥ ଭୋଜନ କରନ୍ତି । ଉତ୍ସବ ଦିନମାନଙ୍କରେ ସହସ୍ରାଧିକ ସାଧୁସନ୍ଥଙ୍କ ସମାଗମ ଓ ଭୋଜନ ହୁଏ । ବର୍ତ୍ତମାନ ବାବା ରଘୁନାଥ ଦାସଙ୍କ ଗାଦିରେ ଚତୁର୍ଥ ମହନ୍ତ ରୂପେ ବାବା କୌଶଲକିଶୋର ଦାସ ଅଧିଷ୍ଠିତ ଅଛନ୍ତି ।

ମୋର ଗୁରୁଦେବ ଶ୍ରୀରାମଚରଣ ଦାସ ମୌନୀ ବାବା, ତଦୀୟ ଜ୍ୟେଷ୍ଠ ଗୁରୁଭ୍ରାତା ବାବା ମଧୁସୂଦନ ଦାସ ତଥା ଅନ୍ୟାନ୍ୟ ବହୁ ଅବଧବାସୀଙ୍କ ନିକଟରୁ ମୁଁ ବାବା ରଘୁନାଥ ଦାସଙ୍କ ଜୀବନର ଘଟଣାବଳୀ ସଂଗ୍ରହ କରିଥିଲି । ତାହାଛଡ଼ା ହିନ୍ଦୀ ଭାଷାରେ କାବ୍ୟାକାରରେ ମୁଦ୍ରିତ ତାଙ୍କର ବିଖ୍ୟାତ ଜୀବନଚରିତ ''ରଘୁନାଥ ହାଟ'' ତଥା ମୋ ଗୁରୁଦେବଙ୍କ ରଚିତ ''ବିଶ୍ରାମ ସାଗର'' ଗ୍ରନ୍ଥ ସାହାଯ୍ୟରେ ଏହି ଜୀବନୀଟି ଭଗବାନଙ୍କ କୃପାରୁ ରଚିତ ହୋଇପାରିଛି । ଭକ୍ତ ପାଠକମାନଙ୍କୁ ମହାତ୍ମା ରଘୁନାଥ ଦାସଜିଙ୍କ ଜୀବନଚରିତମୂଳକ ଏହି ଗ୍ରନ୍ଥଟି ବୈରାଗ୍ୟ ଭଗବଦ୍ ଭକ୍ତିର ପ୍ରେରଣା ଦେଇପାରିବ ବୋଲି ଦୃଢ଼ ବିଶ୍ୱାସ ।

— ଲେଖକ

# ସିଦ୍ଧ ମହାତ୍ମା

ସନ୍ଥ-ଶିରୋମଣି ସିଦ୍ଧଭକ୍ତ ମହାପୁରୁଷ ଶ୍ରୀ ନାଭାଜି ନିଜ ଭକ୍ତମାଳାର ବନ୍ଦନାରେ ଲେଖିଛନ୍ତି :

''ଭକ୍ତି ଭକ୍ତ ଭଗବନ୍ତ ଗୁରୁ ଚତୁର ନାମ ବପୁ ଏକ
ଇନକେ ପଦ ବନ୍ଦନ କିଏ ନାଶତ ବିଘ୍ନ ଅନେକ ।''

ଅର୍ଥାତ୍, ଭକ୍ତି, ଭକ୍ତ, ଭଗବାନ୍, ଗୁରୁ – ଏହି ଭିନ୍ନ ଭିନ୍ନ ଚାରି ନାମ, କିନ୍ତୁ ସ୍ୱରୂପତଃ ଏକ । ଏହାଙ୍କ ଚରଣ ବନ୍ଦନା କଲେ ଅନେକ ବିଘ୍ନ ନାଶ ହୁଏ ।

''ସନ୍ତନ ନିରନୈ କିୟୋମଛି ଶ୍ରୁତି ପୁରାନ ଇତିହାସ
ଭଜିବେ କୋ ଦୁଇ ସୁଘର କୈ ହରି କୈ ହରି କେ ଦାସ ।''

ଅର୍ଥାତ୍, ସବୁ ସନ୍ଥ ଶ୍ରୁତି, ପୁରାଣ, ଇତିହାସକୁ ମନ୍ଥନ କରି ଏହାହିଁ ନିର୍ଣ୍ଣୟ କଲେ ଯେ ହରି (ଭଗବାନ୍) ଅଥବା ହରିଙ୍କ ଦାସଙ୍କୁ ଭଜନ କରିବା ଉତ୍ତମ (ଏକମାତ୍ର ପରମ ଆବଶ୍ୟକ) ।

ଗୋସ୍ୱାମୀ ଶ୍ରୀ ତୁଳସୀ ଦାସଜି ତାଙ୍କ ପରମ ପ୍ରସିଦ୍ଧ ରାମାୟଣରେ ଲେଖିଛନ୍ତି :

''ମୋରେ ମନ ପ୍ରଭୁ ଅସ ବିଶ୍ୱାସା ।
ରାମତେ ଅଧିକ ରାମକର ଦାସା ।
ରାମସିନ୍ଧୁ ଘନ ସଜ୍ଜନ ଧୀରା ।
ଚନ୍ଦନ ତରୁହରି ସନ୍ତସମୀରା ।''

ଅର୍ଥାତ୍, ହେ ପ୍ରଭୁ ! ମୋର ଏହି ବିଶ୍ୱାସ ଯେ ଶ୍ରୀରାମଚନ୍ଦ୍ରଙ୍କଠାରୁ ତାଙ୍କ ଦାସ (ଭକ୍ତ) ଶ୍ରେଷ୍ଠ, କାରଣ ରାମଚନ୍ଦ୍ର ସମୁଦ୍ର, ଧୀର ସଜ୍ଜନ ମେଘ, ହରି ଚନ୍ଦନତରୁ ସନ୍ଥ ସମୀର ।

ସନ୍ଥ ମହାପୁରୁଷଙ୍କ ଜୀବନଚରିତ ପଠନ ଦ୍ୱାରା ଭଗବାନଙ୍କ ଦୟା, କରୁଣା, ଭକ୍ତି, ବାତ୍ସଲ୍ୟାଦି ଦିବ୍ୟଗୁଣରେ ବିଶ୍ୱାସ ହୁଏ, ଭଗବାନଙ୍କ ସର୍ବଶକ୍ତିମତ୍ତା ଏବଂ ସର୍ବରକ୍ଷଣତା ପ୍ରତି ନିର୍ଭରତା ଜନ୍ମେ । ବ୍ୟକ୍ତି ସାଧନାରେ ପ୍ରବୃତ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରି ଜନ୍ମ-ମରଣ ଘୋର ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ଏହି କାରଣରୁ ଆମ୍ଭେମାନେ ଆଜି ମହାତ୍ମା ବାବା ରଘୁନାଥ ଦାସଜି ମହାରାଜଙ୍କର ଜୀବନର କେତେକ ଘଟନା ସଂକ୍ଷେପରେ ଗାନ କରି ନିଜକୁ କୃତାର୍ଥ କରିବା ।

ବାବା ଶ୍ରୀ ରଘୁନାଥ ଦାସଜି ମହାରାଜଙ୍କ ପୂର୍ବପୁରୁଷମାନେ ବାସ କରୁଥିଲେ ଅବଧପ୍ରାନ୍ତ (ଉତ୍ତର ପ୍ରଦେଶ) ଅଯୋଧ୍ୟା ଏବଂ ଲକ୍ଷ୍ନୌର ନିକଟବର୍ତ୍ତୀ ସୀତାପୁର ଜିଲ୍ଲାର ପଏନ୍ତପୁର ଗ୍ରାମରେ । ସେ କାନ୍ୟକୁବ୍‌ଜ ବ୍ରାହ୍ମଣ ଥିଲେ । କୁଳପରମ୍ପରା ଅନୁସାରେ ସେମାନେ ରାଜଗୁରୁ, ଶାସ୍ତ୍ରବେତ୍ତା, ପଣ୍ଡିତ, ସଦାଚାରୀ, ଧର୍ମନିଷ୍ଠ ବ୍ରାହ୍ମଣ ଥିବା ସତ୍ତ୍ୱେ ସନ୍ଥସେବାରେ ସେମାନଙ୍କର ଶ୍ରଦ୍ଧା ଥିଲା । ବହୁତ ସନ୍ଥ ମହାତ୍ମା ତାଙ୍କ ଘରକୁ ଆସୁଥିଲେ । ଥରେ ଏକ ସନ୍ଥମଣ୍ଡଳୀ ଆସି ତାଙ୍କ ଘର ପାଖରେ ତିନିଦିନ ବିଶ୍ରାମ କଲେ । ରଘୁନାଥଙ୍କ ପିତା ଦୁର୍ଗାପ୍ରସାଦ ଏବଂ ତାଙ୍କର ଅନ୍ୟ ଭାଇମାନେ ଭକ୍ତି ସହ ସନ୍ଥସେବା କଲେ । ସେମାନେ ସେବାରେ ସନ୍ତୁଷ୍ଟ ହୋଇ ବିଦା ହୋଇଯିବା ସମୟରେ ସେହି ମଣ୍ଡଳୀର

ପ୍ରଧାନ ମହାତ୍ମା ଆଶୀର୍ବାଦ ଦେଇ କହିଲେ, ''ତୁମ୍ଭ କୁଳରେ ଗୋଟିଏ ତେଜସ୍ୱୀ, ଶକ୍ତିଶାଳୀ, ପରମ ଭାଗବତ ସୁତ ଉତ୍ପନ୍ନ ହେବ । ତୁମ୍ଭମାନଙ୍କ କୁଳକୁ ପବିତ୍ର କରି, ସଂସାରରେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କ ଭକ୍ତି ପ୍ରଚାର କରି ଭବସମୁଦ୍ରରେ ନିମଜ୍ଜିତ ଅସଂଖ୍ୟ ନରନାରୀଙ୍କୁ ଉଦ୍ଧାର କରିବ; ଏବଂ ନିଜର ଅମର କୀର୍ତ୍ତି ସଂସାରରେ ସ୍ଥାପନ କରିବ ।''

## ଜନ୍ମ ତଥା ବାଲ୍ୟାବସ୍ଥା

କିଛି ଦିନ ପରେ ଦୁର୍ଗାପ୍ରସାଦଙ୍କ ପତିବ୍ରତା ଧର୍ମପତ୍ନୀଙ୍କର ଗର୍ଭଧାରଣ ହେଲା । ତାଙ୍କ ଶରୀରରେ ଗୋଟିଏ ଅଲୌକିକ ତେଜଃ (କାନ୍ତି) ପ୍ରକାଶିତ ହେଲା । ଘରର ଲୋକେ ଅନୁମାନ କଲେ ସମ୍ଭବତଃ ମହାତ୍ମାଙ୍କ ଆଶୀର୍ବାଦ ଫଳରୁ ଏହି ଗର୍ଭରୁ ପରମ ଭାଗବତ ପୁତ୍ର ଉତ୍ପନ୍ନ ହେବ । ଗର୍ଭବୃଦ୍ଧି ସଙ୍ଗେ ସଙ୍ଗେ କ୍ରମଶଃ ଘରର ସୁଖ ସମ୍ପଦ ବୃଦ୍ଧି ହେବାକୁ ଲାଗିଲା । ଶ୍ରାବଣ ଶୁକ୍ଳ ତୃତୀୟା ସମ୍ବତ୍ ୧୮୬୭, ଗୁରୁବାର ମଧ୍ୟାହ୍ନ କାଳରେ ବାବା ରଘୁନାଥ ଦାସଜି ମହାରାଜ ମାତାଗର୍ଭରୁ ଜନ୍ମଗ୍ରହଣ କଲେ । ଘର, ଗ୍ରାମ ଆନନ୍ଦରେ ଉଚ୍ଛୁଳି ପଡ଼ିଲା । ତାଙ୍କ ଘରେ ଜନ୍ମୋତ୍ସବ ବିଶେଷଭାବେ ପାଳନ କରାଗଲା । ସମାଜର ବିଧିବିଧାନ ଅନୁସାରେ ଷଷ୍ଠୀ, ବାରରାତ୍ରି ଯଥାବିଧିରେ ପାଳିତ ହୋଇ ପୁତ୍ରର ନାମ ରଘୁନାଥ ରଖାଗଲା ।

ରଘୁନାଥଙ୍କ ଶରୀର ଅତ୍ୟନ୍ତ ସୁନ୍ଦର, ଗୌରବର୍ଣ୍ଣ । ଶରୀର ବୃଦ୍ଧି ସଙ୍ଗେ ସଙ୍ଗେ ବଢ଼ିବାକୁ ଲାଗିଲା ବାଲ୍ୟଚପଳତା । ଦେଖିବା ଲୋକର ମନ ମୁଗ୍ଧ । ବାଲ୍ୟଚପଳ-ଲୀଳାରେ ଘର ତଥା ଗ୍ରାମର ଲୋକେ ଆନନ୍ଦରେ ବିଭୋର ।

ପ୍ରଭାବଶାଳୀ ପୁରୁଷଙ୍କ ବ୍ୟକ୍ତିତ୍ୱର ପରିଚୟ ବାଲ୍ୟାବସ୍ଥାରୁ ମିଳେ । ବାଲ୍ୟାବସ୍ଥାରେ ଖେଳିବା ସମୟରେ ତାଙ୍କ ସାଥୀ ବାଳକମାନେ ତାଙ୍କ ନିର୍ଦ୍ଦେଶ ପାଳନ କରନ୍ତି । ସେ ନିଜ ସାଥୀଙ୍କ ସଙ୍ଗେ ଖେଳିବା ସମୟରେ ସେମାନଙ୍କ ସଙ୍ଗେ ସୀତାରାମ ନାମକୀର୍ତ୍ତନ ଉଚ୍ଚ ସ୍ୱରରେ କରନ୍ତି । ଏବଂ କୀର୍ତ୍ତନ ପରେ ପଦ୍ମାସନରେ ବସି ଏକେବାରେ ଧ୍ୟାନମଗ୍ନ ହୋଇଯାନ୍ତି । ତାଙ୍କ ସାଥୀ ପିଲାମାନେ ପ୍ରଥମ କେତେଦିନ ତ' ଆଶ୍ଚର୍ଯ୍ୟ ହୋଇଗଲେ । ପରେ କ୍ରମଶଃ ବୁଝିପାରି ରଘୁନାଥଙ୍କୁ ଶ୍ରଦ୍ଧା ଓ ଭକ୍ତି କରିବାକୁ ଲାଗିଲେ । ଏହି ଘଟଣା କ୍ରମଶଃ ସମସ୍ତ ଗ୍ରାମରେ ବ୍ୟାପ୍ତ ହୋଇଗଲା । ଲୋକେ ଭାବିଲେ ସନ୍ଥଙ୍କ ଆଶୀର୍ବାଦ ସତ୍ୟରେ ପରିଣତ ହେଲା, ରଘୁନାଥ ଦିନେ ପରମ ସନ୍ଥ ହେବ ଏବଂ ବହୁତ ପ୍ରାଣୀଙ୍କୁ ଭବସାଗରରୁ ଉଦ୍ଧାର କରିବ ।

ଉପଯୁକ୍ତ ସମୟରେ ରଘୁନାଥଙ୍କୁ ତାଙ୍କ ପିତା ପାଠଶାଳାକୁ ପଠାଇଲେ । ତାଙ୍କ ବୁଦ୍ଧି କୁଶାଗ୍ର ଥିଲା । କିନ୍ତୁ ତାଙ୍କ ମନ ଶ୍ରୀସୀତାରାମଙ୍କ ଚରଣ-କମଳ-ରସାସ୍ୱାଦନରେ ଏପରି ମୁଗ୍ଧ ଥିଲା ଯେ ତାଙ୍କୁ ପଢ଼ିବାକୁ ଭଲ ଲାଗୁ ନ ଥିଲା । ସେଥିଯୋଗୁଁ ସେ ବେଶୀ ପଢ଼ିପାରି ନ ଥିଲେ । ତଥାପି ବାଲ୍ୟାବସ୍ଥାରୁ ଘର ଓ ଗ୍ରାମର ବୟୋବୃଦ୍ଧ ବ୍ୟକ୍ତି ତାଙ୍କ ପରାମର୍ଶକୁ ଅମାନ୍ୟ କରୁ ନ ଥିଲେ । ତାଙ୍କ ଘରର ପରମ୍ପରା ଅନୁସାରେ ତାଙ୍କ ପୂର୍ବପୁରୁଷମାନେ ପାଞ୍ଚକଳସ ଚିନି ସରବତ୍ ଓ ନାନା ପ୍ରକାର ମିଷ୍ଟାନ୍ନ ଦେଇ ତାଜିଆକୁ ପୂଜା କରୁଥିଲେ । ରଘୁନାଥ ଏ ଘଟଣା ଦେଖି ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତାଙ୍କୁ କହିଲେ, ''ନିଜ ଧର୍ମର ଇଷ୍ଟ ଶ୍ରୀରାମଚନ୍ଦ୍ରଙ୍କୁ ଛାଡ଼ି ଅନ୍ୟ ଧର୍ମର ଇଷ୍ଟଙ୍କୁ ପୂଜା କରିବା ଉଚିତ ନୁହେଁ । କୀର୍ତ୍ତନ କର, ଏହି ସରବତ୍ ଆଉ ମିଷ୍ଟାନ୍ନକୁ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ନିବେଦନ କରି ତାଙ୍କ ପ୍ରସାଦ ସେବନ କର । ଆଜିଠାରୁ ଆଉ ତାଜିଆ ପୂଜା କର ନାହିଁ ।'' ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତା ଥିଲେ ବିଦ୍ୱାନ୍ ପଣ୍ଡିତ । ବହୁତ ସମୟରେ କେତେକ ବିଦ୍ୱାନ୍ ଲୋକ ପୂର୍ବ ପନ୍ଥାକୁ କାଏମ ରଖିବାକୁ ଶାସ୍ତ୍ରର ଆଶ୍ରୟ ନିଅନ୍ତି । ସେ କହିଲେ, ''ଏକ ଈଶ୍ୱର ନାନାରୂପେ ପ୍ରଘଟ ହୋଇ ଅଛନ୍ତି, ଇଷ୍ଟରେ ପ୍ରଭେଦ କରିବା ଅଜ୍ଞାନତାର କାରଣ; ଅତଏବ ତାଜିଆ ପୂଜା କରିବା ଆମ୍ଭ ଇଷ୍ଟନିଷ୍ଠାର ବିରୋଧୀ ନୁହେଁ ।''

ରଘୁନାଥ ଉତ୍ତର ଦେଲେ, ''ସମାଜ-ଧର୍ମ ଓ ନୀତି ଦେଶ, କାଳ, ପାତ୍ର ଅନୁସାରେ ନିର୍ଦ୍ଧାରିତ ହୁଏ । ବର୍ତ୍ତମାନ କାଳରେ ଇଷ୍ଟ ଏବଂ ଧର୍ମରେ ସୀମିତ ନିଷ୍ଠାର ଆବଶ୍ୟକ । ଅନ୍ୟଥା ଈଶ୍ୱର ଏକ, ଏହି ବାକ୍ୟ-ଜ୍ଞାନକୁ ଆଶ୍ରୟ କରି

ତାଜିଆ ପୂଜା ଦ୍ୱାରା ହିନ୍ଦୁମାନଙ୍କୁ ମୁସଲମାନ ହେବାରେ ପ୍ରଶ୍ରୟ ମିଳିବ । ଏହି ଆଚରଣ ସମାଜର ବିରୋଧୀ । ଈଶ୍ୱର ଏକ— ଏହା ଏକେବାରେ ସତ୍ୟ । କିନ୍ତୁ ଏହା ବାକ୍ୟ-ଜ୍ଞାନରେ ନୁହେଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହି ଜ୍ଞାନ ପ୍ରାପ୍ତ କରିବା ପରେ ଯଦି ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ ନ କରି ସମାଜରେ ରହେ, ତେବେ ତାକୁ ସମାଜର ଆଦର୍ଶ ଏବଂ ଶୃଙ୍ଖଳା ବଜାୟ ରଖିବାକୁ, ସମାଜର ନିୟମ ମଧ୍ୟ ପାଳନ କରିବାକୁ ହୁଏ ।'' ବାଳକ ରଘୁନାଥଙ୍କ କଥା ଯୁକ୍ତିଯୁକ୍ତ ଜାଣି ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତା ଏହି ପରାମର୍ଶ ସ୍ୱୀକାର କଲେ ।

## ଯୌବନ ଅବସ୍ଥା ଏବଂ ବିବାହ

ଏବେ ରଘୁନାଥ ବାଲ୍ୟାବସ୍ଥାକୁ ଅତିକ୍ରମ କରି କୈଶୋର ଏବଂ ତତ୍ପରେ ଯୌବନ ଅବସ୍ଥାକୁ ପ୍ରାପ୍ତ ହେଲେ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ସାଂସାରିକ ଯୋଗ୍ୟତା ଏବଂ ଭଗବତ୍ ଭକ୍ତି ଉଭୟ ବିକଶିତ ହେବାକୁ ଲାଗିଲା । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟ ଯେଉଁ ଭୌତିକ ଜ୍ଞାନ, କର୍ମକୌଶଳ, ନାମଯଶଃ ପ୍ରାପ୍ତି କରେ ତାହା ଅପୂର୍ଣ୍ଣ, ଅଶୁଦ୍ଧ, ଭ୍ରାନ୍ତିଯୁକ୍ତ ହୁଏ । ବହୁତ ସମୟରେ ତାହା ମନୁଷ୍ୟକୁ କୁମାର୍ଗରେ ପ୍ରେରିତ କରେ । ରଘୁନାଥଙ୍କର ଇଚ୍ଛା ନ ଥିବା ସତ୍ତ୍ୱେ ପୂର୍ବ ସଂସ୍କାର ଯୋଗୁଁ ପିତାମାତା ଏବଂ ଗୁରୁଜନଙ୍କ ଆଗ୍ରହରେ ସେ ଏକ ରୂପଶୀଳା, ଗୁଣଯୁକ୍ତା, ସୁଲକ୍ଷଣା କନ୍ୟାର ପାଣିଗ୍ରହଣ କଲେ । ରଘୁନାଥଙ୍କୁ ଘରର ପ୍ରତ୍ୟେକ ବ୍ୟକ୍ତି ନିଜ ସନ୍ତାନଠାରୁ ଅଧିକ ସ୍ନେହ କରନ୍ତି । ତେଣୁ ତାଙ୍କ ବିବାହ ବହୁ ସମାରୋହରେ କରାଗଲା । ତାଙ୍କ ପରିବାରର ବ୍ୟକ୍ତି ତାଙ୍କୁ ବିଷୟରଜ୍ଜୁରେ ବାନ୍ଧି ଦେଲେ ଏବଂ ତାଙ୍କଠାରୁ ବିୟୋଗ ହେବାର ଯେଉଁ ଆଶଙ୍କା ଥିଲା, ସେଥିରୁ ମୁକ୍ତ ହେଲେ ବୋଲି ମନେକଲେ ।

ମାତ୍ର, ଯେ ଥରେ ଭଗବତ୍ ପ୍ରେମାମୃତ ଆସ୍ୱାଦନ କରେ, ତାକୁ ବିଷୟ-ବନ୍ଧନ ସ୍ଥାୟିରୂପେ ବାନ୍ଧି ରଖିପାରେ ନାହିଁ । ରଘୁନାଥ ପରମା ସୁନ୍ଦରୀ ସଦ୍‌ଗୁଣବତୀ ସ୍ତ୍ରୀ ପାଇ ମଧ୍ୟ ସେଥିରେ ସୁଖୀ ହେଲେ ନାହିଁ । ଯେଉଁ ବିଷୟ-ସୁଖ ସକାଶେ ସଂସାରର ଲୋକ ପାଗଳ, ସେହି ସୁଖ ଜଣେ ଭଗବତ୍ ଭକ୍ତକୁ ଆବଦ୍ଧ କରି ରଖିପାରିଲା ନାହିଁ । ସେ ବାରଂବାର ଭାବିବାକୁ ଲାଗିଲେ ଯେଉଁ ଶରୀରର ଚର୍ମ ତଳେ ମାଂସ, ରକ୍ତ, ବିଷ୍ଠା ପରିପୂର୍ଣ୍ଣ, ଯେଉଁ ଚର୍ମ ଦୂର କରିଦେଲେ ସେହି ଶରୀର ଦେଖିବାକୁ ଘୃଣା ଲାଗେ; ତାହା ସକାଶେ ଜୀବନର ଉଦ୍ଦେଶ୍ୟ ଓ ପରମ ସୁଖକୁ ଜଳାଞ୍ଜଳି ଦେବା କେତେ ବଡ଼ ମୂର୍ଖତା ! ଏହା ଭାବି ସଂସାର ତ୍ୟାଗ କରି ଗଙ୍ଗାକୂଳରେ ଏକାନ୍ତରେ ସାଧନା କରିବାକୁ ସେ ସ୍ଥିର କଲେ । ବିବାହର ଖୁବ୍ ଅଳ୍ପଦିନ ପରେ ନବବିବାହିତା, ସୁକୁମାରୀ, ପତିପରାୟଣା ସୁନ୍ଦରୀ ପତ୍ନୀକୁ କିଛି ନ କହି, ପିତା, ମାତା ଏବଂ ପରିବାରର ଅନ୍ୟାନ୍ୟ ବ୍ୟକ୍ତିଙ୍କ ଅଜ୍ଞାତରେ ଦିନେ ପ୍ରାତଃକାଳରେ ଗୃହତ୍ୟାଗ କରି ଗଙ୍ଗାଭିମୁଖେ ଯାତ୍ରା କଲେ ।

## ଗୃହତ୍ୟାଗ

କିଛିଦୂର ଯିବା ପରେ ଦୁଇଜଣ ସହପାଠୀ ମିତ୍ରଙ୍କ ସଙ୍ଗେ ତାଙ୍କର ଦେଖାହେଲା । ସେମାନଙ୍କୁ ନିଜ ମିତ୍ର ଜାଣି ସେମାନଙ୍କ ଆଗ୍ରହ ଓ ପ୍ରଶ୍ନର ଉତ୍ତରରେ ସେ ନିଜର ଯାତ୍ରାର ଅଭିପ୍ରାୟ କହିଦେଲେ । ସେମାନେ ଶୁଣିବା ମାତ୍ରେ ଶୀଘ୍ର ଯାଇ ରଘୁନାଥଙ୍କ ପିତାମାତାଙ୍କୁ ଖବର ଦେଇଦେଲେ । ଏହି ହୃଦୟବିଦୀର୍ଣ୍ଣକାରୀ ଖବର ଘରେ ଓ ଗ୍ରାମରେ ବ୍ୟାପିଗଲା । ଘର ଓ ଗ୍ରାମର ଲୋକମାନେ ବ୍ୟାକୁଳ ହୋଇ ଅଶ୍ରୁପୂର୍ଣ୍ଣ ନେତ୍ରରେ ରଘୁନାଥଙ୍କୁ ଫେରାଇ ଆଣିବା ସକାଶେ ତାଙ୍କ ମାର୍ଗ ଅନୁସରଣ କଲେ । ଛୋଟ ଛୋଟ ବାଳକ ଓ ଘରର ଅନ୍ୟାନ୍ୟ ବୋହୂମାନେ ଘରୁ ନ ବାହାରି ରଡ଼ିଛାଡ଼ି ରୋଦନ କଲେ । କିନ୍ତୁ ନବବିବାହିତା ଧର୍ମପତ୍ନୀର ଅବସ୍ଥା କ'ଣ ? ଅବଳା ସବୁ ସମୟରେ ଅବଳା । ତା'ର ଆଶ୍ରୟ କେଉଁଠି ? କିଶୋର ଅବସ୍ଥା ପର୍ଯ୍ୟନ୍ତ ପିତାମାତାଙ୍କର ଆଶ୍ରିତା, ତା'ର ସମସ୍ତ ଆଶା ଭରସା ପିତାମାତା । ଯେଉଁ ପିତାମାତା ତା'ର ରକ୍ଷକ, ଯାହାଙ୍କ ପାଖରେ ତା'ର ହୃଦୟ ଉନ୍ମୁକ୍ତ, ଯେଉଁମାନଙ୍କର କଳିଜାର ସେ ଏକ ଅଂଶବିଶେଷ, ତାଙ୍କ ସ୍ନେହର ସଙ୍ଗାଳି,

ହଠାତ୍ ଦିନେ ସେମାନଙ୍କଠାରୁ ତ୍ୟକ୍ତା ଓ ନିର୍ବାସିତା । ସେହି ଅବସ୍ଥା କିପରି ଦାରୁଣ ! ତାହା କିପରି ହୃଦୟବିଦାରକ ଦୁଃଖ ! ହାୟରେ ଦାରୁଣ ନିର୍ଦ୍ଦୟ ବିଧାତା ! ତୋତେ ଏତିକିରେ ସନ୍ତୋଷ ହେଲା ନାହିଁ; ଯେ ମୃତ ତାକୁ ପୁଣି ବିଷ ଦେବାରେ ତୁ ଟିକିଏ ପାଶ୍ଚାତ୍‌ପଦ ହେଲୁ ନାହିଁ ! ବିଚାରୀ ଅବଳାର ପିତାମାତାଙ୍କ ବିଚ୍ଛେଦରେ ହୃଦୟ ଫାଟି ଯେଉଁ ସଦ୍ୟ ଘା' ହୋଇଥିଲା, ତାହା ସେପର୍ଯ୍ୟନ୍ତ ଶୁଖି ନ ଥିଲା । ନୂତନ ଆଶ୍ରୟଦାତା, ଜୀବନସାଥୀ, ହୃଦୟଦେବତା ପତିଙ୍କର ତୁ ବିଚ୍ଛେଦ କରାଇ ସେହି ସଦ୍ୟ ଘା'ରେ ଲବଣ ପକାଇଦେଲୁ ! ଅବଳା କ'ଣ ତୋର ଚିରଶତ୍ରୁ ? ତା'ପ୍ରତି ତୋର ଟିକିଏ ହେଲେ ଦୟା ନ ଥାଏ ? ସମସ୍ତେ ରଘୁନାଥଙ୍କୁ ଫେରାଇବାକୁ ଦୌଡ଼ି ଆସିଲେ । ବୋହୂ ବିଚାରୀ କ'ଣ କରିବ ? ସେ କ'ଣ ସମସ୍ତଙ୍କ ପରି ଦୌଡ଼ିଯାଇ ତା'ର ହୃଦୟଦେବତାର ମୁଖପଦ୍ମ ଥରେ ତୃପ୍ତ ନେତ୍ରରେ ଦେଖି ତା'ର ହୃଦୟାଗ୍ନିକୁ ଶୀତଳ କରିପାରିବ ? ଆରେ ନିଷ୍ଠୁର ସମାଜ ! ନିରାଶ୍ରୟା ଅବଳା ପ୍ରତି ତୋର ଏତେ ନୃଶଂସତା ? ଯିଏ ତା'ର ପ୍ରାଣର ଈଶ୍ୱର, ଯାହାର ଚରଣରେ ସେ ତନ, ମନ ସର୍ବସ୍ୱ ଅର୍ପଣ କରିଛି, ତା'ର ଅନ୍ତିମ ବିଚ୍ଛେଦରେ ଥରେ ତାକୁ ଦେଖିବା ସକାଶେ ଘରୁ ବାହାରିବାକୁ ତୋର ନିଷେଧାଜ୍ଞା ! ଏହି ଖବର ଶୁଣିବାମାତ୍ରେ ପ୍ରଜ୍ୱଳିତ ବିୟୋଗାଗ୍ନିରେ ତା'ର ଚେତନା ଶୂନ୍ୟ ହୋଇଗଲା । ସେ ଗଛ କାଟିଲା ପରି ମୂର୍ଚ୍ଛିତା ହୋଇ ଭୂମିରେ ପଡ଼ିଗଲା । ତାକୁ ସଚେତ କରାଇବା ବ୍ୟକ୍ତି ମଧ୍ୟ କେହି ନ ଥିଲେ ।

କିଛି ସମୟପରେ ପିତା, ମାତା-ପିତାଙ୍କ ଜ୍ୟେଷ୍ଠଭ୍ରାତା ଏବଂ ଘର ଓ ଗ୍ରାମର ଅନ୍ୟାନ୍ୟ ବ୍ୟକ୍ତିମାନେ ରଘୁନାଥଙ୍କୁ ଭେଟି ତାଙ୍କୁ ଘେରିଯାଇ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ସେଠାରେ କାହାରି ମୁଖରେ ପଦେ କଥା ନାହିଁ, ସମସ୍ତଙ୍କ ମୁଖରେ ହୃଦୟବିଦାରକ ଶୋକାର୍ତ୍ତନାଦ, ନେତ୍ରରେ ତପ୍ତ ଅଶ୍ରୁଜଳ । ସେହି ଶୋକାର୍ତ୍ତ କୋଳାହଳ ଯୋଗୁଁ ନିକଟବର୍ତ୍ତୀ ଗ୍ରାମବାସୀ ଓ ପଥିକମାନେ ସେଠାରେ ଏକତ୍ର ହୋଇଗଲେ । ସମସ୍ତେ ଏକ ସ୍ୱରରେ କହିଲେ, ''ରଘୁନାଥ, ଆମ୍ଭମାନଙ୍କ ପ୍ରାଣ ସଙ୍ଗରେ ନେଇ ଶରୀର ଏଠାରେ ଛାଡ଼ିଯାଅ ନାହିଁ, ଘରକୁ ଫେରିଚାଲ ।'' ଯଦ୍ୟପି ଗୁରୁଜନ, ପିତାମାତା, ଭାଇ, ଭଉଣୀ, ସାଙ୍ଗସାଥୀମାନଙ୍କର ଅପାର ମୋହ, ଅସାଧାରଣ ସ୍ନେହମମତା ବନ୍ଧନ ଆଉ ସେମାନଙ୍କ ଦୈନ୍ୟ, କରୁଣ କ୍ରନ୍ଦନ ହୃଦୟକୁ ଦ୍ରବିତ କରି ଦେଉଥିଲା, ତଥାପି ରଘୁନାଥଙ୍କ ବୈରାଗ୍ୟ ଆଉ ଦୃଢ଼ ନିଶ୍ଚୟତାକୁ ତାହା ଭଙ୍ଗ କରିପାରିଲା ନାହିଁ । ଯାହାର ଯଥାର୍ଥ ଜ୍ଞାନ ଉଦୟ ହୋଇଛି, ଯେ ସଂସାରର କ୍ଷଣସ୍ଥାୟୀ ସ୍ୱପ୍ନତୁଲ୍ୟ ପରିବାର, ସାଙ୍ଗସାଥୀଙ୍କର ସ୍ୱରୂପକୁ ଜାଣିଛି, ଯେ କୁହୁକରୂପୀ ମୋହମାୟାକୁ ଭେଦ କରି, ତା' ପଶ୍ଚାତରେ ଥିବା ସତ୍ୟର ଦର୍ଶନ କରିଛି, ତାକୁ ପରିବାର, ସ୍ତ୍ରୀ, ପୁତ୍ରାଦିର ଆସକ୍ତି ବାନ୍ଧିପାରେ ନାହିଁ ।

ସେମାନେ ନିଜନିଜ ଶକ୍ତି ଅନୁସାରେ କହି ପୁଣି ବୁଝାଇ ରଘୁନାଥଙ୍କୁ ଘରକୁ ଫେରାଇ ନେବାକୁ ଖୁବ୍ ଆଗ୍ରହ ପ୍ରକାଶ କଲେ । କିନ୍ତୁ ରଘୁନାଥ ସେଥିରେ ସମ୍ମତ ନ ହୋଇ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ''ମୁଁ ଗଙ୍ଗାସ୍ନାନ କରି କିଛିଦିନ ପରେ ଫେରିଆସିବି । ସେମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରଘୁନାଥଙ୍କ ସଙ୍ଗେ ତାଙ୍କ ପିତାଙ୍କ ଭ୍ରାତୁଷ୍ପୁତ୍ର ମଥୁରାପ୍ରସାଦଙ୍କୁ ପଠାଇବାକୁ ବହୁତ ଆଗ୍ରହ ପ୍ରକାଶ କଲେ । ସେମାନଙ୍କ ଆଗ୍ରହ ସ୍ୱୀକାର କରି ସେମାନଙ୍କଠାରୁ ବିଦା ହୋଇ ସେ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କଲେ । କୌଣସି ଉପାୟରେ ମଥୁରାପ୍ରସାଦଙ୍କୁ ଫେରାଇଦେବାକୁ ଭାବି, କିଛି ସ୍ଥିର କରି ନ ପାରି ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରି ରାତ୍ରିରେ ଗୋଟିଏ ଗ୍ରାମରେ ନିଦ୍ରାମଗ୍ନ ହେଲେ । ଶ୍ରୀ ହନୁମାନ୍, ଶ୍ରୀରାମଙ୍କ ଅନନ୍ୟ ଭକ୍ତ, ସର୍ବଦା ରାମଭକ୍ତଙ୍କ ସହାୟକ । ସେ ସ୍ୱପ୍ନରେ ରଘୁନାଥଙ୍କୁ କହିଲେ, ''ଇଂରେଜ ସେନାନାୟକ ରାପଟ୍ ସାହେବଙ୍କ କ୍ୟାମ୍ପରେ ଚାକିରି କର, ଏଥିରେ ତୋର ଭବିଷ୍ୟତ୍ ମାର୍ଗ ସଫା ହୋଇଯିବ ।'' ସ୍ୱପ୍ନ ପରେ ବହୁତ ଆନନ୍ଦ ହୋଇ ଅତି ତ୍ୱରାରେ ରାପଟ୍ ସାହେବଙ୍କ କ୍ୟାମ୍ପକୁ ଯାଇ ସେଠାରେ ଚାକିରି କଲେ । ରାପଟ୍ ସାହେବଙ୍କ ଅନୁମତିରେ ଜଣେ ସିପାହି ସଙ୍ଗରେ ଭାଇ ମଥୁରାପ୍ରସାଦଙ୍କୁ ଫେରାଇ ଦେଲେ । ରାପଟ୍ ସାହେବ ସେନାନାୟକ ହେବା ସତ୍ତ୍ୱେ ଖ୍ରୀଷ୍ଟାନ୍ ଧର୍ମର ଜଣେ ଭକ୍ତ ଥିଲେ । ସେ ନିଜେ କ୍ୟାମ୍ପରେ ସୈନିକମାନଙ୍କୁ ଧାର୍ମିକ କୃତ୍ୟ ସ୍ୱଚ୍ଛନ୍ଦରେ କରିବାକୁ ଅନୁମତି ଏବଂ ଉତ୍ସାହ ଦେଉଥିଲେ । ସୁତରାଂ ଅଧିକାଂଶ ସୈନିକ ସରକାରୀ କାର୍ଯ୍ୟରୁ ନିବୃତ୍ତ ହେବା ମାତ୍ରେ ଧ୍ୟାନ, ଜପ, ରାମାୟଣ ଚର୍ଚ୍ଚା ଆଉ କୀର୍ତ୍ତନରେ ଲାଗି ଯାଉଥିଲେ ।

## ସୈନିକଜୀବନ ଏବଂ ଦୀକ୍ଷାପ୍ରାପ୍ତି

ଆଜିକାଲି ପରି ସେତେବେଳେ ସୈନିକମାନଙ୍କର ବହୁତ କାର୍ଯ୍ୟ ନ ଥିଲା । ଦିନରାତି ମଧ୍ୟରେ ଦୁଇଘଣ୍ଟା ପହରା, ଦୁଇ, ତିନି ଘଣ୍ଟା ଯୁଦ୍ଧବିଦ୍ୟା ଅଧ୍ୟୟନ ଓ କସରତ କରିବାକୁ ହେଉଥିଲା । ଏହି ସୁବିଧା ଥିବା ଯୋଗୁଁ ସାଧନା କରିବାକୁ ରଘୁନାଥ ସମୟ ପାଇଲେ ଏବଂ ତାଙ୍କ ସାଧନା ବହୁତ ଅଗ୍ରସର ହେଲା । କିଛିଦିନ ମଧ୍ୟରେ ତାଙ୍କ ସତ୍‌କର୍ମ, ନିଷ୍ଠା ଆଉ ଭଗବତ୍ ଭକ୍ତି ସୈନିକ ଓ ସେନାନାୟକଙ୍କୁ ମୁଗ୍ଧ କରିଦେଲା । ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଗଲେ । ଯେ ଭଗବାନଙ୍କର ପ୍ରିୟ ସେ ସମସ୍ତ ପ୍ରାଣୀଙ୍କର ମଧ୍ୟ ପ୍ରିୟ ।

ରଘୁନାଥ ଚାକିରି କରିବାର ଆଠମାସ ପରେ, ଏକମାସ କୋଡ଼ିଏ ଦିନ ଛୁଟି ନେଇ ଆଉ ଚାରି, ପାଞ୍ଚ ଜଣ ସାଥୀଙ୍କୁ ନେଇ ପ୍ରୟାଗର (ମାଘ ମାସ) କୁମ୍ଭମେଳାକୁ ଗଲେ । ରାସ୍ତାରେ କେତେଦିନ ଅତିବାହିତ କରି ସେ ପ୍ରୟାଗରେ ପହଞ୍ଚିଲେ । ସେଠାରେ ତ୍ରିବେଣୀ ସ୍ନାନ କଲେ; ହଜାର ହଜାର ଊର୍ଦ୍ଧ୍ୱପୁଣ୍ଡ୍ର, ତିଳକ, ତୁଳସୀମାଳା, ଗେରୁଆବସ୍ତ୍ର, ଦଣ୍ଡଧାରୀ, ତ୍ରିପୁଣ୍ଡ୍ର ରୁଦ୍ରାକ୍ଷମାଳାଧାରୀ ସାଧୁ, ସନ୍ଥମାନଙ୍କୁ ଦର୍ଶନ କରି ଆନନ୍ଦରେ ବିଭୋର ହୋଇଗଲେ । ମୌନୀ ବଳଦେବ ଦାସ ନାମକ ଜଣେ ଅଯୋଧ୍ୟାବାସୀ ସିଦ୍ଧ ସନ୍ଥଙ୍କଠାରୁ ସେ ମନ୍ତ୍ରଦୀକ୍ଷା ଗ୍ରହଣ କଲେ । ଗୁରୁଦେବ ତାଙ୍କ ନାମ ରଖିଲେ ରଘୁନାଥ ଦାସ । ସେ ଗୁରୁଦେବଙ୍କ ସେବାରେ ଏକମାସ ରହି ତାଙ୍କଠାରୁ ଆଜ୍ଞା ପ୍ରାପ୍ତ କରି ରାପଟ୍ ସାହେବଙ୍କ କ୍ୟାମ୍ପ୍‌କୁ ଫେରି ଆସିଲେ ।

ଗୁରୁଦୀକ୍ଷା ପ୍ରାପ୍ତ କରିବା ପରେ ରଘୁନାଥଙ୍କ ରାମଭକ୍ତି, ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ସବୁସମୟରେ ଶ୍ରୀସୀତାରାମଙ୍କ ରୂପମାଧୁରୀରେ ନିମଗ୍ନ ରହିଲେ । ହୃଦୟରେ ଶ୍ରୀସୀତାରାମଙ୍କ ରୂପ, ମୁଖରେ ତାଙ୍କ ନାମଜପ, ଶରୀରରେ କର୍ମ ଏବଂ ନିୟମିତରୂପେ ପ୍ରତିଦିନ ଦୁଇଘଣ୍ଟା ତୁଳସୀକୃତ ରାମାୟଣର ଅର୍ଥ ଚର୍ଚ୍ଚା କରୁଥିଲେ । ସଂଧ୍ୟାରେ ଧ୍ୟାନ କରିବା ପରେ ଭୋଜନ କରି ରାତ୍ରି ବାରଟା ପର୍ଯ୍ୟନ୍ତ ରାମାୟଣ ପଢୁଥିଲେ । ରାତ୍ରି ବାରଟାରୁ ଦୁଇଟା ପର୍ଯ୍ୟନ୍ତ ତାଙ୍କର କ୍ୟାମ୍ପ୍‌ରେ ପହରାଦେବା କାମ ଥିଲା ।

## ରଘୁନାଥରୂପେ ଶ୍ରୀରାମଙ୍କ ପହରା

ଦିନେ ସାଧୁମାନଙ୍କର ଜମାଉତ ଆସି କ୍ୟାମ୍ପ୍‌ର କିଛି ଦୂରରେ ଗୋଟିଏ ପୁଷ୍କରିଣୀ କୂଳରେ ଅବସ୍ଥାନ କଲା । ଯେ ସ୍ୱୟଂ ଭକ୍ତ, ଭଗବତ୍ ଭକ୍ତ ତାଙ୍କର ପ୍ରାଣରୁ ପ୍ରିୟ । ରଘୁନାଥ ଏ ଖବର ପାଇ ଦିନେ ସନ୍ଧ୍ୟା ସମୟରେ ସାଧୁମାନଙ୍କ ପାଖକୁ ଦର୍ଶନ କରିବାକୁ ଗଲେ । ସେଦିନ କୌଣସି ଉତ୍ସବ ଉପଲକ୍ଷେ ସନ୍ଥମାନେ ସମସ୍ତ ରାତ୍ରି ଜାଗ୍ରତ୍ ରହି ସତ୍‌ସଙ୍ଗ ଏବଂ ରାମାୟଣ ଚର୍ଚ୍ଚାର ବ୍ୟବସ୍ଥା କରିଥିଲେ । ସେଠାରେ ରଘୁନାଥ ସତ୍‌ସଙ୍ଗ ଆଉ ରାମାୟଣ ଚର୍ଚ୍ଚା ଶୁଣି ଭଗବତ୍ ପ୍ରେମରେ ବିଭୋର ହୋଇ ପହରାଦେବା କଥା ଏକେବାରେ ଭୁଲିଗଲେ । ଆଉ ସନ୍ଥମାନଙ୍କ ସତ୍‌ସଙ୍ଗ ସମାପ୍ତ ହେବା ପରେ ପହରାଦେବାର ସମୟ ବ୍ୟତୀତ ହୋଇଯିବା ଦେଖି ରଘୁନାଥ ବହୁତ ବ୍ୟସ୍ତ ହୋଇପଡ଼ିଲେ । ସୂଚନା ନ ଦେଇ କାର୍ଯ୍ୟରେ ଅନୁପସ୍ଥିତ ରହିବା ସୈନିକର ବି ଅପରାଧ । ସେଥିପାଇଁ ସେ ବହୁତ ଚିନ୍ତିତ ହୋଇ ତାଙ୍କର ପହରାଦାର ସାଥୀଙ୍କୁ କହିଲେ, ''ଭାଇ, ରାତ୍ରି ପହରାରେ ମୁଁ ହାଜିର ହୋଇପାରିଲି ନାହିଁ ।'' ସାଥୀଜଣଙ୍କ ଆଶ୍ଚର୍ଯ୍ୟ ହୋଇ କହିଲେ, ''ବୋଧହୁଏ କାଲି ରାତ୍ରିରେ ଭକ୍ତିରେ ବିଭୋର ଥିଲ, ତେଣୁ ଏପରି କହୁଛ । ପ୍ରତିଦିନ ତୁମେ ରାମାୟଣ ପଢ଼ିବା ପରେ କାହାରି ବିନା ଡାକରେ ପହରା ଦେବାକୁ ଆସ । କାଲି ରାମାୟଣ ପଢ଼ିବା ଛାଡ଼ି ତୁମେ ଶୋଇପଡ଼ିଥିଲ, ମୁଁ ଆସି ଡାକିବାରୁ ସୀତାରାମ ନାମ ଜପ କରି ଉଠିଲ, ଆଉ ନିଜ ପୋଷାକ, ଜୋତା ପିନ୍ଧି, ଟୋପି ଲଗାଇ ବନ୍ଧୁକ ସହ ଯାଇ ପହରା ଦେଲ ।'' ଅନ୍ୟ ଦୁଇଜଣ କହିଲେ, ''ତୁମ୍ଭେ ଆମ୍ଭ ସ୍ଥାନରେ ପହରାଦେବାରୁ ଆମ୍ଭେମାନେ କାର୍ଯ୍ୟରୁ ନିବୃତ୍ତ ହୋଇ ସେଠାରୁ ଆସିଗଲୁ ।'' ଏକଥା ଶୁଣି ରଘୁନାଥ ଚୁପ୍ ହୋଇଗଲେ । ସେ ମନେ ମନେ ଭାବିଲେ ଯେ ଏହି

କୃତ ତାଙ୍କ ପ୍ରଭୁଙ୍କର । ନିଜ ସମ୍ମାନ ବୃଦ୍ଧି ହେବା ଭୟରେ ସେ ଚର୍ଚ୍ଚା ସେତିକିରେ ସମାପ୍ତ କଲେ । ଭଗବାନଙ୍କର ଯେ ଅନନ୍ୟ ଭକ୍ତ ସେ ଯଶଃ ଚାହେଁ ନାହିଁ, କିନ୍ତୁ ଭଗବାନ୍ ନିଜ ଭକ୍ତକୁ ଯଶଃ ନ ଦେଇ ସନ୍ତୁଷ୍ଟ ହୋଇ ରହିପାରନ୍ତି ନାହିଁ ।

ସନ୍ଥମାନଙ୍କ ଜମାଉତ ବର୍ତ୍ତମାନ ଅଛି । ରଘୁନାଥ ସରକାରୀ କାର୍ଯ୍ୟ ଓ ନିଜର କାର୍ଯ୍ୟ ଶୀଘ୍ର ଶେଷ କରି ଜମାଉତରେ ପହଞ୍ଚିଗଲେ । ପରେ କ୍ୟାମ୍ପର ଅନ୍ୟାନ୍ୟ ସିପାହି ଏବଂ ତାଙ୍କ ସଙ୍ଗେ ପହରା ଦେଉଥିବା କେତେକ ସିପାହି ମଧ୍ୟ ଆସିଲେ । ସତ୍‌ସଙ୍ଗ ଓ ରାମାୟଣ ଚର୍ଚ୍ଚା ଶୁଣିବା ଲୋକେ ସମସ୍ତେ ଆନନ୍ଦରେ ମଗ୍ନ ହୋଇଗଲେ । ରଘୁନାଥ ପ୍ରେମରେ ମସ୍ତ ହୋଇ ଜାଗତିକ ସମସ୍ତ କାର୍ଯ୍ୟ ଭୁଲି ପରମାନନ୍ଦରେ ଆତ୍ମବିସ୍ମୃତ ହୋଇଗଲେ । ତାଙ୍କ ସାଥୀ ପହରାଦାର ଠିକ୍ ସମୟରେ ରଘୁନାଥଙ୍କୁ ସାବଧାନ କରାଇ, ଦୁହେଁ ପହରାଦେବା ସକାଶେ ସାଧୁମାନଙ୍କଠାରୁ ଆଜ୍ଞା ମାଗିଲେ । ସାଧୁମାନେ ବିସ୍ମିତ ହୋଇ ପଚାରିଲେ, ''ରଘୁନାଥର କ'ଣ ଏ ସମୟରେ ପହରା ଅଛି ?''

ସିପାହି – ହଁ ମହାରାଜ, ଆମ୍ଭ ଦୁଇଜଣଙ୍କର ପହରା ରାତ୍ରି ବାରଟାଠାରୁ ଦୁଇଟା ପର୍ଯ୍ୟନ୍ତ ।

ସନ୍ଥ – କାଲି ତ' ରଘୁନାଥ ସମସ୍ତ ରାତ୍ରି ଏଠାରେ ଥିଲେ ।

ସିପାହି – ନାହିଁ ମହାରାଜ, ସେ କାଲି ମୋ ସଙ୍ଗେ ପହରା ଦେଇଛନ୍ତି, ବୋଧହୁଏ ଅନ୍ୟ କେହି ହୋଇଥିବ ।

ସନ୍ଥ – ଅନ୍ୟ କେହି ! ଆମ୍ଭେ କ'ଣ ଚିହ୍ନି ନାହୁଁ ? ରଘୁନାଥ, କାଲି ତୁମେ ସମସ୍ତ ରାତ୍ରି ଏଠାରେ ନ ଥିଲ ?

ରଘୁନାଥ ନତମସ୍ତକ ହୋଇ ଗମ୍ଭୀରଭାବେ କହିଲେ, ''ହଁ ମହାରାଜ, ମୁଁ ଏଠାରେ ଥିଲି ।''

ସିପାହି ଆଶ୍ଚର୍ଯ୍ୟ ହୋଇ କହିଲେ, ''ତେବେ ମୋ ସଙ୍ଗେ ପହରାଦେଲା କିଏ ?''

ସନ୍ଥ – ପହରାଦେଲେ ଭକ୍ତବତ୍ସଳ ରାମଚନ୍ଦ୍ର ।

ରଘୁନାଥଙ୍କ ସହିତ ତାଙ୍କ ସାଥୀମାନେ ଫେରି ଆନନ୍ଦରେ ଗଦଗଦ ହୋଇ କ୍ୟାମ୍ପର ଅନ୍ୟାନ୍ୟ ସିପାହିଙ୍କୁ ସମସ୍ତ ଘଟନା କହିଦେଲେ । ଆଉ ରଘୁନାଥଙ୍କ ସହିତ ପୂର୍ବରାତ୍ରିରେ ପହରା ଦେଇଥିବା ସିପାହି, ତାଙ୍କୁ ଡାକିଥିବା ସିପାହି ଏବଂ ତାଙ୍କ ପରେ ତାଙ୍କୁ ଛୁଟି ଦେଇଥିବା ସିପାହିମାନେ କୃତଜ୍ଞତା ସହିତ ତାଙ୍କୁ ବହୁତ ଅନୁନୟ ବିନୟପୂର୍ବକ କହିଲେ, ''ତୁମ୍ଭରି ଦୟାରୁ ଆମ୍ଭଙ୍କୁ ଭଗବାନଙ୍କ ଦର୍ଶନ ମିଳିଲା ।'' ଭୋର ହେଉ ହେଉ ଏହାର ସତ୍ୟତା ବୁଝିବା ସକାଶେ କେତେକ ସିପାହି ସାଧୁମାନଙ୍କ ପାଖକୁ ଯାଇ ସେମାନଙ୍କୁ ଏକଥା ପଚାରିଲେ ଏବଂ ସେମାନଙ୍କ ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏ ଖବର କ୍ୟାମ୍ପରେ ବ୍ୟାପ୍ତ ହୋଇଗଲା । ପୂର୍ବରୁ ରଘୁନାଥ ସମସ୍ତଙ୍କର ପ୍ରିୟ ଥିଲେ, ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । କିନ୍ତୁ ଏ ଘଟନା ପରେ ତାଙ୍କୁ ବହୁତ ଲୋକ ମହାପୁରୁଷ ଭାବି ତାଙ୍କଠାରୁ ମନ୍ତ୍ର ଉପଦେଶ ନେଲେ ।

କିଛିଦିନ ପରେ ଭିନଙ୍ଗଗଡ଼ର ରାଜା କର ନ ଦେବାରୁ ଆଇନଅମାନ୍ୟ ଅପରାଧ ଯୋଗୁଁ ଭିନଙ୍ଗଗଡ଼ ଉପରେ ଚଢ଼ାଉ କରିବା ସକାଶେ ଆଦେଶ ହେଲା । ରାପଟ୍ ସାହେବଙ୍କ ଆଦେଶରେ ତାଙ୍କ ସଙ୍ଗେ ସମସ୍ତ ସେନା ଭିନଙ୍ଗଗଡ଼କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଯାତ୍ରା କଲେ । ସୈନ୍ୟଦଳ ରାସ୍ତାରେ କିଛିଦିନ ବ୍ୟତୀତ କରି ରାମନବମୀ ଦିନ ପ୍ରାୟ ଦିନ ୧୨ ଘଣ୍ଟା ସମୟରେ ଭିନଙ୍ଗଗଡ଼ର ସରହଦରେ ପହଞ୍ଚି ସେଠାରେ ଅବସ୍ଥାନ କଲେ । ରାତ୍ରିରେ ଆକ୍ରମଣ କରିବା ସ୍ଥିର କରି ସ୍ନାନ, ଭୋଜନ ସକାଶେ ସେନାନାୟକ ସୈନ୍ୟମାନଙ୍କୁ ଆଦେଶ ଦେଲେ ।

## ରଘୁନାଥ ଧ୍ୟାନସ୍ଥ, ଶ୍ରୀରାମ ଯୁଦ୍ଧରେ ପ୍ରବୃତ୍ତ

ରଘୁନାଥ ଶୀଘ୍ର ସ୍ନାନ ଶେଷ କଲେ । ତାଙ୍କର ପରମପ୍ରିୟ ଇଷ୍ଟ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ଯୋଗୁଁ ଆନନ୍ଦରେ ତାଙ୍କ ହୃଦୟ ପରିପୂର୍ଣ୍ଣ ହୋଇଗଲା । ସେତେବେଳେ ଭୋଜନର ଚିନ୍ତା କାହୁଁ ଆସିବ ? ପ୍ରେମାବେଗରେ କ୍ଷୁଧାର ପ୍ରବେଶ ମାର୍ଗ ବନ୍ଦ ହୋଇଗଲା । ସେ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ନିଜ ଇଷ୍ଟଦେବଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ତାଙ୍କ ବାହ୍ୟଚେତନା ପ୍ରେମ-ସମାଧିରେ ବୁଡ଼ିଗଲା ।

ଭିନଙ୍ଗଗଡ଼ ରାଜା ଖବର ପାଇ ରାପଟ୍ ସାହେବଙ୍କ ସେନା ପ୍ରସ୍ତୁତ ନ ଥିବା ଅବସ୍ଥାରେ ପ୍ରାୟ ଦିନ ତିନିଘଣ୍ଟା ସମୟରେ ଆକ୍ରମଣ ଆରମ୍ଭ କରିଦେଲା । ରାପଟ୍ ସାହେବ ଯୁଦ୍ଧ ବିଗୁଲ୍ ବଜାଇ ଶତ୍ରୁର ଆକ୍ରମଣରୁ ରକ୍ଷାପାଇବା ସକାଶେ ଯୁଦ୍ଧର ସମ୍ମୁଖୀନ ହେଲେ; କିନ୍ତୁ ସେନା ପୂର୍ବରୁ ପ୍ରସ୍ତୁତ ନ ଥିବାରୁ ବହୁତ ସମୟ ଶତ୍ରୁ ସେନାର ସମ୍ମୁଖୀନ ହୋଇପାରିଲେ ନାହିଁ । ଦୁଇଘଣ୍ଟା ଯୁଦ୍ଧ ପରେ ପଶ୍ଚାତ୍‌ପଦ ହେଲେ । ଶତ୍ରୁସେନାର ଉତ୍ସାହ ବଢ଼ିଗଲା । ସେମାନେ ତୀବ୍ରଭାବରେ ଆକ୍ରମଣ କଲେ ଏବଂ ଶେଷରେ ରାପଟ୍ ସାହେବଙ୍କ ସେନା ଛତ୍ରଭଙ୍ଗ ଦେବାକୁ ଆରମ୍ଭ କଲେ । ଏହି ବିପଦ ଅବସ୍ଥାରେ ରଘୁନାଥ ସେନା ସମ୍ମୁଖରେ ରହି ଏପରି ତୀବ୍ରଭାବରେ ତୋପ ଫୁଟାଇଲେ ଯେ ଶତ୍ରୁସେନା ଆଉ ଅଗ୍ରସର ହୋଇପାରିଲେ ନାହିଁ । ରାପଟ ସାହେବଙ୍କ ସେନା ପୁନର୍ବାର ଫେରି ଶତ୍ରୁ ସେନାକୁ ଆକ୍ରମଣ କରି ବିଜୟ ପ୍ରାପ୍ତ କଲେ ଏବଂ ଭିନଙ୍ଗଗଡ଼ର ରାଜାଙ୍କୁ ବନ୍ଦୀ କରି ଆଣିଲେ ।

ଏହି ଯୁଦ୍ଧରେ ରଘୁନାଥଙ୍କ ବୀରତ୍ୱ ଓ ସାହସିକତା ଦେଖି ଫେରିବା ପରେ ଉଚ୍ଚ ପଦ ଓ ପୁରସ୍କାର ଦେବା ସକାଶେ ସାହେବ ତାଙ୍କୁ ଖୋଜିବାକୁ ଆରମ୍ଭ କଲେ । ସେହି ସମୟରେ ରଘୁନାଥଙ୍କ ସମାଧି ଭଙ୍ଗ ହେଲା । ସେ ସେନାର ଜୟଧ୍ୱନି ଶୁଣି କ୍ୟାମ୍ପକୁ ଫେରିଲେ । ଯୁଦ୍ଧ ଶେଷ ହୋଇଥିବା ଘଟନା ଦେଖି ନିଜକୁ ବହୁତ ଅପରାଧୀ ଜାଣି ଅତ୍ୟନ୍ତ ଗ୍ଲାନି ସହିତ ରାପଟ ସାହେବଙ୍କଠାରୁ କ୍ଷମା ମାଗିବାକୁ ଗଲେ । ସାହେବ ଦୂରରୁ ଦେଖି ଦୌଡ଼ି ଆସି ରଘୁନାଥଙ୍କୁ କୁଣ୍ଢାଇ ପକାଇଲେ । ରଘୁନାଥଙ୍କୁ କିଛି କହିବାକୁ ଅବସର ନ ଦେଇ ନିଜେ କହିଲେ, ''ଆଜି ତୁମେ ସମସ୍ତ ସେନାଙ୍କୁ ବଞ୍ଚାଇଦେଲ । ଯୁଦ୍ଧ-ବିଜୟର ସୁଯଶଃ ତୁମ୍ଭର । ଆଜିଠାରୁ ତୁମେ କ୍ୟାପ୍‌ଟେନ୍ ପଦରେ ନିଯୁକ୍ତ ହେଲ ଆଉ ଏତେ ଟଙ୍କା ତୁମ୍ଭର ପୁରସ୍କାର ।''

ଏକଥା ଶୁଣି ରଘୁନାଥଙ୍କ ମୁଖରୁ କୌଣସି କଥା ସ୍ଫୁରିଲା ନାହିଁ । ସେ ଏକେବାରେ ଆଶ୍ଚର୍ଯ୍ୟ ହୋଇ ଛିଡ଼ା ହୋଇ ରହିଲେ । କିଛି ସମୟ ପରେ କହିଲେ, ''ଆପଣଙ୍କ କଥା ମୁଁ କିଛି ବୁଝିପାରୁ ନାହିଁ । ସ୍ନାନ ଓ ଭୋଜନ ସକାଶେ ଆପଣ ଆଦେଶ ଦେବାପରେ ସେ ସମୟରେ ଯୁଦ୍ଧ ହେବ ନାହିଁ ଜାଣି ଏକ ନିର୍ଜନ ସ୍ଥାନରେ ମୁଁ ଧ୍ୟାନରେ ବସିଗଲି । ସେନାର ଜୟଧ୍ୱନିରେ ମୋ'ର ଧ୍ୟାନଭଙ୍ଗ ହେବାରୁ ଆପଣଙ୍କ ପାଖକୁ ଅପରାଧ ମାର୍ଜନା କରିବା ସକାଶେ ପ୍ରାର୍ଥନା କରିବାକୁ ଆସିଛି; ଯୁଦ୍ଧରେ ମୁଁ ଏକେବାରେ ଯୋଗ ଦେଇ ନାହିଁ ।''

ସାହେବ କହିଲେ, ''ତୁମ ଯୁଦ୍ଧ ମୁଁ ଏକା ଦେଖି ନାହିଁ; ସମସ୍ତ ସେନା ଦେଖିଛି ।'' ସମସ୍ତ ସେନା ମଧ୍ୟ ତାହାହିଁ କହିଲେ । ଏକଥା ଶୁଣି ଆଉ ସେ ଛିଡ଼ା ହୋଇ ରହିପାରିଲେ ନାହିଁ । ପ୍ରଭୁଙ୍କ ପ୍ରତି ପ୍ରେମ ଓ କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ, ଗଛକାଟିଲା ପରି ଭୂମିରେ ପଡ଼ିଗଲେ; ତାଙ୍କ ନେତ୍ରରୁ ଜଳଧାରା ପରି ଅଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ନିଜେ ସାହେବ ଓ ସିପାହି ତାଙ୍କୁ ଉଠାଇ, ବସାଇ ବହୁତ ପ୍ରକାର ବୁଝାଇବାକୁ ଲାଗିଲେ । ରଘୁନାଥ ସଚେତ ହୋଇ ହାତ ଯୋଡ଼ି କହିଲେ, ''ତୁମ୍ଭେମାନେ ବହୁତ ଭାଗ୍ୟବାନ୍, ସ୍ୱୟଂ ଭଗବାନଙ୍କୁ ଦର୍ଶନ କଲ । ସାହେବ, ଯଦି ମୋତେ ଉପହାର ଯଥାର୍ଥରେ ଦେବାକୁ ଚାହୁଁଛନ୍ତି, ତେବେ ଦୟାକରି ମୋତେ ଚାକିରିରୁ ଛୁଟି ଦେଇଦିଅନ୍ତୁ । ମୁଁ କେତେ ଅଧମ ! ମୋ ସକାଶେ ମୋ ପ୍ରଭୁଙ୍କୁ ମୋ'ପରି ପୋଷାକ ପିନ୍ଧି, ଜୋତା ମାଡ଼ି ଆପଣଙ୍କ ନିର୍ଦ୍ଦେଶକୁ ପାଳନ କରି ସିପାହିର କାର୍ଯ୍ୟ କରିବାକୁ ପଡ଼ିଲା !''

ସାହେବ ଭକ୍ତ ଥିଲେ, ସୁତରାଂ ସେ ବହୁତ ପ୍ରଭାବିତ ହୋଇ କହିଲେ, ''ରଘୁନାଥ, ମୁଁ ତୁମ୍ଭର ଇଚ୍ଛା ବିରୋଧରେ କିଛି କରିବି ନାହିଁ । ତୁମେ ଯେଉଁଥିରେ ପ୍ରସନ୍ନ ହେବ ମୁଁ ତାହାହିଁ କରିବି । ତୁମ୍ଭେ ବର୍ତ୍ତମାନ ଯାହା ଚାହଁ, ତାହା କର । କିନ୍ତୁ ମୋର ଏହି ପ୍ରାର୍ଥନା ତୁମେ ସ୍ୱୀକାର କର । ତୁମ୍ଭଙ୍କୁ ଉଚ୍ଚରୁ ଉଚ୍ଚ ପଦ ଦେବି, ତାହା ତୁମ୍ଭେ ଗ୍ରହଣ କର, ଏବଂ କୌଣସି କାର୍ଯ୍ୟ ନ କରି ସ୍ୱତନ୍ତ୍ରରୂପେ ସାଧନା କର ତଥା ଆମ୍ଭମାନଙ୍କ ସଙ୍ଗରେ ଥାଅ । ଯଦି ଏଥିରେ ତୁମ୍ଭଙ୍କୁ ସନ୍ତୋଷ ନ ଆସେ ତେବେ କ୍ୟାମ୍ପର ନିକଟରେ ରୁହ, ସାଧନା କର, ତୁମ୍ଭ ସେବା ଆମ୍ଭେମାନେ କରିବୁ ।'' ସେନାପତି ଆଉ ସିପାହିମାନଙ୍କର ବହୁତ ଆଗ୍ରହ ଦେଖି ସେ ଆଉ ଛ'ମାସ ରହିବାକୁ ସ୍ୱୀକାର କଲେ ।

## ଗୁରୁଙ୍କ ଦର୍ଶନ, ଗଙ୍ଗାକୂଳେ ପଦଯାତ୍ରା

କିଛିଦିନ ପରେ ରାପଟ୍ ସାହେବ ସେନା ସହିତ ମିରଟ୍‌କୁ ବଦଳି ହୋଇଗଲେ । ସେହି ସମୟରେ ରଘୁନାଥଙ୍କ ଗୁରୁ ଭ୍ରମଣ କରି ମିରଟରେ ପହଞ୍ଚିଲେ । ଅକସ୍ମାତ୍ ଗୁରୁଙ୍କ ଦର୍ଶନ ପାଇ ରଘୁନାଥଙ୍କ ପ୍ରେମ ଉଚ୍ଛୁଳି ପଡ଼ିଲା । ସିଦ୍ଧଗୁରୁ, ପରମ ଅଧିକାରୀ ଶିଷ୍ୟ ମିଳନରେ ଯେଉଁ ପରମାନନ୍ଦ ପ୍ରାପ୍ତ ହୁଏ, ତାହା ବର୍ଣ୍ଣନାତୀତ । ଗୁରୁ ବି ତାଙ୍କ ପ୍ରେମରେ, ତାଙ୍କ ପାଖରେ ଦୁଇମାସ ରହିବା ପରେ ବିଦା ହୋଇଗଲେ । ଏହାପରେ ରଘୁନାଥଙ୍କର ସେଠାରେ ରହିବା ଅସମ୍ଭବ ହେଲା । ତାଙ୍କର ସେତେବେଳକୁ ଛ'ମାସ ମଧ୍ୟ ପୂର୍ଣ୍ଣ ହୋଇଯାଇଥିଲା । ତାଙ୍କୁ ରହିବା ସକାଶେ ସେନାପତି ଆଉ ସୈନିକ ବହୁତ ପ୍ରଯତ୍ନ କରି ଶେଷରେ ଅନିଚ୍ଛା ସତ୍ତ୍ୱେ ବିଦାୟ ଦେଲେ । ସେମାନେ କହିଲେ, ''ଆମ୍ଭମାନଙ୍କର ଏତିକି ପ୍ରାର୍ଥନା, ଆମ୍ଭମାନଙ୍କୁ ଆପଣଙ୍କ ଦର୍ଶନରୁ ବଞ୍ଚିତ କରିବେ ନାହିଁ ।''

ରଘୁନାଥ ରାମପ୍ରେମରେ ବିହ୍ୱଳ ହୋଇ ହରଦ୍ୱାର ଅଭିମୁଖେ ଯାତ୍ରାକଲେ । ହରଦ୍ୱାର ଗଙ୍ଗାରେ ସ୍ନାନ କରି ନିଜର ଶରୀରନିର୍ବାହ ଉପଯୋଗୀ ଅତ୍ୟଳ୍ପ ବସ୍ତୁ ରଖି ଅବଶିଷ୍ଟ ସମସ୍ତ ଦାନ କରିଦେଲେ । ସେ ତା'ପରେ ବୈଷ୍ଣବ ସନ୍ଥବେଶ ଧାରଣ କରି ଗଙ୍ଗା କୂଳେ କୂଳେ କାଶୀକୁ ଯାତ୍ରା କରିଥିଲେ ।

ବାବା ରଘୁନାଥ ଦାସ ମହାରାଜଙ୍କୁ ହରଦ୍ୱାରରୁ ଯାଇ କାଶୀରେ ପହଞ୍ଚିବାକୁ ଦଶ ବର୍ଷ ଲାଗିଥିଲା । ଦୀର୍ଘ ଦଶ ବର୍ଷ ଭିତରେ ସେ କେବେ ବି ଗଙ୍ଗାକୂଳ ଛାଡ଼ି ନ ଥିଲେ । ସେ ଭିକ୍ଷା କରୁ ନ ଥିଲେ । ଯାହା ଅନାୟାସରେ ଭଗବତ୍ କୃପାରେ ମିଳିଯାଉଥିଲା, ତାହା ସ୍ୱୟଂ ପାକ କରି ଦିନରାତ୍ରି ମଧ୍ୟରେ କେବଳ ଥରେ ଭୋଜନ କରୁଥିଲେ । କୌଣସି କୌଣସି ସ୍ଥାନରେ ବର୍ଷେ, ଦୁଇ ବର୍ଷ, କେବେ କେବେ ଦୁଇ ବର୍ଷରୁ ମଧ୍ୟ ଅଧିକ ସମୟ ରହୁଥିଲେ । କେତେ ପାପୀ, ତାପୀ, ରୋଗୀ, ଦୁଃଖୀଙ୍କ ରୋଗ, ଦୁଃଖତାପ ଦୂର କରି ତାଙ୍କୁ ଭଗବତ୍ ସମ୍ମୁଖ କରାଇ ଦେଇଥିଲେ । ଅସଂଖ୍ୟ ବ୍ୟକ୍ତିଙ୍କୁ ରାମତାରକ ମନ୍ତ୍ର ଦେଇ ସେମାନଙ୍କୁ ଜନ୍ମ-ମରଣ ଘୋର ଦ୍ୱନ୍ଦ୍ୱରୁ ମୁକ୍ତ କରି ଭଗବତ୍ ପ୍ରାପ୍ତି କରାଇ ଦେଇଥିଲେ । ଦିନେ ସେ ଗଙ୍ଗାକୂଳରେ ନିର୍ଜନରେ ଗୋଟିଏ ବଟବୃକ୍ଷ ତଳେ ରାତ୍ରିରେ ନିବାସ କଲେ । ପ୍ରାତଃସ୍ନାନ କରି ଶ୍ରୀରାମଙ୍କ ଧ୍ୟାନରେ ତାଙ୍କର ସମାଧି ହୋଇଗଲା । ସେହି ସମାଧି ଅବସ୍ଥାରେ କେତେ ଘଣ୍ଟା ଅତୀତ ହୋଇଗଲା । ପ୍ରଗାଢ଼ ସମାଧି ଅବସ୍ଥାରେ ବାହ୍ୟ କୋଳାହଳର ପ୍ରଭାବ ଆନ୍ତର ଚେତନାକୁ ସ୍ପର୍ଶ କରେ ନାହିଁ । କିନ୍ତୁ ସମାଧି ଭଙ୍ଗ ପରେ ହଠାତ୍ ଆନ୍ତର ଚେତନାରୁ ବାହ୍ୟ ଚେତନା ଆସେ ନାହିଁ । ଅନ୍ତରରେ ଚେତନା କେନ୍ଦ୍ରିତ ଥାଏ, ଆଉ ଧୀରେ ଧୀରେ ବାହ୍ୟ ଜ୍ଞାନ ଆସିବାକୁ ଆରମ୍ଭ କରେ । ଶ୍ରୀ ମହାରାଜଙ୍କ ସମାଧି ଭଙ୍ଗ ହେବା ସଙ୍ଗେ ସଙ୍ଗେ ବାହ୍ୟ କୋଳାହଳ ଯୋଗୁଁ ତାଙ୍କ ନେତ୍ର ଖୋଲିଗଲା । ସେ ଅର୍ଦ୍ଧ ବାହ୍ୟଜ୍ଞାନ ଅବସ୍ଥାରେ ଦେଖିଲେ ତାଙ୍କ ସମ୍ମୁଖରେ ଗୋଟିଏ ନୂତନ ବସ୍ତ୍ରାବୃତ ମୃତ ବାଳକ ଶୋଇଅଛି । ବହୁତ ବ୍ୟକ୍ତି ଉଚ୍ଚସ୍ୱରରେ ହୃଦୟବିଦାରକ କରୁଣ କ୍ରନ୍ଦନ କରୁଅଛନ୍ତି । ମହାରାଜାଙ୍କ ସଙ୍କେତ ବୁଝିପାରି ମୃତ ବାଳକର ପିତାମାତା ଶୋକାକୁଳ ଅର୍ଦ୍ଧସ୍ଫୁଟ ଶବ୍ଦରେ କହିଲେ, ''ମହାରାଜ, ଏହି ମୃତ ବ୍ରାହ୍ମଣ ବାଳକ ଆମର ଏକମାତ୍ର ସନ୍ତାନ । ଆମ ଗ୍ରାମରେ ମହାମାରୀରେ ବହୁତ ନର-ନାରୀ, ବାଳ-ବୃଦ୍ଧ ଅକାଳରେ କାଳ କବଳରେ ପଡ଼ିଗଲେ । ଆଜି ପ୍ରାତଃକାଳରେ ଏହି ଶିଶୁ ମଧ୍ୟ ସେହି ପଥ ଅନୁସରଣ କଲା । ଆପଣଙ୍କୁ ଦର୍ଶନ କରି ହୃଦୟରେ କିଛି ଆଶା ସଞ୍ଚାର ହୋଇଅଛି । ପ୍ରଭୁ ! ଆପଣ ଭଗବାନଙ୍କ ଭକ୍ତ । ସାମାନ୍ୟ ଏହି ଦୀନ ବ୍ରାହ୍ମଣ ବାଳକକୁ ଜୀବନ ଦାନକରି ଆମ୍ଭମାନଙ୍କୁ ରକ୍ଷା କରନ୍ତୁ । ନଚେତ୍ ଏହାରି ସହିତ ଆମେ ଦୁଇଜଣ ଏହି ଗଙ୍ଗା ନଦୀରେ ପ୍ରାଣ ବିସର୍ଜନ କରିବୁ । ମହାରାଜାଙ୍କ ଆନ୍ତର ଚେତନା ସେତେବେଳେ ପୂର୍ଣ୍ଣରୂପେ ବାହ୍ୟ ଚେତନା ସଙ୍ଗେ ସଂପୃକ୍ତ ହୋଇ ନ ଥିଲା । ସେ ନିମଗ୍ନ ରହିଥିଲେ ଆନ୍ତର ଚେତନାରେ । ତାଙ୍କ ବାହ୍ୟ ଇନ୍ଦ୍ରିୟ ଚକ୍ଷୁ, କର୍ଣ୍ଣ ବାହାରେ କେବଳ ଦେଖୁଥିଲେ ଓ ଶୁଣୁଥିଲେ । ବାହାରର ଶବ୍ଦ ଓ ଦୃଶ୍ୟ ଆନ୍ତର ଚେତନାକୁ ଅଭିଭୂତ କରି ନ ଥିଲା । ତାଙ୍କର ମନ ବୁଦ୍ଧି ସେତେବେଳେ ନିଷ୍କ୍ରିୟ ଅବସ୍ଥାରେ ଥିଲା । ଏହି ଅବସ୍ଥାରେ ବ୍ୟକ୍ତି ଯାହା କହେ ତାହା ଅନ୍ତରାତ୍ମା ଅଥବା ଊର୍ଦ୍ଧ୍ୱସ୍ଥ ପରମାତ୍ମାଙ୍କ ପ୍ରେରଣାରେ କହେ । ମହାରାଜଙ୍କ ଆନ୍ତର ପ୍ରେରଣାରେ ମୁଖରୁ ଉଚ୍ଚାରିତ ହେଲା, ''ତୁମ୍ଭେମାନେ ସୀତାରାମ ନାମ ଧ୍ୱନି କର । ଏ

ବାଳକ ବଞ୍ଚିଯିବ ।'' ସେମାନେ ସେହିପରି କରିବାରୁ ମୃତ ବାଳକର ନାସାରନ୍ଧ୍ରରେ ଶ୍ୱାସ ଚାଲିଲା । କିଛିକ୍ଷଣ ପରେ ବାଳକର ଅଙ୍ଗ ପରିଚାଳିତ ହେବାକୁ ଆରମ୍ଭ କଲା । ଗ୍ରାମର ଲୋକେ ମହାମାରୀ ଭୟରେ ଗ୍ରାମଛାଡ଼ି ଗଙ୍ଗାକୂଳେ ରହିବାକୁ ନିଶ୍ଚିତ କରି ଆସିଥିଲେ । ସେମାନଙ୍କୁ ମହାରାଜ କହିଲେ, ''ତୁମେମାନେ ରାମଧ୍ୱନି କରି ଗ୍ରାମକୁ ଫେରିଯାଅ । ଆଉ ମହାମାରୀ ତୁମ ଗ୍ରାମରେ ରହିବ ନାହିଁ ।'' ଏହା କହି ଶ୍ରୀ ମହାରାଜ ହଠାତ୍ ସେ ସ୍ଥାନରୁ ଗଙ୍ଗାକୂଳେ କୂଳେ ଗମନ କଲେ । ଯେଉଁଠି ତାଙ୍କ ପ୍ରସିଦ୍ଧି ହେଉଥିଲା, ଅଧିକ ଲୋକେ ଦର୍ଶନକୁ ଆସୁଥିଲେ, ଯେଉଁଠି ଲୋକେ ବିଶେଷ ଆଦର କରୁଥିଲେ, ସେ ସ୍ଥାନ ତ୍ୟାଗକରି ସେ ଗୋପନରେ ଗଙ୍ଗାକୂଳର ଅନ୍ୟସ୍ଥାନକୁ ଯାଇ ବାସ କରୁଥିଲେ । ଏହିପରି ଦୀର୍ଘ ଦଶ ବର୍ଷପରେ ବିଶ୍ୱନାଥଧାମ କାଶୀପୁରରେ ପହଞ୍ଚି ଗଙ୍ଗା ନଦୀର ରାଜଘାଟରେ ସ୍ନାନ କଲେ ।

## କାଶୀବାସ

ପାବନପୁରୀ କାଶୀରେ ପହଞ୍ଚିବା ମାତ୍ରେ ସେ ଭଗବତ୍ ଭକ୍ତିରେ ମଗ୍ନ ହୋଇଗଲେ । ଅନ୍ତ ସମୟରେ ଶ୍ରୀବିଶ୍ୱନାଥଙ୍କ ଦ୍ୱାରା ରାମ ନାମ ଉପଦେଶ ପାଇ କାଶୀରେ ମୃତ ବ୍ୟକ୍ତିମାନଙ୍କୁ ମୁକ୍ତି ପ୍ରାପ୍ତ ହୁଏ । ଏଥିରୁ ପୁରୀର ପ୍ରଭାବ, ରାମନାମର ମହତ୍ତ୍ୱ, ଶ୍ରୀ ଶିବାଜିଙ୍କର କରୁଣା ସ୍ମରଣ କରି ତାଙ୍କ ଭଗବତ୍ ପ୍ରେମ ଦୁଇଗୁଣ ବୃଦ୍ଧି ହେଲା । ସେ ସେହି ବିଶ୍ୱନାଥଙ୍କ କାଶୀଧାମରେ କିଛି ଦିନ ନିବାସ କଲେ ।

ଗୁଡ଼ ପାଖକୁ ପିମ୍ପୁଡ଼ି ନ ଆସି ରହିପାରନ୍ତି ନାହିଁ । ସୁଗନ୍ଧ ପୁଷ୍ପ ଭ୍ରମରକୁ ନିମନ୍ତ୍ରଣ କରେ ନାହିଁ । ସେହିପରି ଶ୍ରୀଗୁରୁଦେବ ଶିବପୁରୀ ପବିତ୍ର ଜାଣି ସେଠାରେ ସାଧନା କରିବା ନିମନ୍ତେ ମନସ୍ଥ କରି କହିଲେ । ସୁତରାଂ ଦୁଃଖପ୍ରପୀଡ଼ିତ ବ୍ୟକ୍ତି ନିଜ ଦୁଃଖତାପ ଦୂର କରିବାକୁ ତାଙ୍କ ପାଖରେ ପହଞ୍ଚିବାକୁ ଲାଗିଲେ । ଜ୍ଞାନପିପାସୁ ନିଜ ନିଜ ଜ୍ଞାନପ୍ରାପ୍ତିରୂପ ତୃଷ୍ଣା ନିବୃତ୍ତ କରିବାକୁ ଆସିଲେ । ଜ୍ଞାନିଜନ ଜ୍ଞାନଚର୍ଚ୍ଚାରେ ଜ୍ଞାନାନନ୍ଦରେ ନିମଗ୍ନ ରହିବାକୁ, ଭକ୍ତଜନ ଭଗବତ୍ ଭକ୍ତି ବର୍ଣ୍ଣନା, ଭଗବତ୍ ଗୁଣଗାନରେ ପରମାନନ୍ଦ ପ୍ରାପ୍ତି କରିବାକୁ ବିବିଧ ସ୍ଥାନରୁ ଆସି ସେଠାରେ ଏକତ୍ର ହେଲେ ।

ଶ୍ରୀ ଅବଧ ପ୍ରାନ୍ତରେ ଶ୍ରୀ ଅଯୋଧ୍ୟା କାଶୀ, ହରଦ୍ୱାର, ହୃଷୀକେଶ, ପ୍ରୟାଗ, ବଦ୍ରିକାଶ୍ରମ ପ୍ରଭୃତି ପବିତ୍ର ତୀର୍ଥସ୍ଥାନରେ ବରାବର ସାଧକ, ସିଦ୍ଧ ମହାତ୍ମା ବାସ କରନ୍ତି । ଭାରତବର୍ଷ ପୃଥିବୀରେ ପୁଣ୍ୟକ୍ଷେତ୍ର । ଅନ୍ୟାନ୍ୟ ଦେଶ ଅପେକ୍ଷା ଭାରତରେହିଁ ଭଗବାନ୍ ଅଧିକବାର ଅବତାର ନେଇଅଛନ୍ତି । ଅନ୍ୟାନ୍ୟ ଦେଶ ଅପେକ୍ଷା ଏହି ଦେଶରେ ଅଧିକ ମୁନି, ଋଷି, ସାଧୁ, ସନ୍ଥ ଜନ୍ମଗ୍ରହଣ କରିଅଛନ୍ତି । ଇତିହାସରେ ଅନ୍ୟ ଦେଶ ଅପେକ୍ଷା ଭାରତବର୍ଷ ସ୍ୱଭାବତଃ ଅଧ୍ୟାତ୍ମ, ଧର୍ମପରାୟଣ ଦେଶ । ଭାରତବାସୀ ଗୃହକାର୍ଯ୍ୟ ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକତାକୁ ବାଦ୍ ଦିଅନ୍ତି ନାହିଁ । ସେମାନେ ସମୟ ପାଇ ଏହିସବୁ ପୁଣ୍ୟ କ୍ଷେତ୍ରକୁ ଯାଇ, ସାଧୁସନ୍ଥଙ୍କୁ ଦର୍ଶନ କରି ସେମାନଙ୍କ ସଦୁପଦେଶ ଗ୍ରହଣ କରି ଜୀବନକୁ ସନ୍ମାର୍ଗରେ ପରିଚାଳିତ କରନ୍ତି । ଏହି କାରଣରୁ କୌଣସି ତୀର୍ଥସ୍ଥାନରେ କୌଣସି ମହାତ୍ମା ବାସ କଲେ ତାଙ୍କ ଖ୍ୟାତି ଶୀଘ୍ର ବ୍ୟାପିଯାଏ । ଶ୍ରୀଗୁରୁଦେବଙ୍କ କାଶୀନିବାସ ଆଉ ସୀମିତ ହୋଇ ରହିପାରିଲା ନାହିଁ । କ୍ରମଶଃ ପ୍ରଚାରିତ ହୋଇ କୌଶଳକିଶୋର ଶ୍ରୀରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ପହଞ୍ଚିଗଲା । ମୌନୀ ବଳରାମ ଦାସ ମହାରାଜ ନିଜ ପ୍ରିୟ ଶିଷ୍ୟର ଖବର ପାଇ ସଙ୍ଗେ ସଙ୍ଗେ ଗୋଟିଏ ଶିଷ୍ୟକୁ ପଠାଇ ଶ୍ରୀ ଅବଧ ଆସିବାକୁ ତାଙ୍କୁ ପ୍ରେରଣା ଦେଲେ । ଗୁରୁଙ୍କ ପ୍ରେମପୂର୍ଣ୍ଣ ଖବର ପାଇବା ମାତ୍ରେ ଶ୍ରୀ ମହାରାଜ ଗୁରୁଭକ୍ତିରେ ବିଭୋର ହୋଇଗଲେ । ଗୁରୁଙ୍କ ଦର୍ଶନ ସକାଶେ ତାଙ୍କ ହୃଦୟ ଅସ୍ଥିର ହୋଇପଡ଼ିଲା । ସେ ସେହିକ୍ଷଣି ନିଜ ଗୁରୁଭ୍ରାତାଙ୍କ ସଙ୍ଗେ ଶ୍ରୀ ଅବଧ ଯାତ୍ରା କଲେ ।

## ଅବଧ ଯାତ୍ରା

ଯେଉଁ ରାମଚନ୍ଦ୍ର ତାଙ୍କ ଜୀବନର ସର୍ବଶ୍ରେଷ୍ଠ ପରମପ୍ରିୟ ଇଷ୍ଟ, ଯେ ତାଙ୍କ ଜୀବନର ଆଧାର, ହୃଦୟଦେବତା,

ଯାହାଙ୍କ ପ୍ରେମରେ ସେ ଦିନ ରାତି ପାଗଳ, ଯେଉଁ ପ୍ରେମ ସମ୍ମୁଖରେ ସଂସାର ବିଷୟିପ୍ରେମ ନୀରସ ଓ ଶୁଷ୍କ; ସେହି ରାମଚନ୍ଦ୍ରଙ୍କ ଜନ୍ମଭୂମି ଦର୍ଶନ ଉଦ୍ଦେଶ୍ୟରେ ଆଜି ଶ୍ରୀ ମହାରାଜ ମହାନ୍ ଯାତ୍ରା କରୁଅଛନ୍ତି । ସେ ଚାଲୁଛନ୍ତି ଯନ୍ତ୍ରବତ୍, ଶରୀର-ଶୁଦ୍ଧି ଆଦୌ ନାହିଁ । ତାଙ୍କ ମନ-ଭ୍ରମର ଶ୍ରୀରାମଚନ୍ଦ୍ରଙ୍କ ଚରଣକମଳରେ ବିଚରଣ କରୁଅଛି । ସେ ଶ୍ରୀରାମଚନ୍ଦ୍ରଙ୍କ ଚପଳ ବାଲ୍ୟଲୀଳାରେ ନିମଗ୍ନ ହୋଇଛନ୍ତି । ସେ ମା କୌଶଲ୍ୟା, କୈକେୟୀ ଓ ସୁମିତ୍ରା ଶିଶୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ ଝୁଲଣାରେ ଝୁଲାଉଛନ୍ତି । ତାଙ୍କ ଚତୁର୍ଦ୍ଦିଗରେ ସଖୀମାନେ ବୃତ୍ତାକାରରେ ଦଣ୍ଡାୟମାନ ହୋଇ ସୁମଧୁର ସ୍ୱରରେ ଗୀତ ଗାନ କରୁଛନ୍ତି । ପୁରବାସୀଙ୍କ ନେତ୍ର ଦିବା ରାତ୍ରି ସେହି ଦିବ୍ୟାମୃତ ପାନ କରି ଅତୃପ୍ତ ରହୁଛି । ପୁରବାସୀମାନେ ବିବଶ ହୋଇ ଗୃହକାର୍ଯ୍ୟ କରୁଛନ୍ତି । କିନ୍ତୁ ତାଙ୍କ ମନ ସର୍ବଦା ମଗ୍ନ ରହୁଅଛି ମନୋମୁଗ୍ଧକାରୀ ଚାରିଶିଶୁଙ୍କ ଲୀଳାରେ । ଜାଗ୍ରତ୍ ଅବସ୍ଥାରେ ଚାଲିବା, ବୁଲିବା, ସ୍ନାନ କରିବା ଆଦି କାର୍ଯ୍ୟରେ ନିରନ୍ତର ଶ୍ରୀ ମହାରାଜଜି ନିଜ ମାନସପଟରେ ଦର୍ଶନ କରୁଛନ୍ତି ଏହି ଲୀଳା । ନିଦ୍ରାବସ୍ଥାରେ ସ୍ୱପ୍ନ ଜଗତରେ ମଧ୍ୟ ସେଥିରେ ବିଚରଣ କରୁଅଛନ୍ତି । ସେତେବେଳେ ତାଙ୍କ ସକାଶେ ସ୍ୱପ୍ନ ଆଉ ଜାଗ୍ରତ୍ ସମାନ । ଏହି ଅବସ୍ଥାରେ ଉନ୍ମତ୍ତବତ୍ କିଛି ଦିନ ବ୍ୟତୀତ କରି ସେ ଶ୍ରୀ ଅବଧ ସୀମାରେ ପହଞ୍ଚିଲେ ।

ଦୂରରୁ ଶ୍ରୀଅବଧପୁରୀ ଦର୍ଶନ କରିବାମାତ୍ରେ ଶ୍ରୀ ମହାରାଜଙ୍କ ହୃଦୟ ପ୍ରେମରେ ଉଚ୍ଛୁଳି ପଡ଼ିଲା । ତାଙ୍କ ମନ, ପ୍ରାଣ, ଚିନ୍ତା, ବିଚାର ପ୍ରଭୃତି ପୂର୍ବରୁ ପ୍ରେମପ୍ରବାହରେ ନିମଜ୍ଜିତ ହୋଇଥିଲା । କେବଳ ଅର୍ଦ୍ଧଶରୀର ଜ୍ଞାନ ଥିଲା । ଶ୍ରୀଅବଧର ପବିତ୍ର ରେଣୁ ସ୍ପର୍ଶରେ ସେହି ପ୍ରେମ ପ୍ରବଳ ବେଗରେ ପ୍ରବାହିତ ହୋଇ ସେତକ ଭସାଇନେଲା । ଶ୍ରୀ ମହାରାଜ ସେହିଠାରେ ପ୍ରେମ-ସମାଧିରେ ମଗ୍ନ ହୋଇ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଛିଡ଼ା ଛିଡ଼ା ପଡ଼ିଗଲେ । କିଛି ସମୟ ପରେ ତାଙ୍କ ସଙ୍ଗେ ଥିବା ଗୁରୁଭାଇ ତାଙ୍କୁ ଉଠାଇ ସଚେତ କରି ଶ୍ରୀଗୁରୁ ମହାରାଜଙ୍କ ପାଖକୁ ଘେନିଆସିଲେ । ଶ୍ରୀ ମହାରାଜ ତାଙ୍କ ଗୁରୁଦେବଙ୍କୁ ଦର୍ଶନ କରି ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବା ସଙ୍ଗେ ସଙ୍ଗେ ଗୁରୁଦେବ ବିଭୋର ହୋଇ ନିଜ ପ୍ରିୟ ଶିଷ୍ୟଙ୍କୁ ଉଠାଇ ହୃଦୟରେ ଲଗାଇ ନେଲେ । ଏହି ଗୁରୁ ଶିଷ୍ୟଙ୍କ ମିଳନ ଅବସ୍ଥା ଅବର୍ଣ୍ଣନୀୟ । ଲେଖନୀ ସ୍ଥଗିତ, ବାକ୍ୟ ନିସ୍ପନ୍ଦ । ଗୁରୁ ଶିଷ୍ୟ ଉଭୟ ମିଳି ଏକ ଦିବ୍ୟ ଅଲୌକିକ ପ୍ରେମରେ ମଗ୍ନ ହୋଇଗଲେ ।

## ଗୁରୁଦର୍ଶନ ଏବଂ ଗୃହ ପ୍ରତ୍ୟାବର୍ତ୍ତନ

ଶ୍ରୀ ମହାରାଜଙ୍କୁ ତାଙ୍କ ଗୁରୁଦେବ ରହିବାକୁ ଗୋଟିଏ ପର୍ଣ୍ଣକୁଟୀର ଦେଲେ । ମହାରାଜଜି ସେହି କୁଟୀରରେ ରହି ଶ୍ରୀରାମଙ୍କ ଧ୍ୟାନ ଜପରେ ସମୟ ଅତିବାହିତ କଲେ । ନିୟମିତରୂପେ ସତ୍‌ସଙ୍ଗ ସକାଶେ ବହୁ ସନ୍ଥ ମହାତ୍ମା ଏକତ୍ର ହୁଅନ୍ତି । ଭଗବତ୍ ଚର୍ଚ୍ଚାରେ ନୂତନ ନୂତନ ଆନନ୍ଦ ଅନୁଭବ କରନ୍ତି । ଏହିପରି କିଛିଦିନ ବ୍ୟତୀତ ହେବା ପରେ ଶ୍ରୀ ମହାରାଜଙ୍କର ସ୍ମରଣ ହେଲା ଘରୁ ଆସିବା ସମୟର କଥା । ସେ ତାଙ୍କ ପରିବାରର ବ୍ୟକ୍ତିଙ୍କୁ କହି ଆସିଥିଲେ ସେ ଗଙ୍ଗାସ୍ନାନ କରି ଫେରିଆସିବେ । ସେ ତାଙ୍କ ପ୍ରତିଜ୍ଞା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ନିଜ ଗୁରୁଦେବଙ୍କ ଆଜ୍ଞାରେ ଜନ୍ମସ୍ଥାନ ଅଭିମୁଖରେ ଯାତ୍ରା କଲେ । ଯେଉଁମାନଙ୍କ ମନ ଭଗବତ ଚରଣକମଳରେ ଚଞ୍ଚରିକ, ସେମାନେ ଘରେ ରହନ୍ତୁ ବା ବଣରେ ରହନ୍ତୁ ତାଙ୍କ ସକାଶେ ଉଭୟ ସମାନ । ଶ୍ରୀ ମହାରାଜଜିଙ୍କ ଶ୍ରୀ ଅବଧରୁ ଯାତ୍ରା କରି କିଛିଦିନ ପରେ ବାରବଙ୍କି ଜିଲ୍ଲା ଅନ୍ତର୍ଗତ ଗୂଢ଼ ଗ୍ରାମରେ ପହଞ୍ଚିଲେ । ଏହି ଗୂଢ଼ ଗ୍ରାମରେ ମହାରାଜଙ୍କ ସ୍ମାରକ ସ୍ଥାନ ଆଜିପର୍ଯ୍ୟନ୍ତ ଅଛି । ସେଠାରେ ବହୁତ ବ୍ୟକ୍ତି ଏକତ୍ର ହୋଇ ତୁଳସୀ ରାମାୟଣ ବାଦ୍ୟ ସହିତ ସ୍ୱର ତାଳରେ ଗାନ କରୁଥିଲେ । ରାମାୟଣ ରାମନାମ ଶ୍ରୀ ମହାରାଜଙ୍କର ପ୍ରାଣରୁ ଅଧିକ ପ୍ରିୟ । ରାମାୟଣ ଗାନ ଶୁଣି ଯିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ସେ ସେଠାରେ ବସି ରାମାୟଣ ଶୁଣିଲେ । ସେହି ସଭାରେ ଅବସରପ୍ରାପ୍ତ ରାପଟ୍ ସାହେବଙ୍କ ସେନାର ଜଣେ ବ୍ରାହ୍ମଣ ସିପାହି ଥିଲେ । ସେ ମହାରାଜଙ୍କୁ ଚିହ୍ନି ତାଙ୍କୁ ବହୁତ ଅନୁନୟ ବିନୟ କରି ତାଙ୍କଠାରୁ ରାମତାରକ ମନ୍ତ୍ର ଉପଦେଶ ନେଇ ତାଙ୍କୁ ଗୁରୁରୂପେ ବରଣ କଲେ । ସେ ଗ୍ରାମର ଲୋକେ ବହୁତ ଆଗ୍ରହ କରି ଶ୍ରୀ ମହାରାଜଙ୍କୁ ତିନିମାସ ରଖିଲେ । ପରେ

ସେମାନଙ୍କଠାରୁ ବିଦାୟ ନେଇ ଲକ୍ଷ୍ନୌ ଦେଇ ସୀତାପୁର ଅନ୍ତର୍ଗତ ନୈମିଷାରଣ୍ୟରେ ପହଞ୍ଚି ଚକ୍ରତୀର୍ଥରେ ସ୍ନାନ କରି ନିଜ ଜନ୍ମସ୍ଥାନରେ ପଦାର୍ପଣ କଲେ । ଶ୍ରୀମହାରାଜଙ୍କ ଆଗମନର ଖବର ଅଳ୍ପକ୍ଷଣରେ ଗ୍ରାମରେ ବ୍ୟାପିଗଲା । ନବବଧୂ, ଛୋଟଶିଶୁଙ୍କୁ ଛାଡ଼ି ସମସ୍ତ ନରନାରୀ, ବାଳ, ବୃଦ୍ଧ ଶ୍ରୀ ମହାରାଜଙ୍କୁ ଦର୍ଶନ କରିବାକୁ ଘରୁ ବାହାରି ଆସିଲେ । ଗ୍ରାମ ଦାଣ୍ଡ ଜନସମୂହରେ ପୂର୍ଣ୍ଣ ହୋଇଗଲା । ତାଙ୍କ ଭ୍ରାତାମାନେ ଆସି ମହାରାଜଙ୍କୁ ଘରକୁ ନେଇଗଲେ । ତାଙ୍କ ଧର୍ମପତ୍ନୀ, ମାତା ଓ ଭ୍ରାତାମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶ୍ରୀ ମହାରାଜ ଘରୁ ଯିବା ପରେ ତାଙ୍କ ପିତା ଓ ପିତାଙ୍କ ଭ୍ରାତାମାନେ ପରଲୋକ ଗମନ କରି ସାରିଥିଲେ । ମାତା ଓ ଭ୍ରାତାଙ୍କ ବହୁତ ଆଗ୍ରହ ଯୋଗୁଁ ଶ୍ରୀ ମହାରାଜ କିଛି ଦିନ ଗୃହରେ ଅବସ୍ଥାନ କଲେ ।

ଶ୍ରୀ ମହାରାଜଜି ଗୃହରେ ରହିବା ଦିନଠାରୁ ବରାବର ସନ୍ଥ, ମହାତ୍ମା, ବିଦ୍ୱାନ୍, ପଣ୍ଡିତ ଆସିବାକୁ ଲାଗିଲେ । ପ୍ରତିଦିନ ରାମାୟଣ, ଭଗବତ, ସତ୍‌ସଙ୍ଗ ଚାଲିଲା । ମହାରାଜଙ୍କ ପ୍ରଭାବରୁ ଗ୍ରାମଲୋକେ ପରସ୍ପର ବୈର ବିବାଦ ଛାଡ଼ି ସମସ୍ତେ ଭଗବତ୍ ଭକ୍ତ ହୋଇଗଲେ । ମାତା, ଭ୍ରାତା, ଧର୍ମପତ୍ନୀଙ୍କୁ ସଙ୍ଗରେ ନେଇ ସେ ବଦ୍ରିକାଶ୍ରମ ଦର୍ଶନ କରି ଫେରିଆସିଲେ । ବୃଦ୍ଧା ମାତା ତାଙ୍କ ଅନ୍ତିମ ସମୟ ଜାଣି ନିଜ ପୁତ୍ର ଭକ୍ତ ରଘୁନାଥଙ୍କୁ ଡାକି କହିଲେ, ''ସୁତ, ତୋତେ ମୁଁ ଏହାହିଁ ମାଗୁଛି, ମୋର ମୃତ୍ୟୁପରେ ମୁଁ ବୈକୁଣ୍ଠରେ ଭଗବତ୍ ପ୍ରାପ୍ତି କରିବି, ମୋତେ ଏହି ବର ଦେ ।'' ଶ୍ରୀମହାରାଜଜି ବହୁତ ପ୍ରକାର ଶାସ୍ତ୍ରାନୁସାରେ ବୁଝାଇ କହିଲେ, ''ତୁମେ ତୁମର ଶୁଭ କର୍ମାନୁସାରେ ସଦ୍‌ଗତି ପାଇବ । ମୋର କହିବା ଦରକାର ନାହିଁ ।'' କିନ୍ତୁ ମା' ଏଥିରେ ଏକେବାରେ ସମ୍ମତ ନ ହୋଇ ଆଗ୍ରହ କରିବାରୁ ଶ୍ରୀ ମହାରାଜ କହିଲେ, ''ତୁମେ ମୃତ୍ୟୁ ପରେ ବୈକୁଣ୍ଠରେ ଭଗବତ୍ ପ୍ରାପ୍ତ ହେବ ।'' ଏହା ଶୁଣିବା ମାତ୍ରେ ତାଙ୍କ ମାତା ରାମ ରାମ ଉଚ୍ଚାରଣ କରୁ କରୁ ଶେଷ ନିଃଶ୍ୱାସ ପରିତ୍ୟାଗ କରି ବୈକୁଣ୍ଠରେ ଭଗବତ୍ ପ୍ରାପ୍ତି କଲେ । ଏ ଘଟନା ଶୁଣି କେତେକ ବ୍ୟକ୍ତି ଏହାର ସତ୍ୟାସତ୍ୟ ଜାଣିବାକୁ ଆଗ୍ରହ କଲେ ଏବଂ ନାନା ପ୍ରକାର ଆଲୋଚନା କରିବାକୁ ଲାଗିଲେ । ଯେଉଁମାନେ ଭଗବତ୍ ଭକ୍ତ, ଭଗବାନଙ୍କ ମଧ୍ୟରେ ଯେଉଁମାନଙ୍କ ନିବାସ, ସେମାନେ ନିନ୍ଦା-ସ୍ତୁତିର ଊର୍ଦ୍ଧ୍ୱରେ । କେହି ବିଶ୍ୱାସ କରୁ ବା ଅବିଶ୍ୱାସ କରୁ ସେଥିରେ ତାଙ୍କର କିଛି ନ ଥାଏ । କିନ୍ତୁ ତାଙ୍କ ଭାଇ ଓ ମିତ୍ରମାନେ ତ' ସାଧାରଣ ଚେତନାର ଊର୍ଦ୍ଧ୍ୱରେ ନାହାନ୍ତି । ସେମାନଙ୍କୁ ଲୋକଙ୍କ କଟୁ ସମାଲୋଚନା ତିକ୍ତ ଲାଗିଲା । ସେମାନେ ବହୁତ ପ୍ରାର୍ଥନାପୂର୍ବକ କହିଲେ, ''ତୁମ ସକାଶେ ନିନ୍ଦା-ସ୍ତୁତି ସମାନ, କିନ୍ତୁ ଆମ୍ଭେମାନେ ସାଧାରଣ ମନୁଷ୍ୟ, ଆମ୍ଭ ପକ୍ଷେ ତୁମ ନିନ୍ଦା ଅସହ୍ୟ । ତୁମେ ସମର୍ଥ, କେବଳ ଆମ୍ଭମାନଙ୍କ ସକାଶେ ମା'ଙ୍କୁ ବର ଦେବା ସତ୍ୟତାର ପ୍ରମାଣ ଦିଅ, ସେଥିରେ ନିନ୍ଦା କରିବା ବ୍ୟକ୍ତିଙ୍କର ବି କଲ୍ୟାଣ ହେଉ ।'' ମହାରାଜ କହିଲେ, ''ଆଚ୍ଛା ଭଗବାନଙ୍କର ଯେପରି ଇଚ୍ଛା ହେବ ସେହିପରି ହେବ ।'' ଚିତା ତିଆରି ହେଲା, ମୃତ ଶରୀରକୁ ଚିତା ଉପରେ ରଖି ସମସ୍ତ ବିଧିବିଧାନ ସମାପ୍ତ ହେବା ପରେ ଅଗ୍ନି ଦେବା ପୂର୍ବରୁ ଶ୍ରୀ ମହାରାଜ କହିଲେ, ''ଯଦି ମୋ ବାକ୍ୟକୁ ଶ୍ରୀରାମ ସତ୍ୟ କରିଛନ୍ତି ତେବେ ମୃତ ଶରୀରର ଦକ୍ଷିଣ ବକ୍ଷରୁ କ୍ଷୀର ସ୍ରବିତ ହେଉ ।'' — ଏହି ବାକ୍ୟ ଉଚ୍ଚାରଣ ସଙ୍ଗେସଙ୍ଗେ ପ୍ରତ୍ୟକ୍ଷ ଦେଖାଗଲା ମୃତ ଶରୀରର ଦକ୍ଷିଣ ସ୍ତନରୁ ଦୁଗ୍ଧ ପ୍ରବାହିତ ହେଲା । ଆଉ ଚିତା ସ୍ଥାନର ବାତାବରଣ ଅଲୌକିକ ଦିବ୍ୟାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ସମସ୍ତ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ମହାରାଜଜିଙ୍କ ଚରଣରେ ପଡ଼ି ସ୍ତୁତି କଲେ । ମାତାଙ୍କର ମୃତସଂସ୍କାର କ୍ରିୟା ଶାସ୍ତ୍ର ବିଧିବିଧାନାନୁସାରେ ସମାପ୍ତ ହେଲା ।

## ଅଯୋଧ୍ୟାରେ ତପସ୍ୟାଜୀବନ

ମା'ଙ୍କ ମୃତସଂସ୍କାର କ୍ରିୟା ପରେ ଶ୍ରୀ ମହାରାଜଙ୍କ ଗୃହବାସ ଏକ ବର୍ଷ ପୂର୍ଣ୍ଣ ହେଲା । ସେ ସମସ୍ତ ପରିବାରକୁ କହିଲେ, ''ବର୍ତ୍ତମାନ ମୁଁ ଅଯୋଧ୍ୟା ଯାଇ ଶ୍ରୀରାମଚନ୍ଦ୍ରଙ୍କ ଭଜନ ଧ୍ୟାନରେ ସମସ୍ତ ଜୀବନ ଉତ୍ସର୍ଗ କରିବାକୁ ଚାହେଁ ।'' ଏକଥା ଶୁଣିବାମାତ୍ରେ ସମସ୍ତ ବ୍ୟକ୍ତି ଏକ ସଙ୍ଗେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ଶ୍ରୀ ମହାରାଜ ସମସ୍ତଙ୍କୁ ବୁଝାଇ ସାନ୍ତ୍ୱନା ଦେଲେ । କିନ୍ତୁ ତାଙ୍କ ଧର୍ମପତ୍ନୀ ତାଙ୍କ ଚରଣ ଧରି କାନ୍ଦି କହିଲେ, ''ମୋର ତ' ତୁମ ଛଡ଼ା କୌଣସି

ଅବଲମ୍ବନ ନାହିଁ, ମୋତେ ସଙ୍ଗେ ନେଇ ଅଯୋଧ୍ୟା ଚାଲ, ମୁଁ ତୁମ ସଙ୍ଗେ ରହି ତୁମ ସେବା କରି ଉଦ୍ଧାର ହୋଇଯିବି, ଅନ୍ୟଥା ମୃତ ଶରୀର ଏଠାରେ ରହିଯିବ, ପ୍ରାଣ ତୁମ ସଙ୍ଗରେ ଯିବ।'' ମହାରାଜ ବହୁତ ବୁଝାଇ ଦେଖିଲେ ଯେ ଏହାକୁ ସଙ୍ଗେ ନ ନେଲେ ଏ ଅବଶ୍ୟ ଶରୀର ତ୍ୟାଗ କରିଦେବ । ତେଣୁ ତାଙ୍କୁ ସଙ୍ଗେ ନେଇ ଶ୍ରୀ ଅବଧ ଯାତ୍ରା କଲେ । ଶ୍ରୀଗୁରୁ ମହାରାଜ ପ୍ରିୟ ଶିଷ୍ୟକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ଶ୍ରୀଗୁରୁଦେବଙ୍କ ଆଜ୍ଞାରେ ଶ୍ରୀ ମହାରାଜ ଦୁଇଟି ପର୍ଣ୍ଣଶାଳା ନିର୍ମାଣ କରାଇ ଗୋଟିକରେ ସ୍ୱୟଂ ଏବଂ ଅନ୍ୟଟିରେ ତାଙ୍କ ଧର୍ମପତ୍ନୀ ବାସ କଲେ । ତିନି, ଚାରି ବର୍ଷ ପରେ ପତିପରାୟଣା ସାଧ୍ୱୀ ତପସ୍ୱିନୀ ଧର୍ମପତ୍ନୀ ଶ୍ରୀରାମଙ୍କ ନାମ ଜପ ସହ ନଶ୍ୱର ଶରୀର ତ୍ୟାଗ କରି ସାକେତ ଦିବ୍ୟଧାମରେ ଶ୍ରୀରାମଚନ୍ଦ୍ରଙ୍କ ସେବାକୁ ପ୍ରାପ୍ତ ହେଲେ । ପରେ ମହାରାଜଙ୍କ ଗୁରୁଦେବ ବାବା ମୌନୀ ବଳରାମ ଦାସ ମଧ୍ୟ ସାକେତ ଧାମକୁ ପ୍ରାପ୍ତ ହେଲେ । ଗୁରୁଦେବଙ୍କ ବିୟୋଗରେ ତାଙ୍କୁ ବହୁତ ଦୁଃଖ ହେଲା । ତାଙ୍କ ଭଣ୍ଡାର, ଅର୍ଥାତ୍ ମୃତ୍ୟୁର ତେର ଦିନରେ ସାଧୁମାନଙ୍କ ଭୋଜନ ସମାପ୍ତ ହେବା ପରେ ମହାରାଜଜି ସମସ୍ତ ବାହ୍ୟ କାର୍ଯ୍ୟରୁ ନିବୃତ୍ତ ହୋଇ ଅଯୋଧ୍ୟା ଅନ୍ତର୍ଗତ ବାସୁଦେବ ଘାଟରେ ପର୍ଣ୍ଣକୁଟୀର ନିର୍ମାଣ କରି ଅଖଣ୍ଡ ରାମ ଭଜନରେ ତନ୍ମୟ ହୋଇଗଲେ । ଶ୍ରୀ ମହାରାଜ ବାସୁଦେବ ଯେଉଁ ଘାଟରେ ଭଜନ କରିଥିଲେ, ତାହାର ଆୟତନ ପ୍ରାୟ ସାତଆଠ ଏକର ଜମି ହେବ । ସେଠାରେ ବର୍ତ୍ତମାନ ଶ୍ରୀରାମଚନ୍ଦ୍ରଙ୍କ ବିଶାଳ ମନ୍ଦିର ତିଆରି ହୋଇଛି । ଶ୍ରୀ ମହାରାଜଜି ଯେଉଁ ବୃକ୍ଷ ତଳେ ଧ୍ୟାନ କରୁଥିଲେ, ସେହି ବିଶାଳ ଅଶ୍ୱତ୍ଥ ବୃକ୍ଷ ତଳେ ଗୋଟିଏ ପକ୍କା ମଣ୍ଡପ ତିଆରି ହୋଇଛି । ସେହି ସ୍ଥାନରେ କିଛି ମାସ ରହିବାର ସୌଭାଗ୍ୟ ଏହି ଲେଖକକୁ ପ୍ରାପ୍ତ ହୋଇଥିଲା ।

## ଐକାନ୍ତିକ ସାଧନା

ଶ୍ରୀ ମହାରାଜଙ୍କ ଭଜନ ଥିଲା ରାମନାମ ଜପ ଏବଂ ହୃଦୟରେ ଶ୍ରୀରାମଙ୍କ ଧ୍ୟାନ । ଅଳ୍ପକିଛି ଦିନ ପରେ ମହାରାଜଙ୍କ ଖ୍ୟାତି କ୍ରମଶଃ ବଢ଼ିଲା । କେତେ ଭବ-ତାପ-ପୀଡ଼ିତ ବ୍ୟକ୍ତି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ନିବୃତ୍ତି ପାଇବା ସକାଶେ ଶ୍ରୀ ମହାରାଜଙ୍କ ଶରଣାପନ୍ନ ହୋଇ ଶ୍ରୀରାମତାରକ ମନ୍ତ୍ର ଉପଦେଶ ନେଲେ ଏବଂ ବୈରାଗ୍ୟ ଭେକ ଧାରଣ କରି ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶରେ ସାଧନା କରିବାକୁ ଲାଗିଲେ । ଆଉ କେତେକ ବୀତରାଗୀ ସନ୍ଥ ମହାତ୍ମା ନିଜ ସାଧନାରେ ସାହାଯ୍ୟ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ତାଙ୍କ ସମୀପରେ ନିବାସ କଲେ । ଏହିରୂପେ କ୍ରମଶଃ ବୀତରାଗୀ ତ୍ୟାଗୀ ସାଧୁ ସନ୍ଥଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ତାଙ୍କ ସମୀପରେ ନିବାସ କରିଥିବା ସମସ୍ତ ସାଧୁସନ୍ଥ ଏବଂ ଶିଷ୍ୟଙ୍କ ଭୋଜନ, ବସ୍ତ୍ର, ରହିବାର ସ୍ଥାନ ପ୍ରବନ୍ଧର ଭାର ଶ୍ରୀ ମହାରାଜଙ୍କୁ ବହନ କରିବାକୁ ହେଲା । ଶ୍ରୀ ମହାରାଜ ବଡ଼ ବଡ଼ ପର୍ଣ୍ଣକୁଟୀର ତିଆରି କରାଇଦେଲେ । ସେଥିରେ ସନ୍ଥମାନେ ନିବାସ କଲେ । ସେହି ପର୍ଣ୍ଣକୁଟୀରରେ ମଧ୍ୟ ସମସ୍ତଙ୍କ ପାଇଁ ରୋଷେଇ ହୁଏ । ସନ୍ଥଙ୍କ ପଙ୍ଗତ ଅର୍ଥାତ୍ ଭୋଜନ ସମୟରେ ଯେକୌଣସି ବ୍ୟକ୍ତି ଆସେ, ତାହାକୁ ମନା ନ ଥାଏ । ଏପରିକି ଭୋଜନ ହେବା ପରେ ରାତ୍ରି ନଅଟା ପର୍ଯ୍ୟନ୍ତ ଭୋଜନପ୍ରାର୍ଥୀ ଯେ କେହି ବ୍ୟକ୍ତିକୁ ଭୋଜନ ଦିଆଯାଉଥାଏ । ଶ୍ରୀମହାରାଜଙ୍କୁ ବାହାରୁ ବହୁତ ଦୂରରୁ ଗରିବଠାରୁ ରାଜା ମହାରାଜା ପର୍ଯ୍ୟନ୍ତ ଆସି ଦର୍ଶନ କରନ୍ତି ଓ ତାଙ୍କଠାରୁ ଉପଦେଶ ପ୍ରାପ୍ତ କରି କୃତାର୍ଥ ହୁଅନ୍ତି । ଯେଉଁମାନେ ମଠକୁ ଆସନ୍ତି ସେମାନେ ଭୋଜନ ନ କରି ଫେରନ୍ତି ନାହିଁ । ଅଳ୍ପ କେଇ ବର୍ଷ ମଧ୍ୟରେ ସନ୍ଥ ଆଉ ଦର୍ଶନାର୍ଥୀଙ୍କ ସଂଖ୍ୟା ଏତେ ବଢ଼ିଗଲା ଯେ ଏତେ ବଡ଼ ସ୍ଥାନ ମଧ୍ୟ ଯଥେଷ୍ଟ ହେଲା ନାହିଁ । ସ୍ଥାନ କମ୍ ହେବା କାରଣରୁ ଶ୍ରୀ ମହାରାଜ ସେ ସ୍ଥାନ ଛାଡ଼ି ଅଳ୍ପଦୂରରେ ସରୟୁ ନଦୀ କୂଳେ ସ୍ୱର୍ଣ୍ଣକୁଣ୍ଡର ବହୁତ ନିକଟରେ ପର୍ଣ୍ଣକୁଟୀର ନିର୍ମାଣ କରି ସେଠାରେ ଅନ୍ୟାନ୍ୟ ସନ୍ଥଙ୍କ ସଙ୍ଗେ ନିବାସ କଲେ ।

ସନ୍ଥମାନଙ୍କ ସଂଖ୍ୟା ବରାବର କ୍ରମଶଃ ବୃଦ୍ଧି ହେବାରୁ ଅଧିକ ସ୍ଥାନରେ ପର୍ଣ୍ଣକୁଟୀର ନିର୍ମାଣ କରିବାକୁ ହେଲା । ଶ୍ରୀ ମହାରାଜଙ୍କ ଦ୍ୱାରା ଅଧିକ ଜମି ଅଧିକୃତ ହେବାରୁ ଅଯୋଧ୍ୟା ରାଜା ନିଜ କର୍ମଚାରୀଙ୍କୁ ପଠାଇ ଖବରଦେଲେ, ''ସାଧୁଙ୍କର ଭଜନ କରିବା ଉଚିତ, ଏତେ ଜମି ଅଧିକାର କରିବା ପ୍ରୟୋଜନ କ'ଣ ?'' ଏକଥା ଶୁଣିବା ମାତ୍ରେ

ଶ୍ରୀ ମହାରାଜ ସେଠାରୁ ଉଠି ଚାଲିଗଲେ । ସନ୍ଥମାନେ ମଧ ତାଙ୍କ ଅନୁଗମନ କଲେ । ଅଯୋଧ୍ୟା ରାଜ୍ୟର ସରହଦ ଛାଡ଼ି ଅନ୍ୟ ରାଜ୍ୟର ଜମିଦାରିରେ ସରଯୁ ନଦୀ କୂଳେ ପହଞ୍ଚି ସେଠାରେ ଶ୍ରୀ ମହାରାଜ ସନ୍ଥଙ୍କ ସହିତ ଆସନ ଲଗାଇଦେଲେ । ସେହି ସ୍ଥାନର ରାଜା ଖବର ପାଇବା ମାତ୍ରେ ମନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆସି ମହାରାଜଙ୍କୁ ଦର୍ଶନ କଲେ, ଆଉ ହାତଯୋଡ଼ି ପ୍ରାର୍ଥନା କଲେ, ''ଏସବୁ ଜମି ଆପଣଙ୍କର, ମୁଁ ତ' ଆପଣଙ୍କର ଜଣେ ସେବକ, ମୋ ଉପରେ ଦୟାକରି ଏଠାରେ ନିବାସ କରନ୍ତୁ ।'' ସେ ତତ୍‌କ୍ଷଣାତ୍ ସନ୍ଥମାନଙ୍କ ସକାଶେ ପର୍ଣ୍ଣକୁଟୀର ତିଆରି କରିବା ପାଇଁ ମନ୍ତ୍ରୀଙ୍କୁ ହୁକୁମ ଦେଇ ଶ୍ରୀ ମହାରାଜଙ୍କ ଚରଣରେ ପ୍ରଣାମ କରି ବିଦାହେଲେ ।

ଶ୍ରୀ ମହାରାଜ ଅଯୋଧ୍ୟା ଛାଡ଼ି ଚାଲିଆସିବା ପରେ ଅଯୋଧ୍ୟା ରାଜା ବହୁତ ପଶ୍ଚାତ୍ତାପ କଲେ । ସେ ମନ୍ତ୍ରୀଙ୍କୁ ପଠାଇ ମହାରାଜଙ୍କୁ ଫେରି ଆସିବାକୁ ପ୍ରାର୍ଥନା କଲେ । ମହାରାଜ ଅସ୍ୱୀକାର କରିବାରୁ ସେ ସ୍ୱୟଂ ଆସି ହାତଯୋଡ଼ି ପ୍ରଣାମ କରି ପ୍ରାର୍ଥନା କରି କହିଲେ, ''ମୋ ଅପରାଧ କ୍ଷମା କରି ଅଯୋଧ୍ୟାର ପୂର୍ବ ସ୍ଥାନକୁ ଫେରନ୍ତୁ । ମୁଁ ଆପଣଙ୍କୁ ସଙ୍ଗେ ନ ନେଇ ଏକା ଫେରିବି ନାହିଁ ।'' ତାଙ୍କ ପୂର୍ବ ପର୍ଣ୍ଣକୁଟୀର ଥିଲା ଅଯୋଧ୍ୟା ପାଞ୍ଚକୋଶ ଆୟତନ ମଧ୍ୟରେ, ଯେଉଁ ଆୟତନରେ ଶ୍ରୀ ଚକ୍ରବର୍ତ୍ତୀ ମହାରାଜ ଦଶରଥଙ୍କର ମହଲ ଥିଲା । ୧୪ କୋଶ ଆୟତନ ମଧ୍ୟରେ ତାଙ୍କ ଜିଲ୍ଲା ଅଫିସ, କର୍ମଚାରୀ ଆଉ ସେନାମାନଙ୍କ ନିବାସ ସ୍ଥାନ । ୮୦ କ୍ରୋଶ ଆୟତନରେ ଥିଲା ଅଯୋଧ୍ୟା ସହର । ବାସୁଦେବ ଘାଟ ଏବଂ ସ୍ୱର୍ଣ୍ଣକୁଣ୍ଡ, ଯେଉଁ ଦୁଇ ସ୍ଥାନରେ ମହାରାଜା ପୂର୍ବେ ଥିଲେ, ତାହା ପାଞ୍ଚକୋଶ ଆୟତନ ମଧ୍ୟରେ । ଅଯୋଧ୍ୟା ରାଜାଙ୍କ ସରହଦ ଛାଡ଼ି ପରେ ଯେଉଁ ବେଲାର ଘାଟରେ ରହିଲେ ତାହା ହେଉଛି ଅଯୋଧ୍ୟା ୮୪ କ୍ରୋଶ ଆୟତନ ମଧ୍ୟରେ । ଅଯୋଧ୍ୟା ମହାରାଜା ଶ୍ରୀ ମହାରାଜଙ୍କୁ ବେଲାରଘାଟରୁ ଫେରାଇ ଆଣିଲେ ଅଯୋଧ୍ୟା ପାଞ୍ଚକୋଶ ଆୟତନ ଅନ୍ତର୍ଗତ ପୂର୍ବସ୍ଥାନକୁ । କିନ୍ତୁ ମହାରାଜ ତାଙ୍କ ପୂର୍ବ ନିବାସ ସ୍ୱର୍ଣ୍ଣକୁଣ୍ଡ ପାଖରେ କୁଟୀର ତୟାରି ଥିବା ସତ୍ତ୍ୱେ ସେଠାରେ ନ ରହି ଲୋକସମୂହରୁ ପୃଥକ୍ ସରଯୁ ପାର ମାଝାରେ ରହିବାକୁ ନିଜ ଇଚ୍ଛା ପ୍ରକାଶ କଲେ ଏବଂ ରାଜାଙ୍କୁ ବୁଝାଇ ଦେଲେ । ରାଜା ପ୍ରସନ୍ନ ମନରେ କହିଲେ, ''ଆପଣଙ୍କ ପ୍ରସନ୍ନତାରେ ସରଯୁ କୂଳ ମାଝାରେ ରହନ୍ତୁ । ମୋର ସେଥିରେ ପ୍ରସନ୍ନତା, କିନ୍ତୁ ରହନ୍ତୁ ଅଯୋଧ୍ୟା ପାଞ୍ଚ କ୍ରୋଶ ଆୟତନ ମଧ୍ୟସ୍ଥ ମୋର ଏହି ଭୂମିରେ । ମୋର ଏହିମାତ୍ର ପ୍ରାର୍ଥନା ଆଉ ଏହି ସେବା ।'' ଏହିପରି କହି ତତ୍‌କ୍ଷଣାତ୍ ବହୁତ ନୌକା ମଗାଇ ନେଲେ । ସମସ୍ତ ସନ୍ଥ ପାର ହେବା ପରେ ତାଙ୍କ ନିଜ ନୌକାରେ ଶ୍ରୀ ମହାରାଜ ଆଉ ମନ୍ତ୍ରୀଙ୍କ ସହିତ ସେ ପାର ହେଲେ । ଅଯୋଧ୍ୟା ରାଜା ଶ୍ରୀ ମହାରାଜଙ୍କୁ ମାଝାରେ ଛାଡ଼ି ପ୍ରଣାମ କରି ବିଦାୟ ନେଇ ମନ୍ତ୍ରୀଙ୍କ ସହିତ ଫେରିଲେ ।

ମାଝାରେ ବହୁତ ପର୍ଣ୍ଣକୁଟୀର ତିଆରି ହୋଇଗଲା । ମଧ୍ୟସ୍ଥ ପର୍ଣ୍ଣକୁଟୀରରେ ଶ୍ରୀ ମହାରାଜଙ୍କ ଆସନ ରହିଲା । ତାହାକୁ କେନ୍ଦ୍ର କରି ଚତୁଃପାର୍ଶ୍ୱରେ ସନ୍ଥମାନଙ୍କ କୁଟୀର ତିଆରି ହେଲା । ସରଯୁ ନଦୀକୂଳରେହିଁ ଅଯୋଧ୍ୟା ନଗରୀ । ଅଯୋଧ୍ୟା ନିକଟରେ ସରଯୁ ନଦୀରୁ ଅନ୍ୟ ଗୋଟିଏ ସ୍ରୋତ ପ୍ରବାହିତ ହୋଇ କେତେ କୋଶ ଜମିକୁ ବୃତ୍ତାକାରରେ ଘେରି ପୁନରାୟ ସରଯୁର ପ୍ରଧାନ ସ୍ରୋତରେ ସମ୍ମିଳିତ ହୋଇଥିଲା । ସେହି ସରଯୁ ଗର୍ଭଭୂମିରେ ଝାଉଁ ଜଙ୍ଗଲ ହୋଇ ଯାଇଥିଲା ସେହି ଭୂମି ମାଝା ନାମରେ ପ୍ରଖ୍ୟାତ ଥିଲା । ସେହି ସ୍ଥାନର ଶୋଭା ଶ୍ରୀ ମହାରାଜଙ୍କ ଜୀବନଚରିତ ଲେଖାରେ କବି ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

ଏହି ମହାରାଜଙ୍କ ଶିଷ୍ୟ ମୌନୀ ରାମଶରଣ ଦାସ ମହାରାଜ ଯେ କି ଲେଖକର ଗୁରୁଦେବ, ପରେ ସେହି ମାଝାରେ ନିବାସ କରୁଥିଲେ । ସେହି ସମୟରେ ଲେଖକକୁ ସେ ସ୍ଥାନରେ ରହିବାର ସୁଯୋଗ ପ୍ରାପ୍ତ ହୋଇଥିଲା ଝାଉଁ ଜଙ୍ଗଲ ମଧ୍ୟରେ । ସରଯୁ କୂଳରେ ସାଧକମାନଙ୍କର ସୁନ୍ଦର ପର୍ଣ୍ଣକୁଟୀର ସାମନା ଆଉ ପାଖ ଭୂମିକୁ ଲିପାଲିପି କରି ଏପରି ସୁନ୍ଦର କରିଥାଆନ୍ତି ଯେ ସେହି ସ୍ଥାନ ଦେଖିବା ମାତ୍ରେ ମନରେ ସାତ୍ତ୍ୱିକଭାବ ଉତ୍ପନ୍ନ ହୁଏ ଏବଂ ସେଠାରେ ବସିରହି ନିର୍ନିମେଷ ଦୃଷ୍ଟିରେ ସେହି ଦୃଶ୍ୟ ଦେଖିବାକୁ ମନହୁଏ । ଦୃଷ୍ଟି ଖୋଲିଲେ ମନୋମୁଗ୍ଧକାରୀ ସରଯୁର ପ୍ରବାହ, ସନ୍ଥମାନଙ୍କ ପବିତ୍ର କୁଟୀର, ତୁଳସୀମଞ୍ଜରୀଯୁକ୍ତ ସୁରମ୍ୟ ଲିପାଭୂମି ବଳପୂର୍ବକ ମନୁଷ୍ୟ ମନକୁ ଆକର୍ଷଣ କରେ ।

ବର୍ତ୍ତମାନ ସେ ଶୋଭା ନାହିଁ, ସରଯୁର ଦୁଇଟିଯାକ ସ୍ରୋତ ଏକତ୍ର ହୋଇ ଯାଇଛି । ସରଯୁରେ ପ୍ରସ୍ତର ବନ୍ଧ

ଏବଂ ପୋଲ ହେବାରୁ ମାଝା ବି ସମାପ୍ତ ହୋଇ ଯାଇଛି । ସେ ସମୟ ପରି ତ୍ୟାଗୀ, ସନ୍ଥ, ମହାତ୍ମାମାନେ ମଧ୍ୟ ଆଉ ସେଠାରେ ନାହାନ୍ତି ।

ମହାରାଜ ସରଯୁ ନଦୀର ଗର୍ଭ-ଭୂମି ମାଝାରେ ନିବାସ କରିବାରୁ ତାଙ୍କ ଦର୍ଶନ ସର୍ବସାଧାରଣଙ୍କ ପକ୍ଷରେ ସହଜ ନ ଥିଲା । କିନ୍ତୁ ଶ୍ରଦ୍ଧାଳୁ ଭକ୍ତ, ଭକ୍ତିପିପାସୁ, ତ୍ୟାଗିସନ୍ଥଙ୍କ ଭିଡ଼ ବରାବର ଲାଗି ରହୁଥିଲା । ମହାରାଜଙ୍କ ସୁଖ୍ୟାତି ଶୁଣି ରିମା ନରେଶ ଭକ୍ତ ରଘୁରାଜ ସିଂହ ନିଜ ପାତ୍ର ଅମାତ୍ୟବର୍ଗ ସହିତ ଦର୍ଶନକୁ ଆସିଲେ । ସେ ଥିଲେ ବହୁତ ବଡ଼ ଭକ୍ତ ଏବଂ ସନ୍ଥସେବୀ । ତାଙ୍କର ସନ୍ଥମାନଙ୍କଠାରେ ବିଶେଷ ନିଷ୍ଠା ଥିଲା । ସେ ତୁଳସୀ ଦାସଙ୍କ ବିନୟ ପତ୍ରିକାର ଟୀକା ଲେଖିଛନ୍ତି, ଆଉ ବହୁ ଭକ୍ତଙ୍କ ଜୀବନୀ ମଧ୍ୟ ଲେଖିଛନ୍ତି । ସେ ମହାରାଜଙ୍କୁ ଦର୍ଶନ କରି ବଡ଼ ଆନନ୍ଦିତ ହେଲେ ଏବଂ ଭଗବତ୍ ଦର୍ଶନ ଓ ଭକ୍ତିପ୍ରାପ୍ତିର ଉପାୟ ପଚାରିଲେ । ଏହି ପ୍ରଶ୍ନୋତ୍ତର ଓ ସତ୍‌ସଙ୍ଗ ଚର୍ଚ୍ଚା ସମୟରେ ଗୋଟିଏ ସେବକ ଦ୍ୱାରା କୌଣସି ଏକ ପତ୍ର ପାଇ ରାଜା ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲେ । ରାଜକୁମାର ଅତ୍ୟନ୍ତ ବେମାର ଥିବା ଖବର ପତ୍ରରୁ ଜାଣି ଶ୍ରୀ ମହାରାଜଙ୍କୁ ଜଣାଇଲେ । ମହାରାଜ କିଛି ସମୟ ଧ୍ୟାନସ୍ଥ ହେବା ପରେ କହିଲେ, ''ରାଜକୁମାର ପୂର୍ଣ୍ଣ ସୁସ୍ଥ ହେବା ଖବର କାଲି ସକାଳ ପତ୍ରରୁ ପାଇବେ ।'' ରାଜା ପ୍ରସନ୍ନ ହୋଇ କିଛି ସମୟ ପରେ ବିଦାୟ ନେଇ ମାଝାରୁ ଅଯୋଧ୍ୟାକୁ ଫେରି ଆସିଲେ । ତହିଁଆର ଦିନ ସରଯୁ ନଦୀ ପାରହୋଇ ମହାରାଜଙ୍କ ପାଖକୁ ଗଲେ । ତାଙ୍କ ସଙ୍ଗେ ସତ୍‌ସଙ୍ଗ ହେବା ସମୟରେ ପୂର୍ବ ଦିନ ପରି ସେବକ ଆଣି ପତ୍ରଟିଏ ଦେଲା । ରାଜକୁମାର ପୂର୍ଣ୍ଣ ସୁସ୍ଥ ହୋଇଥିବା ଖବର ପତ୍ରରୁ ପାଇ ରାଜା ବଡ଼ ଆନନ୍ଦିତ ହେଲେ; ସତ୍‌ସଙ୍ଗ ସମାପ୍ତ ହେବା ପରେ ଶ୍ରୀ ମହାରାଜଙ୍କ ଚରଣରେ ଦୁଇ ସହସ୍ର ସ୍ୱର୍ଣ୍ଣମୁଦ୍ରା ଅର୍ପଣ କରି ସାଧୁ-ସନ୍ଥଙ୍କ ସକାଶେ ଶମ୍ଭୂଭେଖ ଭଣ୍ଡାରାର ବ୍ୟବସ୍ଥା କଲେ । ଶ୍ରୀ ମହାରାଜଙ୍କ ଆଜ୍ଞାପ୍ରାପ୍ତ କରି ସେ ବିଦାୟ ନେଲେ । ଶମ୍ଭୂଭେଖ ଭଣ୍ଡାରାର ଅର୍ଥ — ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖଣ୍ଡିଏ ଲୁଗା ଆଉ ପୂର୍ଣ୍ଣଗ୍ରାସ ମିଷ୍ଟାନ୍ନ ଭୋଜନ ଦିଆହୁଏ । ଜଣଙ୍କ ଭୋଜନ ଦୁଇଜଣ ଖାଇ ପାରିବେ । ଏଥିରେ ସାଧୁ, ସନ୍ଥ, ଅମିର, ଗରିବ, ଭିକ୍ଷୁକ, ଦରିଦ୍ର ଯେ କେହି ଆସିବ ସମସ୍ତଙ୍କୁ ଦିଆଯିବ । ନାହିଁ ଶବ୍ଦ କାହାରିକୁ କୁହାଯିବ ନାହିଁ । ପ୍ରାୟ ୧୫/୨୦ ହଜାର ବ୍ୟକ୍ତିଙ୍କ ପାଇଁ ଭୋଜନର ବ୍ୟବସ୍ଥା କରିବାକୁ ହୁଏ ।

ମହାରାଜଙ୍କ ଦର୍ଶନକୁ ବହୁ ଦୂରଦୂରାନ୍ତରୁ ଦର୍ଶନାର୍ଥୀ ଆସୁଥିଲେ । କିନ୍ତୁ ସରଯୁ ନଦୀ ପାରହେବାକୁ ସେମାନଙ୍କୁ ବହୁତ ଅସୁବିଧା ହେଉଥିଲା । ଦିନେ ମହାରାଜଙ୍କ ଦର୍ଶନକୁ ତାଙ୍କ ଶିଷ୍ୟ ଜଣେ ଉଚ୍ଚପଦସ୍ଥ ଅଫିସର ଫଏଜାବାଦରୁ ଆସିଥିଲେ । ସରଯୁ ପାର ହୋଇ ନୌକାରୁ ଓହ୍ଲାଇବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ପଡ଼ିଗଲେ, ଲୁଗା ଓଦା ଓ କାଦୁଅ ହୋଇଗଲା । ସେ ମହାରାଜଙ୍କୁ ଦର୍ଶନ କରି ହାତଯୋଡ଼ି ପ୍ରାର୍ଥନା କଲେ, ''ଆପଣ ପୂର୍ବ ଆଶ୍ରମ ସ୍ୱର୍ଣ୍ଣକୁଣ୍ଡ ଛାଉଣୀକୁ ଚାଲନ୍ତୁ । ବହୁତ ଲୋକ ଆପଣଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି ଏବଂ ଏଠାକୁ ଆସିବାକୁ ଲୋକଙ୍କୁ ବିଶେଷ ଅସୁବିଧା ହେଉଅଛି ।'' ତାଙ୍କ ପ୍ରାର୍ଥନା ସ୍ୱୀକାର କରି ଶ୍ରୀ ମହାରାଜ ମାଝାରୁ ଆସି ସ୍ୱର୍ଣ୍ଣକୁଣ୍ଡ ଛାଉଣୀରେ ନିବାସ କଲେ ।

ମହାରାଜଙ୍କ ସ୍ୱର୍ଣ୍ଣକୁଣ୍ଡ ଆଶ୍ରମ ସରଯୁ ନଦୀ କୂଳରେ । ସ୍ଥାନ ବହୁତ ବିସ୍ତୃତ । ମଧ୍ୟସ୍ଥାନ ଅଶ୍ୱତ୍ଥ ବୃକ୍ଷତଳେ ବଡ଼ ଚୌତରା ଉପରେ ନିର୍ମାଣ ହେଲା ଶ୍ରୀ ମହାରାଜଙ୍କ କୁଟୀର ଏବଂ ତାହାର ଚତୁଃପାର୍ଶ୍ୱରେ ବିସ୍ତୃତ ଆକାରରେ ନିର୍ମାଣ କରାଗଲା ସନ୍ଥ-କୁଟୀର । ସେ ସମୟରେ ମହାରାଜଙ୍କ ଛାଉଣୀରେ ପ୍ରତିଦିନ ଏକ ହଜାରରୁ ଅଧିକ ସଂଖ୍ୟାରେ ସନ୍ଥ ନିବାସ କରୁଥିଲେ । କାର୍ତ୍ତିକ ମାସ, ରାମନବମୀ ଆଉ ଶୁଭଦିନମାନଙ୍କରେ ଦୁଇ, ତିନି ହଜାରରୁ ଅଧିକ ସନ୍ଥ ଏକତ୍ର ହେଉଥିଲେ । ସମସ୍ତ ସନ୍ଥଙ୍କ ପାଇଁ ଭୋଜନ ମହାରାଜଙ୍କ ଭୋଜନାଳୟରେ ତିଆରି ହେଉଥିଲା । ମହାରାଜଙ୍କ ଛାଉଣୀରେ ଯେଉଁ ସାଧୁସନ୍ଥ ଥିଲେ ସେମାନଙ୍କ ବ୍ୟତୀତ ବାହାରୁ ଯେଉଁ ଭକ୍ତ, ଯୋଗୀ, ସନ୍ନ୍ୟାସୀ, ସାଧୁ, ସନ୍ଥ ଏବଂ ଧନୀ, ଦରିଦ୍ର, ଭିକ୍ଷୁକ, ମଠର ସେବକ, ଗୃହୀ ଶିଷ୍ୟ ଆସୁଥିଲେ ସମସ୍ତଙ୍କୁ ଭୋଜନ ଦିଆ ହେଉଥିଲା; କାହାରିକୁ ମନା ନ ଥିଲା । ଶ୍ରୀ ମହାରାଜ ମାଝାରୁ ଆସି ପୂର୍ବ ସ୍ୱର୍ଣ୍ଣକୁଣ୍ଡ ଛାଉଣୀରେ ନିବାସ କରିବାରୁ ଲୋକଙ୍କୁ ଆସିବାକୁ ସୁବିଧା ହେଲା । କ୍ରମଶଃ ଦର୍ଶନାର୍ଥୀ, ସନ୍ଥ ଓ ଭୋଜନାର୍ଥୀଙ୍କ ସଂଖ୍ୟା ବଢ଼ିଲା ।

କଳକଳ ନାଦରେ ସ୍ୱଚ୍ଛ ପ୍ରବାହିତ ସରଯୁ କୂଳରେ ସନ୍ଥମାନଙ୍କର କୁଟୀର । କୁଟୀର ପାଖେ ପାଖେ ତୁଳସୀ ଏବଂ ପୁଷ୍ପ ଉଦ୍ୟାନ । ମହାରାଜଙ୍କ କୁଟୀରର ଚତୁଃପାର୍ଶ୍ୱରେ ସନ୍ଥମାନେ ବସି ରାମଧୂନ କରନ୍ତି । ଦର୍ଶନାର୍ଥୀ, ଭକ୍ତ, ଭୋଜନାର୍ଥୀମାନେ ଆସି ମଧ୍ୟ ସନ୍ଥମାନଙ୍କ ପାଖରେ ବସି ରାମଧୁନ୍‌ରେ ଯୋଗ ଦିଅନ୍ତି । ପ୍ରାୟ ଦୁଇହଜାର ବ୍ୟକ୍ତିଙ୍କ ସୁମଧୁର ରାମଧୂନ ଉଚ୍ଚାରଣ* କୋଶେ ବାଟ ପର୍ଯ୍ୟନ୍ତ ଶୁଣାଯାଏ । ଆଉ ଦୂରରୁ ଶୁଣିବା ବ୍ୟକ୍ତିର ମନକୁ ସ୍ୱରଯୁକ୍ତ ରାମନାମ ବଳାତ୍କାରରେ ଆକର୍ଷଣ କରେ । ଯେଉଁ ସ୍ଥାନରେ ଦୁଇ ହଜାର ବ୍ୟକ୍ତିଙ୍କ ଦ୍ୱାରା ରାମନାମ କୀର୍ତ୍ତନ ହୁଏ ସେ ସ୍ଥାନର ମହତ୍ତ୍ୱ ପାଠକମାନେ ଅନୁମାନ କରିପାରିବେ । ବହୁତ ପ୍ରକାର ଦୁଃଖପୀଡ଼ିତ, ପାପୀ, ତାପୀ ବ୍ୟକ୍ତି ଆସି ପୁଣ୍ୟକ୍ଷେତ୍ର ଅଯୋଧ୍ୟାର ସରଯୁ କୂଳେ ଶ୍ରୀ ମହାରାଜଙ୍କୁ ଦର୍ଶନ କରି ଦୁଃଖ-ତାପରୁ ମୁକ୍ତ ହୁଅନ୍ତି । ଭୋର ୩ ଘଣ୍ଟାଠାରୁ ମଧ୍ୟାହ୍ନ ୧୨ ଘଣ୍ଟା ଏବଂ ଦିନ ୩ ଘଣ୍ଟାଠାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ରାମଧୂନ ହୁଏ । ୯ ଘଣ୍ଟା ସମୟରେ ଭଗବାନଙ୍କ ଆଳତି ହୁଏ । ତା'ପରେ ବାଦ୍ୟ ସହିତ ରାମାୟଣ ଗାନ ହୁଏ । ଅଧିକାଂଶ ସନ୍ଥ ଦୈନିକ କେବଳ ସେହି ମଧ୍ୟାହ୍ନ ସମୟରେ ଥରେମାତ୍ର ଭୋଜନ କରନ୍ତି । ଅନ୍ୟ କେହି କେହି ଆଳତି ପରେ କିଛି କିଛି ଭୋଜନ କରନ୍ତି । ରାମାୟଣ ଗାନ ରାତ୍ରି ପ୍ରାୟ ୧୨ଟା ପର୍ଯ୍ୟନ୍ତ ହୁଏ । ଏହା ଥିଲା ଦୈନିକ ନିୟମ । ରାମଧୂନ ସମୟ ମଧ୍ୟରେ କେତେକ ସନ୍ଥ ଏକତ୍ର ହୋଇ କେଉଁଠି ସତ୍‌ସଙ୍ଗ କରନ୍ତି, କେଉଁଠି ଜଣେ ବକ୍ତା ରାମାୟଣ ଅର୍ଥ କରନ୍ତି ଏବଂ ବହୁତ ଶ୍ରୋତା ବସି ଶୁଣନ୍ତି; ଅନ୍ୟ କେଉଁଠି କୌଣସି ସନ୍ଥଙ୍କ ପାଖରେ କେତେକ ସନ୍ଥ ବସି ସାଧନା ସମ୍ବନ୍ଧରେ ପ୍ରଶ୍ନ କରନ୍ତି ଏବଂ ମନୋଯୋଗ ସହକାରେ ଉତ୍ତର ଶୁଣନ୍ତି । ଏହିପରି ସବୁ ସମୟରେ ସେଠାରେ ଭାଗବତ ଚର୍ଚ୍ଚା ହେଉଥାଏ । ଏହାଦ୍ୱାରା ଏପରି ବାତାବରଣ ସୃଷ୍ଟି ହୋଇଥାଏ ଯେ ବ୍ୟକ୍ତି ସେ ସ୍ଥାନକୁ ଯିବାମାତ୍ରେ ମନରୁ ସ୍ୱଭାବତଃ ନାନା ପ୍ରକାର ଦୁର୍ଭାବନା ଦୂର ହୁଏ ଓ ଭାଗବତ ଭାବ ଜାଗ୍ରତ୍ ହୁଏ ।

ଶ୍ରୀ ମହାରାଜଙ୍କ ଆଶ୍ରମ ସବୁ ସମ୍ପ୍ରଦାୟ, ସବୁପ୍ରକାର ସନ୍ଥମାନଙ୍କ ସକାଶେ ଉନ୍ମୁକ୍ତ ଥିଲା । ସବୁ ସମ୍ପ୍ରଦାୟ ଏବଂ ସବୁ ଶ୍ରେଣୀର ସନ୍ଥ ମହାତ୍ମା ସେଠାରେ ଏକତ୍ର ହେଉଥିଲେ । କେଉଁଠି ଜୈନ ସନ୍ଥ ବସି ଛୋଟ ପୋକ ନିଃଶ୍ୱାସ ଦ୍ୱାରା ଉଦରକୁ ଯାଇ ମରିଯିବା ଭୟରେ ନାସା ଉପରେ ଛୋଟ ଲୁଗା ପରଦା ଦେଇ ଜ୍ୟୋତିଃପ୍ରକାଶ ଧ୍ୟାନରେ ବସିଥାଆନ୍ତି ତ' କେଉଁଠି ବୌଦ୍ଧ ସନ୍ଥ ଶୂନ୍ୟରେ ଚେତନାକୁ ଲୟ କରି ସମାଧିସ୍ଥ ହୋଇଥାଆନ୍ତି । ଗୋରଖପନ୍ଥୀ ଅଲେଖ ନିରଞ୍ଜନଙ୍କୁ ଜଗାଉଥାଆନ୍ତି । କେଉଁଠି ସନ୍ନ୍ୟାସୀ, କେଉଁଠି ଉଦାସୀ, ନାନକ, ଦାଦୁ, କବୀର, ରୈଦାସପନ୍ଥୀ ସନ୍ଥ ନିଜ ନିଜ ସାଧନାରେ ରତ ହୋଇଥାଆନ୍ତି । କେଉଁଠି ବିଭୂତିବିଭୂଷିତ କୌପୀନଧାରୀ ସନ୍ଥ, କେଉଁଠି ଊର୍ଦ୍ଧ୍ୱବାହୁ, କେଉଁଠି ଏକ ପଦରେ ସ୍ଥିତ ଊର୍ଦ୍ଧ୍ୱବାହୁ, କେଉଁଠି ମସ୍ତକ ଭୂମିରେ ରଖି ପାଦ ଊର୍ଦ୍ଧ୍ୱକୁ କରି ଶୀର୍ଷାସନରେ ସ୍ଥିତ ସନ୍ଥମାନେ ଧ୍ୟାନମଗ୍ନ ହୋଇଥାଆନ୍ତି । କେହି ବା ବୈଶାଖ, ଜ୍ୟେଷ୍ଠ ମଧ୍ୟାହ୍ନ ରୌଦ୍ରରେ ଚତୁଃପାର୍ଶ୍ୱରେ ପାଞ୍ଚ ସ୍ଥାନରେ ଅଥବା ଚଉରାଶୀ ସ୍ଥାନରେ ଧୁନି ଜାଳି ମଧ୍ୟରେ ବସି ଧ୍ୟାନସ୍ଥ ହୋଇ ମନ୍ତ୍ର ଜପ କରନ୍ତି । କେହି କେହି ସନ୍ଥ ପୌଷ, ମାଘ ମାସ ଶୀତରେ ଭୋର ୩ ଘଣ୍ଟା ସମୟରୁ ୮ ଘଣ୍ଟା ପର୍ଯ୍ୟନ୍ତ ସରଯୁରେ ଗଳା ପର୍ଯ୍ୟନ୍ତ ଜଳରେ ଛିଡ଼ାହୋଇ ମନ୍ତ୍ର ଜପ କରନ୍ତି । କେହି ଫଳ ଆହାରୀ, କେହି କ୍ଷୀର ଆହାରୀ, କେହି ଲବଣ ତ୍ୟାଗୀ, କେହି ମଧୁର ତ୍ୟାଗୀ, କେହି ସ୍ୱପାକୀ । ଏହିରୂପେ ବହୁ ପ୍ରକାରର ସନ୍ଥ ସେଠାରେ ଏକତ୍ର ହୋଇଥାଆନ୍ତି । ସେହିପରି ବହୁବିଧ କର୍ମକାଣ୍ଡୀ ସନ୍ଥ ଏକତ୍ର ହୋଇ ସେହି ସେହି ସ୍ଥାନରେ ଶୋଭା ବୃଦ୍ଧି କରୁଥାଆନ୍ତି । ଯେପରି ବହୁ ରଙ୍ଗର ପୁଷ୍ପ ଉଦ୍ୟାନର ଶୋଭାକୁ ବୃଦ୍ଧି କରନ୍ତି ସେହିପରି ଶ୍ରୀମହାରାଜଙ୍କ ଆଶ୍ରମରେ ବହୁ ପ୍ରକାର, ବହୁ ସଂଖ୍ୟାର ସନ୍ଥ ନିବାସ କରୁଥାଆନ୍ତି । ବହୁ ସଂଖ୍ୟାରେ ବ୍ୟକ୍ତି ପ୍ରତିଦିନ ଭୋଜନ କରୁଥିବାରୁ ତାଙ୍କ ଆଶ୍ରମର ନାମ ''ବଡ଼ଛାଉଣୀ'' ନାମରେ ଲୋକମୁଖରେ ପ୍ରଚଳିତ ହୋଇଥିଲା । ତା'ପରେ ବଡ଼ଛାଉଣୀ ନାମରେ ପ୍ରସିଦ୍ଧ ହେଲା ।

* ଅର୍ଦ୍ଧେକ ବ୍ୟକ୍ତି ପ୍ରଥମେ ଉଚ୍ଚ ସ୍ୱରରେ ଉଚ୍ଚାରଣ କରନ୍ତି, ''ଜୟ ସୀତାରାମ, ସୀତାରାମ, ସୀତାରାମ, ଜୟ ସୀତାରାମ ।'' ତା'ପରେ ସେମାନେ ଚୁପ୍ ହୋଇଯାଆନ୍ତି ଏବଂ ଅବଶିଷ୍ଟ ଅର୍ଦ୍ଧେକ ବ୍ୟକ୍ତି ସେହିପରି ଉଚ୍ଚାରଣ କରନ୍ତି । ଏହିପରି ଦିନ ମଧ୍ୟରେ ୧୦।୧୨ ଘଣ୍ଟା ବା ତଦୂର୍ଦ୍ଧ୍ୱ ସମୟ ବରାବର ରାମଧୂନ କରାଯାଏ ।

ଶ୍ରୀ ମହାରାଜ ମଧ୍ୟ ପତ୍ର ଓ ଘାସ ଛପର ହୋଇଥିବା ପର୍ଣ୍ଣକୁଟୀରରେ ନିବାସ କରୁଥିଲେ । ସମସ୍ତସନ୍ଥମାନଙ୍କ ରହିବାସ୍ଥାନ ''ସନ୍ଥନିବାସ'' ନାମରେ ବହୁତ ଦୂର ପର୍ଯ୍ୟନ୍ତ ଲମ୍ବା ଲମ୍ବା ପର୍ଣ୍ଣକୁଟୀର ନିର୍ମିତ ହୋଇଥିଲା । କଞ୍ଚା ଅନ୍ନ, ରୋଷାଇର ଆବଶ୍ୟକ ସମସ୍ତ ବସ୍ତୁ ରହିବା ସ୍ଥାନ କୋଠାର, ଭୋଜନ ତୟାରି ହେବା ସ୍ଥାନ ପାକଶାଳା ଇତ୍ୟାଦି ଥିଲା ପର୍ଣ୍ଣକୁଟୀର । ସରଯୂ କୂଳରେ ସମସ୍ତ ପର୍ଣ୍ଣକୁଟୀର ଦୂରରୁ ଗୋଟିଏ ଛୋଟ ଗ୍ରାମ ପରି ଶୋଭା ପାଉଥିଲା । ବହୁ ବ୍ୟକ୍ତିଙ୍କ ଭୋଜନ ଏକତ୍ର ତିଆରି ହେବା ସକାଶେ ବହୁତ ବଡ଼ ବଡ଼ ପାତ୍ରର ଆବଶ୍ୟକ ହେଉଥିଲା । ଏତେ ବଡ଼ ବଡ଼ ପାତ୍ର ହେବା ସତ୍ତ୍ୱେ ପ୍ରତିଦିନ ତାକୁ ମାଜି ସ୍ୱଚ୍ଛ କରି ଦିଆ ହେଉଥିଲା । ଭୋଜନ ତୟାରି ହୋଇ ଭଗବାନଙ୍କୁ ଭୋଗ ଲାଗିବା ପରେ ଗୋଟିଏ ବଡ଼ ଉଚ୍ଚା ମଞ୍ଚ ଉପରେ ଚଢ଼ି ବହୁତ ଉଚ୍ଚ ସ୍ୱରରେ ଶବ୍ଦ କରିପାରିବା ଚାରି ଜଣ ସାଧୁ ଏକ ସ୍ୱରରେ କହୁଥିଲେ, ''ପଙ୍ଗତକୁ ହରି ହର'' । ଏହି ଶବ୍ଦର ଅର୍ଥ – ସ୍ତ୍ରୀପୁରୁଷ, ଧନୀ-ଦରିଦ୍ର, ଶିବ ତଥା ବିଷ୍ଣୁ ଭକ୍ତ ଯେ କେହି ଭୋଜନ କରି ପାରନ୍ତି । ଗୋଟିଏ ଦିଗରେ ସମସ୍ତ ସନ୍ଥମାନଙ୍କ ପଙ୍ଗତ, କିଛି ଛଡ଼ାରେ ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ପଙ୍ଗତ ହୁଏ । ଏତେ ବଡ଼ ପଙ୍ଗତ ପରିବେଷଣ କରିବାରେ ଯଦ୍ୟପି ଦକ୍ଷ ସନ୍ଥ ସୂପକାର ଥାଆନ୍ତି ତଥାପି କେବଳ ପରିବେଷଣ କରିବାରେ ଅଧଘଣ୍ଟାରୁ କିଛି ଅଧିକ ସମୟ ଲାଗେ । ପରିବେଷଣ ସମାପ୍ତ ହେଲେ ଏକ ସଙ୍ଗରେ ସମସ୍ତେ ଭୋଜନ କରନ୍ତି । ପରିବେଷଣ ସମୟରେ ସମସ୍ତ ବ୍ୟକ୍ତି ବହୁତ ଉଚ୍ଚସ୍ୱରରେ ରାମଧୁନ କରନ୍ତି । ପଙ୍ଗତ ସମୟରେ ଶ୍ରୀ ମହାରାଜ ସ୍ୱୟଂ ଛିଡ଼ାହୋଇ ପଙ୍ଗତ ଦେଖନ୍ତି ଏବଂ ଯାହାକୁ ଯାହା ଦରକାର ଦେଖି ପରଶିବା ବ୍ୟକ୍ତିଙ୍କୁ ଡାକି ତାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଅନ୍ତି । ସେ ନିଜେ ନିଜ ହାତରେ ରୋଷାଇ ତୟାର କରି ଠାକୁରଙ୍କୁ ଭୋଗ ଲଗାଇ ପ୍ରସାଦ ସେବନ କରନ୍ତି ।

ଦିନକୁ ଦିନ ଅଧିକାଧିକ ଶ୍ରୀ ମହାରାଜଙ୍କ ନାମ ବିଖ୍ୟାତ ହେଲା । ବଡ଼ ବଡ଼ ସାଧୁ ସନ୍ଥ, ଦରିଦ୍ର, ଧନୀ, ରାଜା, ମହାରାଜା ଶ୍ରୀ ମହାରାଜଙ୍କ ଦର୍ଶନକୁ ଆସିଲେ । ମହାରାଜଙ୍କୁ ବହୁ ରାଜା ଗ୍ରାମ ଖଞ୍ଜା କରିବାକୁ ଏବଂ ପର୍ଣ୍ଣକୁଟୀର ପରିବର୍ତ୍ତେ ପକ୍କା ମନ୍ଦିର ତିଆରି କରିଦେବାକୁ ବହୁତ ପ୍ରାର୍ଥନା କଲେ । କିନ୍ତୁ ମହାରାଜଜି ନିଜ ନିଷ୍ଠା ଏବଂ ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସରେ ଅଚଳ ରହିଲେ । ଶ୍ରୀ ମହାରାଜଙ୍କ ସିଦ୍ଧାନ୍ତ ଥିଲା ସେ ଭଗବାନଙ୍କ ସେବକ । ତାଙ୍କ ପାଖକୁ ଯେଉଁ ଧନ ଆସେ ତାହା ଭଗବାନଙ୍କ ବିଧାନ ଅନୁସାରେ ଆସେ । ସେହି ଧନର ଯଥାର୍ଥ ଉପଯୋଗ ହୁଏ ଭଗବତ୍ ଭକ୍ତ, ସନ୍ଥ, ମହାତ୍ମା, କ୍ଷୁଧାର୍ତ୍ତ ଦରିଦ୍ରନାରାୟଣଙ୍କ ସେବାରେ । ତାଙ୍କର ଦୃଢ଼ ବିଶ୍ୱାସ ଓ ନିଷ୍ଠା ଥିଲା ଯେ ଧନର ମାଲିକ ଭଗବାନ୍ । ଭଗବାନଙ୍କ ତରଫରୁ ସେ କେବଳ ବ୍ୟବସ୍ଥାପକ । ସେହି କାରଣରୁ ତାଙ୍କର ଧନରେ ମମତା ବା ଲୋଭ ନ ଥିଲା; ଥିଲା ସେବା ଭାବ; ଧନର ସତ୍-ଉପଯୋଗର ବିବେକ । ତାଙ୍କ ଶିଷ୍ୟ, ସେବକମାନେ ଗୁରୁଙ୍କ ଆଜ୍ଞା ପାଳନ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲେ । ତାଙ୍କ ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ କରି ସନ୍ଥଙ୍କ ସେବାରେ ତତ୍ପର ରହୁଥିଲେ । ସନ୍ଥ, ଭିକ୍ଷୁକ, ଦରିଦ୍ର ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ କେବେ ବି ନିରାଶ କରାଯାଉ ନ ଥିଲା । ସେମାନଙ୍କର ଚାହିଁବା ଅନୁସାରେ ସିଦ୍ଧ ଭୋଜନ, ରୋଷେଇର ସରଞ୍ଜାମ, ଲୁଗା, ଶୀତ ଦିନେ କମ୍ବଳ, ରୋଷେଇର ପାତ୍ର ଆଉ ଲୋଟା ବିତରଣ କରା ହେଉଥିଲା । ଶ୍ରୀ ମହାରାଜଙ୍କ ଭଣ୍ଡାର କୁବେର ଭଣ୍ଡାର ସଦୃଶ ଭରା ରହୁଥିଲା । ଆଜିକାଲି ବ୍ୟକ୍ତି ଏହାକୁ ଅତିରଞ୍ଜନ ବୋଲି କହିପାରନ୍ତି, କିନ୍ତୁ ଯଥାର୍ଥରେ ଏହା ସତ୍ୟ ଘଟଣା । ଯଦି ବ୍ୟକ୍ତି ଧନରୁ ସ୍ୱାର୍ଥ ଆଉ ଲୋଭ ତ୍ୟାଗ କରି ଅନ୍ୟର ସେବାରେ ଯଥାର୍ଥ ଉପଯୋଗ କରେ, ତେବେ ତାଙ୍କ ପାଖକୁ ସ୍ୱାଭାବିକରୂପେ ଧନ ଆସେ । ଆଜିକାଲି ଲକ୍ଷ ଲକ୍ଷ ଟଙ୍କା ଯଜ୍ଞରେ ଖର୍ଚ୍ଚ ହେଉଛି; ସେ ଧନ କୁଆଡୁ କିପରି ଆସୁଛି ? ଲୋକେ ଜାଣୁଛନ୍ତି ଯେ ଧନ ଭଲ କାର୍ଯ୍ୟରେ ଲାଗିବ । ଅଳ୍ପ ଦିନର ଘଟନା, ଯଦି କେହି ତାଙ୍କର ଶିଷ୍ୟ ମୌନୀ ବାବାଙ୍କ ଉଦାର ଦାନ ସ୍ୱଚକ୍ଷୁରେ ଦେଖିଥାଏ, ସେ ସ୍ୱାଭାବିକରୂପେ ଏହାକୁ ବିଶ୍ୱାସ କରିପାରିବ । ଲେଖକ ଶ୍ରୀ ମହାରାଜ ମୌନୀ ବାବାଙ୍କଠାରୁ ବୈଷ୍ଣବ ଦୀକ୍ଷା ନେବା ପରେ ମହାରାଜଙ୍କ ସେବାରେ ରହିବାକୁ ସୁଯୋଗ ପାଇଥିଲା । ମାଘମାସ ମକର ସଂକ୍ରାନ୍ତି ଦିନ ପର୍ଣ୍ଣଶାଳା ମଧ୍ୟଭାଗରେ କଞ୍ଚା ଡାଲି ଓ ଚାଉଳ ମିଶାଇ କେତେ ଭରଣ ସ୍ତୂପାକାରରେ ଠୁଳ କରାହେଲା । ଏହା ଥିଲା ମୋ ପକ୍ଷରେ ଗୋଟିଏ ନୂତନ ଦୃଶ୍ୟ । କୌତୂହଳପୂର୍ବକ ମହାରାଜଜିଙ୍କୁ ପଚାରିଲି, ''ଏ ଚାଉଳଡ଼ାଲି କ'ଣ ହେବ ?'' ସେ ଉତ୍ତର ଦେଲେ, ''ଆଜି ମକର ସଂକ୍ରାନ୍ତି, ବ୍ରାହ୍ମଣମାନେ ଆସି ସବୁ ନେଇନେବେ । ତୁ କ'ଣ ମୋ ଗୁରୁ ମହାରାଜଙ୍କ ଦାନ

ସମ୍ବନ୍ଧରେ କିଛି ଶୁଣି ନାହୁଁ ? ବର୍ତ୍ତମାନ ଯାହା ଦେଖୁଛୁ ତାହା ତା'ର ଶହେ ଭାଗରୁ ଏକ ଭାଗ ହେବ ନାହିଁ । ଆଜି ଜଣେ ସାଧୁବ୍ରାହ୍ମଣମାନଙ୍କୁ ନିଜ ହାତରେ ଇଚ୍ଛା ଅନୁସାରେ ଦେବେ, କିନ୍ତୁ ମୋ ଗୁରୁ ମହାରାଜଙ୍କ ସମୟରେ ଚାଉଳ, ଡାଲି ଜମା କରି ଦିଆହେଉଥିଲା ବ୍ରାହ୍ମଣମାନେ ନିଜ ହାତରେ ଇଚ୍ଛାନୁସାରେ ନେଇ ଯାଉଥିଲେ । ନିୟମ ଥିଲା ଜଣେ ବ୍ୟକ୍ତି ଦୁଇଥର ନେବ ନାହିଁ । ଏହି ନିୟମ ସମସ୍ତେ ପାଳନ କରୁଥିଲେ । ଜଣେ ଦରିଦ୍ର ବ୍ରାହ୍ମଣ ଦୁଇଥର ନେଇ ସରଯୁକୂଳ ଝାଉଁ ଜଙ୍ଗଲରେ ରଖି ଆସିଥିଲେ । ଏହି ଘଟନା କେହି ଦେଖି ବ୍ରାହ୍ମଣର ରଖିଥିବା ଚାଉଳକୁ ଚୋରି କରିନେଲା । ବ୍ରାହ୍ମଣ ତୃତୀୟ ଥର ଯାଇ ରଖିଥିବା ସ୍ଥାନରେ ପୂର୍ବର ଚାଉଳ ନ ପାଇ ଫେରିଆସି ରାଗିଯାଇ ମହାରାଜଙ୍କୁ କହିଲେ, 'ମୁଁ ଏତେ ପରିଶ୍ରମ କରି ଚାଉଳ ବୋଝ ବୁହାଇ ମାଝାରେ ରଖି ଆସିଥିଲି, କେହି ଚୋରି କରି ନେଇଗଲା ।' ମହାରାଜଜି ବହୁତ ଶାନ୍ତ ଆଉ ଦୟାପୂର୍ଣ୍ଣ ଭାବରେ କହିଲେ, 'ଆଚ୍ଛା ତୋର ଯେତେ ଦରକାର ଅଖାରେ ଭରତି କର, ସାଧୁମାନେ ତୋ ଘରେ ପହଞ୍ଚାଇ ଦେବେ ।' ସେ ନିଜ ଇଚ୍ଛାରେ ଦୁଇ, ତିନି ଅଖାରେ ଗୋଟିଏ ବ୍ୟକ୍ତି ଯେତେ ନେଇପାରିବ ଭର୍ତ୍ତିକଲା । ମହାରାଜଜି ସାଧୁମାନଙ୍କ ଦ୍ୱାରା ତା' ଘରେ ପହଞ୍ଚାଇ ଦେଲେ । ଏହା ପ୍ରକୃତରେ ସତ୍ୟ ଘଟନା ।'' ବଙ୍ଗଳା, ଓଡ଼ିଶା, ମାନ୍ଦ୍ରାଜ ପରି ଅଯୋଧ୍ୟା ପ୍ରାନ୍ତ ଏତେ ଦରିଦ୍ର ନୁହେଁ । ସେମାନେ ପରିଶ୍ରମ କରି ଜୀବିକା ନିର୍ବାହ କରିବା ପସନ୍ଦ କରନ୍ତି । ଦାନ ନେବା ଅଥବା ଦାତବ୍ୟ ଅନ୍ନ ଭୋଜନ କରିବାକୁ ସେମାନେ କାମନା କରନ୍ତି ନାହିଁ । ସେମାନେ କର୍ତ୍ତବ୍ୟ ଅନୁସାରେ ଦାନ କରିବା ଅଧିକ ପସନ୍ଦ କରନ୍ତି । ସେତେବେଳେ ଶସ୍ତା ସମୟର ପରିସ୍ଥିତିକୁ ବର୍ତ୍ତମାନ ସମୟର ବ୍ୟକ୍ତି ଅନୁମାନ କରିବା କଠିନ । ଉତ୍ତର ପ୍ରଦେଶରେ ଚାଳିଶ ବର୍ଷ ପୂର୍ବେ ଘିଅ ଟଙ୍କାକୁ ଦେଢ଼ ସେର, ଦୁଧ ମହଣ ଦୁଇ ଟଙ୍କା ଥିଲା । ଏହା ଶୁଣିବା ନୁହେଁ ସ୍ୱଚକ୍ଷୁରେ ଦେଖିବା ଘଟନା ।

ଶ୍ରୀ ମହାରାଜଜିଙ୍କ ଆଶ୍ରମରେ ପ୍ରାର୍ଥୀକୁ କେବେ ବି ମନା କରାହୁଏ ନାହିଁ । ମହାରାଜଜିଙ୍କର ନିୟମ ଥିଲା ଦେବା ଛଡ଼ା କେହି ନାହିଁ କରିପାରିବେ ନାହିଁ । ଭୋଜନ ପାଇଁ କୌଣସି ପ୍ରଶ୍ନ ନାହିଁ, ଯେ କେହି ଆସିବ ସେ ବସି ଭୋଜନ କରିବ । ପଙ୍ଗତରେ ସାଧୁମାନଙ୍କର ଭୋଜନ ସରିଯିବା ପରେ ଅବଶିଷ୍ଟ ଭୋଜନସାମଗ୍ରୀକୁ ମହଜୁଦ ରଖି ଦିଆହୁଏ । ପରେ ଦୂରଦୂରାନ୍ତରୁ କୌଣସି ବ୍ୟକ୍ତି ଆସି ପହଞ୍ଚିଲେ ତାଙ୍କୁ ଭୋଜନ ବରାବର ଦିଆହେଉଥାଏ ।

ଥରେ କେତେଜଣ ଗାୟାଳ ପିଲା ରୋଷାଇ ଘରେ ପଶି ଭୋଜନ ଚୋରି କରୁଥିବା ସମୟରେ ଧରାପଡ଼ିଲେ । ମହାରାଜଜିଙ୍କ କାନକୁ ସେକଥା ଗଲା । ମହାରାଜ ସବୁ ଗାୟାଳ ପିଲାଙ୍କୁ ଡାକି କହିଲେ, ''ତୁମ୍ଭେମାନେ ଚୋରି କର ନାହିଁ, ପଙ୍ଗତରେ ଉଦରପୂର୍ଣ୍ଣ ଭୋଜନ କରିଯାଅ ।'' ତା'ପରେ ମହାରାଜ ସାଧୁଙ୍କୁ କହିଲେ, ''ଏମାନଙ୍କୁ ଭୋଜନ ମିଳୁ ନାହିଁ, ସେଥିପାଇଁ ଚୋରି କରୁଛନ୍ତି; ଭୋଜନ ପାଇଲେ ଚୋରି କରିବେ କାହିଁକି ?''

ମହାରାଜଜିଙ୍କ ମଠରେ ପଙ୍ଗତରେ ହିସାବ ନ ଥାଏ, କେବେ ଦୁଇ ହଜାର, କେବେ ତିନି ହଜାର । ସାଧୁଙ୍କ ଭୋଜନ ପରେ ରାତ୍ରି ୯ ଘଣ୍ଟା ପର୍ଯ୍ୟନ୍ତ ଭୋଜନ ବିତରଣ ଚାଲିଥାଏ । ଏହାଛଡ଼ା ପ୍ରାର୍ଥୀ ବ୍ୟକ୍ତିଙ୍କୁ ଚାଉଳ ଡାଲି, ରୋଷାଇ ପାତ୍ର, ଲୋଟା ଏବଂ ଲୁଗାପଟା ଇତ୍ୟାଦି ବରାବର ଦିଆ ହୁଏ । ମହାରାଜଙ୍କ ଉଦ୍ଦେଶ୍ୟ ଜାଣି ତାଙ୍କ ଶିଷ୍ୟମାନେ କୌଣସି ଯାଚକଙ୍କୁ ନାହିଁ ଶବ୍ଦ ଶୁଣାନ୍ତି ନାହିଁ ।

ବରାବର ଦେଖାଯାଇଛି ଭଗବାନଙ୍କର ଅନନ୍ୟ ଭକ୍ତ ଭଗବତ୍‌ପ୍ରାପ୍ତ ମହାତ୍ମାମାନେ ବି ପରୀକ୍ଷାରୁ ମୁକ୍ତ ନୁହନ୍ତି । ସାଧାରଣ ଜନତାଙ୍କ କଲ୍ୟାଣ ସକାଶେ, ଭକ୍ତଙ୍କ ଯଶଃ ବୃଦ୍ଧି ପାଇଁ ଭକ୍ତମାନଙ୍କ ପରୀକ୍ଷା ହୁଏ । ଏହାକୁ ଭଗବାନ୍ ମଧ୍ୟ ଅନୁମୋଦନ କରନ୍ତି । ମନୁଷ୍ୟର ସ୍ୱଭାବ ବିଚିତ୍ର । କେହି କେହି ଦୁଷ୍ଟପ୍ରକୃତିର ଲୋକ ଗୁଣରେ ଦୋଷ ଦେଖେ । ତା' ନିଜ ମଧ୍ୟରେ ଥିବା ଦୋଷକୁ ଅନ୍ୟ ଉପରେ ଆରୋପ କରି ସଦ୍‌ଗୁଣକୁ ଦୁର୍ଗୁଣ ମନେକରେ । ଏପରି ଲୋକ ସବୁସମୟରେ କମ୍ ବହୁତ ରହିଥା'ନ୍ତି ।

କିସୁନ୍ ଦାସ ନାମରେ ଜଣେ ସାଧୁ ମହାରାଜଙ୍କ ଛାଉଣୀରେ ରହିଥିଲେ । ମହାରାଜଙ୍କ ଦାନ, ଉଦାର ହୃଦୟତା, ଦୟା, କରୁଣା, ଜ୍ଞାନ, ଭକ୍ତି ସଦ୍‌ଗୁଣାଦି କିସୁନ ଦାସଙ୍କ ବୁଦ୍ଧିରେ ବିପରୀତ ଭାବେ ଅନୁଭବ ହେଉଥିଲା । ସେ ମନେ କରୁଥିଲେ, ''ମହାରାଜଜି ବଡ଼ ଧୂର୍ତ୍ତ, ଭଲ ଭାବରେ ଲୋକଙ୍କ ସଙ୍ଗେ କଥାବାର୍ତ୍ତା କରି ରାଜା ମହାରାଜାଙ୍କୁ ଶିଷ୍ୟ କରି

ନେଇଛନ୍ତି । ସେମାନଙ୍କଠାରୁ ଅପର୍ଯ୍ୟାପ୍ତ ଧନ ପାଇ, ତାହା ଦାନ କରି ନିଜର ନାମଯଶଃ ପ୍ରଚାର କରୁଅଛନ୍ତି । ଯଥାର୍ଥରେ ଭଗବତ୍ କରୁଣା ପ୍ରାପ୍ତ କରିଛନ୍ତି ବୋଲି ମନେ ହେଉ ନାହିଁ । ଯଦି ମୋ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଠିକ୍ ମହାତ୍ମା ବୋଲି ମୁଁ ମାନିବି, ଅନ୍ୟଥା ତାଙ୍କ କପଟତା ପ୍ରକାଶ ହୋଇଯିବ । ଏହି ଦୁର୍ଭାବନା ହୃଦୟରେ ଧରି ଛଦ୍ମ ଉତ୍ସାହରେ କୋଠାରୀ ପୂରଣ ଦାସଙ୍କ ସହିତ କୋଠାରରେ ବହୁତ ଦକ୍ଷତା ସହିତ କାର୍ଯ୍ୟ କରିବାକୁ ଲାଗିଲେ । ଯେଉଁ ବ୍ୟକ୍ତି ଦାୟିତ୍ୱରେ ଆଶ୍ରମର ଡାଲି, ଚାଉଳ, ଘିଅ, ଚିନି ଓଗେର ଆସବାବ ଥାଏ, ତାକୁ କୋଠାରୀ ଏବଂ ଯେଉଁ ସ୍ଥାନରେ ଉକ୍ତ ଜିନିଷପତ୍ର ଥାଏ, ତାହାକୁ କୋଠାର କୁହାଯାଏ ।

କୋଠାରରେ କିସୁନ୍ ଦାସଙ୍କର କପଟତାପୂର୍ଣ୍ଣ କାର୍ଯ୍ୟଦକ୍ଷତାରେ ପୂରଣ ଦାସ ମୁଗ୍ଧ ହୋଇଗଲେ ଏବଂ କ୍ରମଶଃ କୋଠାରର ଭାର ତାଙ୍କ ଉପରେ ଛାଡ଼ିଦେଲେ । କିଛିଦିନ ପରେ କପଟଭାବଯୁକ୍ତ ଶ୍ରଦ୍ଧା ଦେଖାଇ ପୂରଣ ଦାସଙ୍କର ସେ ପୂର୍ଣ୍ଣରୂପେ ବିଶ୍ୱାସର ପାତ୍ର ହୋଇଗଲେ । ତୀର୍ଥଯାତ୍ରା କରିବା ସନ୍ଥମାନଙ୍କର ପରମ୍ପରାଗତ ନିୟମ । ପୂରଣ ଦାସଙ୍କ ଉପରେ ଦାୟିତ୍ୱପୂର୍ଣ୍ଣ କୋଠାରର ଭାର ଥିବାରୁ ସେପର୍ଯ୍ୟନ୍ତ ସେ ତୀର୍ଥଯାତ୍ରାକୁ ଯାଇ ନ ଥିଲେ । କିସୁନ୍ ଦାସଙ୍କୁ ଉପଯୁକ୍ତ ମନେକରି, ତାଙ୍କୁ କୋଠାରର ଭାର ଦେଇ, ତୀର୍ଥଯାତ୍ରା କରିବା ନିଶ୍ଚୟ କରି, ସେ ଏହି ପ୍ରସ୍ତାବ ଶ୍ରୀ ମହାରାଜଜିଙ୍କ ପାଖରେ ନିବେଦନ କଲେ । ଅଯୋଧ୍ୟାରେ ଉଚ୍ଚକୋଟୀର ମହାତ୍ମାମାନେ କୌଣସି ସାଧୁ ତୀର୍ଥଯାତ୍ରାରେ ଯିବାକୁ ଚାହିଁଲେ, ମନାକରନ୍ତି ନାହିଁ । ଶ୍ରୀ ମହାରାଜଜି ମଧ୍ୟ ମନା ନ କରି ପୂରଣ ଦାସଙ୍କ ପ୍ରସ୍ତାବକୁ ଅନୁମୋଦନ କରି ତାଙ୍କୁ ଯିବାକୁ ଆଜ୍ଞା ଦେଇଦେଲେ । କିସୁନ୍ ଦାସ ପୂରଣ ଦାସଙ୍କ ଅପେକ୍ଷା ଅତି କୁଶଳତା ସହିତ କୋଠାରର କାର୍ଯ୍ୟ କରି ଶ୍ରୀ ମହାରାଜ ତଥା ଅନ୍ୟାନ୍ୟ ସନ୍ଥମାନଙ୍କୁ ମୁଗ୍ଧ କରିଦେଲେ ।

କୌଣସି ବ୍ୟକ୍ତି ନିଜ ବ୍ୟୟରେ ସନ୍ଥମାନଙ୍କୁ ଭୋଜନ କରାଇଲେ, ସେହି ଭୋଜନକୁ ଭଣ୍ଡାରା କୁହାଯାଏ । ସେଥିରେ ପ୍ରତିଦିନ ସାଧାରଣ ଭୋଜନ ଅପେକ୍ଷା ନାନା ଧରଣର ବିଶିଷ୍ଟ ମିଷ୍ଟାନ୍ନ ତିଆରି ହୁଏ; ଅନ୍ୟାନ୍ୟ ମଠରୁ ସନ୍ଥମାନଙ୍କୁ ନିମନ୍ତ୍ରଣ କରାହୋଇ ଭୋଜନ ଦିଆହୁଏ । ଜଣେ ବ୍ୟକ୍ତି ମହାରାଜଙ୍କ ପାଖକୁ ଆସି ଅଯୋଧ୍ୟାର ସମସ୍ତ ସନ୍ଥଙ୍କ ଭଣ୍ଡାରା ଭୋଜନ ଉପଲକ୍ଷରେ ଟଙ୍କା ଦେଲେ । ତା'ର ପରଦିନ ସନ୍ଥମାନଙ୍କ ଭୋଜନ ବ୍ୟବସ୍ଥା ସ୍ଥିର ହେଲା । ଭଣ୍ଡାରାର ପୂର୍ବ ରାତ୍ରିରେ ସମସ୍ତ ମିଷ୍ଟାନ୍ନ ତିଆରି ହେବା ଉପଲକ୍ଷ୍ୟରେ ଭିନ୍ନ ଭିନ୍ନ ବସ୍ତୁ ପ୍ରସ୍ତୁତ କରାଗଲା ଏବଂ ପୁରି, ବୁନ୍ଦିଆ, ମାଲପୁଆ ପ୍ରଭୃତି ଘିଅରେ ଛଣା ହେବାର କାର୍ଯ୍ୟ ଆରମ୍ଭ କରାଗଲା । ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱସନ୍ଥଙ୍କ ସକାଶେ ଭଣ୍ଡାରାରେ ମାଲପୁଆ, ବୁନ୍ଦିଆ ଇତ୍ୟାଦିରେ ଘୃତର ପ୍ରଚୁର ଖର୍ଚ୍ଚ । ଏହିସବୁ ମିଷ୍ଟାନ୍ନ ରାତ୍ରିରେ ତିଆରି ହୁଏ ଏବଂ ପ୍ରାତଃ ସମୟରେ କେବଳ ତରକାରି ପ୍ରସ୍ତୁତ କରାହୁଏ । ପରୀକ୍ଷା କରିବାର ଏହି ସୁଯୋଗ ପାଇ କୋଠାରୀ କିସୁନ୍ କୋଠାରରେ ଥିବା ଘୃତକୁ ଡାଲି ଚାଉଳ ଥିବା ସ୍ଥାନରେ ଗୁପ୍ତ ଭାବରେ ରଖି ତା' ଉପରେ ବହୁତ ଖାଲି ଅଖା ଘୋଡ଼ାଇ ଦେଲେ । ଅର୍ଦ୍ଧରାତ୍ରି ସମୟରେ ଘୃତ ଶେଷ ହୋଇଯିବା ଖବର ଶ୍ରୀ ମହାରାଜଜିଙ୍କୁ ଦେଲେ । ଯାଡ଼େ ଚୁଲିରେ କଡ଼ାଇ ବସିଛି । ମହାରାଜଜି ତତ୍କ୍ଷଣାତ୍ ସାଧୁମାନଙ୍କୁ ପଠାଇ ଅଯୋଧ୍ୟା ବଜାରର ଦୋକାନୀମାନଙ୍କୁ ଉଠାଇ ତାଙ୍କ ଦୋକାନମାନଙ୍କରୁ ଘୃତ କ୍ରୟ କରି ଅଣାଇଲେ । ସେଥିରେ ମଧ୍ୟ ପୂରା ହେଲା ନାହିଁ । ଅଯୋଧ୍ୟା ବର୍ତ୍ତମାନ ବି ବଡ଼ ସହର ନୁହେଁ, ସେସମୟରେ କେବଳ ସାଧାରଣ ଦୋକାନମାନ ଥିଲା । ସେମାନଙ୍କ ପାଖରେ ଅଧିକ ଘୃତ ନ ଥିଲା ।

ସେ ସମୟରେ ସାଧୁମାନଙ୍କର ପ୍ରଥାନୁସାରେ ମଠର ସବୁଠାରୁ ଭଲ ସାଧକଙ୍କୁ ରୋଷେଇ ଭାର ଦିଆ ଯାଉଥିଲା । ରୋଷାଇ କରିବା ବ୍ୟକ୍ତିର ହୃଦୟ ଶୁଦ୍ଧ, ଭାବ ପବିତ୍ର ହେଲେ ତାହାର ପ୍ରଭାବ ଭୋଜନ କରିବା ବ୍ୟକ୍ତିଙ୍କ ଉପରେ ପଡ଼େ । ମୋର ଗୁରୁ ମହାରାଜ ଉଚ୍ଚକୋଟୀର ସାଧକ ଥିଲେ । ତାଙ୍କୁ ତାଙ୍କ ଗୁରୁଦେବ ବାବା ରଘୁନାଥ ଦାସଜି ମହାରାଜ ରୋଷାଇର ସଞ୍ଚାଳକ ପଦରେ ନିଯୁକ୍ତ କରିଥିଲେ । ରୋଷାଇର ଘୃତ ଶେଷ ହେବା ଖବର ସେ ତାଙ୍କ ଗୁରୁଦେବଙ୍କ ଚରଣରେ ନିବେଦନ କଲେ । ଶ୍ରୀ ମହାରାଜ କିଛି ସମୟ ନୀରବ ହୋଇ ରହିଲେ । କୌଣସି ଉପାୟ ନ ଦେଖି ପଚାରିଲେ, ''କେତେ ଘଡ଼ା ଘିଅ ଆବଶ୍ୟକ ହେବ ?'' ମୋର ଗୁରୁ ମହାରାଜ ଉତ୍ତର ଦେଲେ ଯେ ''କୋଡ଼ିଏ ଘଡ଼ା ଘିଅ ଦେଇ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ।'' ଶ୍ରୀ ମହାରାଜ କୋଡ଼ିଏ ଜଣ ସନ୍ଥଙ୍କୁ ଡାକି କହିଲେ, ''ତୁମେମାନେ

ପ୍ରତ୍ୟେକେ ଗୋଟିଏ ଗୋଟିଏ ଘଟ ନେଇ ସରଯୁ କୂଳକୁ ଯାଅ, ପ୍ରଥମରେ ପ୍ରାର୍ଥନା କର, କୁହ, 'ମିଷ୍ଟାନ୍ନ ତିଆରି କାର୍ଯ୍ୟ ଚାଲୁଅଛି, ଘୃତ ଶେଷ ହୋଇଗଲା, ମହାରାଜଜି କହିଛନ୍ତି, ତୁ କୋଡ଼ିଏ ଘଟ ଘୃତ ଦେ, କାଲି ମହାରାଜଜି ଫଏଜାବାଦରୁ ଘିଅ ମଗାଇ ତୋତେ ଦେଇଦେବେ ।'' ମହାରାଜଜିଙ୍କ କହିବାନୁସାରେ ସାଧୁମାନେ ସରଯୁ କୂଳକୁ ଯାଇ ସେହିପରି ପ୍ରାର୍ଥନା କରି କହି ନଦୀରୁ କୋଡ଼ିଏ ଘଟ ଜଳ ଆଣି ଜଳୁଥିବା ଚୁଲି ଉପରେ ଘିଅ କଡ଼ାଇରେ ଢାଳିଲେ । କଡ଼େଇରେ ପଡ଼ିବା ସଙ୍ଗେ ସଙ୍ଗେ ଜଳ ଘୃତରେ ପରିଣତ ହେଲା ଏବଂ ମିଷ୍ଟାନ୍ନ ତିଆରି କାର୍ଯ୍ୟ ସୁଚାରୁରୂପେ ଶେଷ ହେଲା । ତହିଁ ଆରଦିନ କୋଡ଼ିଏ ଘଟ ଘିଅ ମଗାଇ ଶ୍ରୀ ମହାରାଜଜି ସରଯୁ ନଦୀକୁ ଅର୍ପଣ କରାଇଦେଲେ । ସନ୍ଥମାନଙ୍କ ଭଣ୍ଡାରା ବହୁତ ସମାରୋହରେ ଶେଷ ହେଲା । ଏହି ଘଟଣା ଅଯୋଧ୍ୟାରେ ଆଜି ପର୍ଯ୍ୟନ୍ତ ଲୋକମୁଖରେ ପ୍ରସିଦ୍ଧ । ଏପରିକି ପ୍ରତ୍ୟେକ ପ୍ରାନ୍ତର ବୈଷ୍ଣବ ସାଧୁମାନଙ୍କ ମଧ୍ୟରେ କେଉଁଠି କିଛି ବିକୃତ ବା କେଉଁଠି ଠିକ୍ ଶୁଦ୍ଧ ଭାବରେ ଏହା ସୁବିଦିତ ।

ଭକ୍ତ ଭଗବାନଙ୍କୁ ସମର୍ପଣ କରି ତାଙ୍କରି ଆଶ୍ରୟରେ ନିଶ୍ଚିତ ହୋଇ ରହେ । ସେ ଜାଣେ ଯେ ତା'ର ବ୍ୟକ୍ତିଗତ କରାମତି କିଛି ନାହିଁ, ସବୁ ଭଗବାନଙ୍କର । ସେଥିପାଇଁ କୌଣସି ଆଶ୍ଚର୍ଯ୍ୟଜନକ ଅନୁଭୂତିରେ ଭକ୍ତର ଗର୍ବ ହୁଏ ନାହିଁ । ଭକ୍ତକୁ ଯେଉଁ ମାନସମ୍ମାନ ପ୍ରାପ୍ତ ହୁଏ ଭକ୍ତ ତାହା ଭଗବାନଙ୍କୁ ସମର୍ପଣ କରିଦିଏ । କେବେ କେବେ ବିରୁଦ୍ଧଶକ୍ତି ଭକ୍ତକୁ ପରୀକ୍ଷା କରିବାକୁ ଚାହିଁଲେ ସେଥିରେ ସେ ବାଧା ଦିଅନ୍ତି ନାହିଁ । ବରଂ ବିରୋଧୀ ଶକ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସକାଶେ ଭକ୍ତକୁ ସାହାଯ୍ୟ କରନ୍ତି । ସେଥିରେ ଭକ୍ତର ନାମ ଯଶଃ ପ୍ରସାର ହୁଏ ।

ଫଏଜାବାଦରେ ରାମଦାସ ନାମରେ ଜଣେ ବୈଶ୍ୟଥିଲା । ସେ ଆସି ନିଜ ଦୁଃଖଦରିଦ୍ରତା ସମ୍ବନ୍ଧରେ ମହାରାଜଙ୍କ ଚରଣରେ ପ୍ରାର୍ଥନା କଲା । ମହାରାଜଜି ଦୟାରେ ଦ୍ରବିତ ହୋଇ କହିଲେ, ''ଏଠାରେ ପ୍ରତିଦିନ ଯେତେ ଜିନିଷ ଖର୍ଚ୍ଚ ହେଉଛି, ତାହାସବୁ ତୁ ଛାଉଣୀକୁ ଯୋଗାଇ ଦେ ।'' ଏହା କହି କିଛି ଟଙ୍କା ଦେଲେ । ରାମଦାସ ସେହି ଦିନଠାରୁ ଛାଉଣୀରେ ଯେତେ ଯାହା ଖର୍ଚ୍ଚ ହୁଏ ତାହା ସବୁ ଯୋଗାଇବାକୁ ଲାଗିଲା ଏବଂ ଅଳ୍ପ କେତେମାସ ମଧ୍ୟରେ ଗୋଟିଏ ବଡ଼ ବେପାରୀ ହୋଇଉଠିଲା ।

ସମ୍ବତ୍ ୧୯୩୪ରେ ଦୁର୍ଭିକ୍ଷ ପଡ଼ିଲା । ବହୁତ ଲୋକ ଖାଇବାକୁ ନ ପାଇ ବାସସ୍ଥାନ ଛାଡ଼ି ଭିକ୍ଷାର ଆଶ୍ରୟ ନେଲେ । କେତେକ ଉଦରଜ୍ୱାଳା ସହ୍ୟ କରି ନ ପାରି ଚୋରି କଲେ । ଚାରିଦିଗରେ କ୍ଷୁଧାର ଆର୍ତ୍ତନାଦ ଅନ୍ନାଭାବରେ ଲୋକଙ୍କ ଶରୀର କଙ୍କାଳଗତ ହୋଇଗଲା । ସେମାନଙ୍କ ଆର୍ତ୍ତନାଦରେ ସହୃଦୟ ବ୍ୟକ୍ତିଗଣ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ଭୋଜନ କରିପାରିଲେ ନାହିଁ ।

ଶ୍ରୀ ମହାରାଜଙ୍କ ନାମ ଶୁଣି ଅନ୍ନକଷ୍ଟରୁ, ଦୁର୍ଭିକ୍ଷପୀଡ଼ାରୁ ମୁକ୍ତି ପାଇବା ପାଇଁ ବହୁ ସଂଖ୍ୟାର ଲୋକ ଛାଉଣୀ ଚାରି ପାଖରେ ଏକତ୍ର ହୋଇ ଅନ୍ନଦାନ ପାଇଁ ଉଚ୍ଚ ସ୍ୱରରେ ପ୍ରାର୍ଥନା କରିବାକୁ ଲାଗିଲେ । ଶ୍ରୀ ମହାରାଜ ସେମାନଙ୍କର କରୁଣ ହୃଦୟବିଦାରକ ବ୍ୟାକୁଳ ବାଣୀ ଶୁଣି ଭଗବାନଙ୍କ ପାଖରେ ସେମାନଙ୍କର କ୍ଷୁଧାଗ୍ନି ଶାନ୍ତ କରିବା ପାଇଁ ପ୍ରାର୍ଥନା କଲେ । ଭଗବାନ୍ ନିଜ ଭକ୍ତର ପ୍ରାର୍ଥନା ସଦୈବ ଶୁଣନ୍ତି ଏବଂ ତାଙ୍କ ମନୋରଥ ପୂର୍ଣ୍ଣ କରନ୍ତି । ଭଗବାନ୍ ତାଙ୍କ ପ୍ରାର୍ଥନା ମଞ୍ଜୁର କଲେ । ଭଗବାନଙ୍କ ଚେତନା ସଙ୍ଗରେ ଭକ୍ତର ଚେତନା କେତେକ ଅଂଶରେ ଏକ ହୋଇଥାଏ । ଶ୍ରୀ ମହାରାଜ ଭଗବାନଙ୍କ ନିର୍ଦ୍ଦେଶ ଜାଣି ସମସ୍ତ ସେବକ ଏବଂ କୋଠାରୀ କିସୁନ୍ ଦାସଙ୍କୁ ଡାକି କହିଲେ, ''ଦେଖ, ଏହିସବୁ ଆର୍ତ୍ତନାଦ କରିବା ବ୍ୟକ୍ତି ଦରିଦ୍ରନାରାୟଣ । ନାରାୟଣ ଦରିଦ୍ରରୂପ ପ୍ରାପ୍ତ ହୋଇଛନ୍ତି ଆମ୍ଭମାନଙ୍କୁ କୃତାର୍ଥ କରିବା ପାଇଁ । ତୁମ୍ଭେମାନେ କାହାକୁ କୌଣସି ବସ୍ତୁ ଦେବାକୁ ମନାକରିବ ନାହିଁ, କଠୋର ଅଥବା ଅନାଦର ବଚନ କହି ତିରସ୍କାର କରିବ ନାହିଁ । ଏମାନଙ୍କୁ ତିରସ୍କାର କରିବା ଅର୍ଥ ହେବ ଭଗବାନଙ୍କୁ ତିରସ୍କାର କରିବା । ଯେଉଁମାନେ ଭଣ୍ଡାରାରେ ଭୋଜନ କରିବେ ସେମାନଙ୍କୁ ଭୋଜନ ଦିଅ, ଯେଉଁମାନେ ନିଜେ ନିଜେ ରୋଷାଇ କରିବେ ସେମାନଙ୍କୁ ରୋଷାଇସାମଗ୍ରୀ ସବୁ ଦିଅ ।'' ଏହି କାର୍ଯ୍ୟ ସକାଶେ ସେ କେତେଜଣ ଶିଷ୍ୟଙ୍କୁ ନିଯୁକ୍ତ କଲେ ଏବଂ କୋଠାରୀ କିସୁନ୍ ଦାସଙ୍କୁ କହିଲେ, ''କୋଠାର ଭଗବାନଙ୍କର । ତୁମେ ଦେବାରେ କୃପଣତା ପ୍ରକାଶ କରିବ ନାହିଁ ଯାହାର ଯାହା ଦରକାର ଦେଉଥିବ ।''

ଅସରଳ ତାର୍କିକହୃଦୟ ବ୍ୟକ୍ତି ସରଳ ନିଷ୍କପଟ ବାକ୍ୟର ଅର୍ଥ କରନ୍ତି ନିଜ କୁଟିଳତା ଅନୁସାରେ । କୋଠାରୀ କିସୁନ୍ ଦାସ ସେହିପରି କୁଟିଳହୃଦୟ ବ୍ୟକ୍ତି ଥିଲେ । ସେ ଦେଖିଲେ ସରଯୁ ଜଳ ଘୃତରେ ପରିଣତ ହୋଇଥିଲା, ସେଥିରେ ତାଙ୍କର ସନ୍ତୋଷ ଆସି ନ ଥିଲା । ସେ ଭାବିଲେ ଏହି ଦୁର୍ଭିକ୍ଷ ସମୟରେ ଅସଂଖ୍ୟ ଲୋକଙ୍କୁ ମହାରାଜଜି କିପରି ଭୋଜନ ଦେବେ ଏହିଠାରେ ଭଲ ଭାବରେ ପରୀକ୍ଷା କରିବା । ଏହି ଉଦ୍ଦେଶ୍ୟ ରଖି ଯେ ଯାହା ଯେତେ ପରିମାଣରେ ମାଗେ ସେ ତାହା ଅପେକ୍ଷା ଅଧିକ ଦିଅନ୍ତି, ତଥାପି କୋଠାର ଖାଲି ହୁଏ ନାହିଁ । ଦିନେ କିସୁନ୍ ଦାସ ଏହିପରି ପାପ ମନରେ ରଖି ଗୁପ୍ତଭାବରେ ଫଏଜାବାଦ ଯାଇ ସେହି ବଣିଆ ରାମଦାସକୁ ଭେଟିଲେ ଯେଉଁ ଗରିବ ବଣିଆ ରାମଦାସକୁ ଶ୍ରୀ ମହାରାଜଜି ଟଙ୍କା ଦେଇ ବେପାର କରିବାରେ ସାହାଯ୍ୟ କରିଥିଲେ ଓ ଯଦ୍ଦ୍ୱାରା ସେ ଅଳ୍ପକାଳ ମଧ୍ୟରେ ପ୍ରଚୁର ଧନ ଉପାର୍ଜନ କରିପାରିଥିଲା । ତାକୁ କିସୁନ୍ ଦାସ କହିଲେ, ''ଭାଇ ଦେଖ, ମୁଁ ତୋର ହିତ କଥା କହିବାକୁ ଆସିଛି । ଯଦି ଏହା ଉଚିତ ମନେକରୁ ତେବେ କର, କିନ୍ତୁ ମୋ କହିବା ଗୁପ୍ତ ରଖିବୁ । ବର୍ତ୍ତମାନ ଦୁର୍ଭିକ୍ଷ ସମୟ, ଛାଉଣୀରେ ଦଶ ହଜାରରୁ ଅଧିକ ବ୍ୟକ୍ତି ଏକତ୍ର ହୋଇଛନ୍ତି, ଆଉ ପ୍ରତିଦିନ ଭୋଜନାର୍ଥୀଙ୍କ ସଂଖ୍ୟା ବଢୁଛି । ତୁ ଯଦି ଉଧାର ଦେଉ, ଅଧିକ ପରିମାଣରେ ଟଙ୍କା ବାକି ହୋଇଗଲେ ଶ୍ରୀ ମହାରାଜ ପରିଶୋଧ କରିବେ କିପରି, ଟଙ୍କା କେଉଁଠୁ ଆଣିବେ ? ସେ ତ ସାଧୁ, ତାଙ୍କର ଘର ନା ସମ୍ପତ୍ତି ! ଆଜି ଏଠାରେ ଅଛନ୍ତି, କାଲି କମଣ୍ଡଳୁ ଉଠାଇ ଯାଇ ଅନ୍ୟ ଜାଗାରେ ବସିବେ । ତୁ ତୋ ଧନ ପାଇବୁ କିପରି ? ଦଶ, ବାର ହଜାର ଟଙ୍କା ପର୍ଯ୍ୟନ୍ତ ବାକି ଦେଇପାରୁ, ତା'ପରେ କହିବୁ ବାକି ପରିଶୋଧ କରି ନଗଦ ଜିନିଷ ନିଅ । ବାକି ପରିଶୋଧ ନ କଲେ ନଗଦ ଜିନିଷ ବନ୍ଦ କରିଦେବୁ ।'' ଏହି କଥା ବଣିକ ରାମଦାସକୁ ଯୁକ୍ତିଯୁକ୍ତ ମନେହେଲା ଏବଂ ସେ ତାହାହିଁ କରିବା ନିଶ୍ଚୟ କଲା । କିସୁନ୍ ଦାସ ନିଜ କାର୍ଯ୍ୟ ସିଦ୍ଧ କରିନେଲେ ଭାବି ସେହିପରି ଗୁପ୍ତଭାବରେ ଛାଉଣୀକୁ ଫେରିଆସିଲେ ।

ଏହିପରି ଚାରି, ଛଅ ଦିନ ଅତୀତ ହୋଇଗଲା ଓ ରାମଦାସ ବଣିଆର ଛାଉଣୀ ଯୋଗାଇବା ଜିନିଷର ମୂଲ୍ୟ ପ୍ରାୟ ଦଶ, ବାର ହଜାର ଟଙ୍କା ହୋଇଗଲା । କିସୁନ୍ ଦାସ ଉପଯୁକ୍ତ ସମୟ ଜାଣି କୋଠାରରେ ବଳିଥିବା କିଛି ଜିନିଷକୁ ଗୁପ୍ତ ସ୍ଥାନରେ ରଖିଦେଲେ ଏବଂ ଯାଇ ଶ୍ରୀ ମହାରାଜଙ୍କୁ କହିଲେ, ''ଆଜି କୋଠାରରୁ ସମସ୍ତ ଜିନିଷ ସମାପ୍ତ ହୋଇ ଯାଇଛି'' ମହାରାଜ ଶୁଣିବା ମାତ୍ରେ ଫଏଜାବାଦ ରାମଦାସ ବଣିଆ ପାଖରୁ ପୂର୍ବବତ୍ ଜିନିଷ ଉଧାର ଆଣିବାକୁ ସାଧୁମାନଙ୍କୁ ପଠାଇ ଦେଲେ । କିନ୍ତୁ କିସୁନ୍ ଦାସଙ୍କ ପୂର୍ବ ପରାମର୍ଶ ଅନୁସାରେ ବାକି ନେଇଥିବା ଜିନିଷର ଦାମ୍ ପରିଶୋଧ ନ କରି ପୁନରାୟ ଉଧାର ଦେବାକୁ ରାମଦାସ ମନାକଲେ । ସାଧୁମାନେ ନିରାଶ ହୋଇ ଫେରିଆସି ମହାରାଜଜିଙ୍କୁ ସମସ୍ତ ଘଟନା କହିଲେ ।

ଯେଉଁଠାରେ ଉଦାରତା, ଦୟାର ସୀମା ନାହିଁ, ସେହିଠାରେ କୁଟିଳତା ଓ କପଟତାର ଖେଳ । ଯେଉଁ ଗରିବ ବଣିଆ ମହାରାଜଙ୍କ କୃପାରୁ ଧନୀ ହୋଇଛି, ଯିଏ ବଡ଼ଛାଉଣୀଙ୍କୁ ଜିନିଷ ଯୋଗାଇ ଦରିଦ୍ରତାକୁ ସ୍ୱପ୍ନ ସଦୃଶ ଭୁଲି ଯାଇଛି, ଆଜି ସେହି ବଣିଆ ରାମଦାସର ଅତୀତ କଥା ସ୍ମରଣରେ ଆସୁ ନାହିଁ । ଏହା ବି ଭଗବାନଙ୍କର ଲୀଳା । ଛାଉଣୀରେ ଭୋଜନ ସମୟ ଅତୀତ ହୋଇଗଲା । ଭୋଜନାର୍ଥୀ କ୍ଷୁଧା କ୍ଷୁଧା ବୋଲି ଆର୍ତ୍ତନାଦ କରୁଅଛନ୍ତି । କ୍ଷୁଧା ଗୋଟିଏ ଅସନ୍ତୋଷୀ ରାକ୍ଷସୀ । ଭୋଜନ ତିଆରିଥିବ, ବ୍ୟକ୍ତି ସନ୍ତୋଷ ହୋଇ ବସି ରହିପାରେ, କିନ୍ତୁ ଭୋଜନ ନ ଥିଲେ ଭୋଜନ ନ ମିଳିବା ଆଶଙ୍କାରେ ଯଥାର୍ଥ କ୍ଷୁଧା ଲାଗିବା ପୂର୍ବରୁ ବ୍ୟକ୍ତି ଭୟଭୀତ ହୋଇ କ୍ଷୁଧାର କବଳରେ ନିଜକୁ ସମର୍ପଣ କରିଦିଏ । ମନୁଷ୍ୟର ଧୈର୍ଯ୍ୟ ରହେ ନାହିଁ । ସେ ଆର୍ତ୍ତନାଦ କରିବା ଛଡ଼ା ତା'ର ଅନ୍ୟ କୌଣସି ଉପାୟ ନ ଥାଏ । ସେଦିନ ଛାଉଣୀରେ ଥିବା ସମସ୍ତ ସନ୍ଥ ଓ ସମସ୍ତ ଶରଣାର୍ଥୀ ଅନାହାରରେ ରହିଲେ । ମହାରାଜଜି ନିଜେ ମଧ୍ୟ ଢୋକେ ପାଣି ମୁଖରେ ଦେଇ ନ ଥିଲେ । ଏହିପରି ଅବସ୍ଥାରେ ଅପରାହ୍ଣ ଚାରିଟା ସମୟ ହେଲା । ସମୟ ବୃଦ୍ଧି ସଙ୍ଗେ ସଙ୍ଗେ କ୍ଷୁଧାର୍ତ୍ତମାନଙ୍କ ବ୍ୟାକୁଳତା ବଢ଼ିବାକୁ ଲାଗିଲା । ପ୍ରତ୍ୟେକ ସମାଜରେ ସବୁ ସ୍ୱଭାବର ଲୋକ ଥାଆନ୍ତି । ସେହି କ୍ଷୁଧାର୍ତ୍ତମାନଙ୍କ ମଧ୍ୟରେ ଯେଉଁମାନେ ଭଲ ସ୍ୱଭାବର ଥିଲେ ସେମାନେ ଚୁପ୍ ହୋଇ ବସି ରହିଲେ; ଅସହିଷ୍ଣୁ ଓ ବିଚାରହୀନ ଲୋକେ ଶ୍ରୀ ମହାରାଜଜିଙ୍କୁ ଏଣୁତେଣୁ କହିବାକୁ ଲାଗିଲେ । ଶ୍ରୀ ମହାରାଜଜିଙ୍କର ପ୍ରତିଦିନ ନିୟମ ଥିଲା

ଅପରାହ୍ଣ ୪ ଘଣ୍ଟା ସମୟରେ ଭାଙ୍ଗ ପିଇସାରି ସ୍ନାନ ଶୌଚାଦି କ୍ରିୟା ସମ୍ପନ୍ନ କରିବା । ନୀତି ନିୟମ ଅନୁସାରେ ଜଣେ ଶିଷ୍ୟ ଭାଙ୍ଗ ଆଣି ସ୍ନାନକୁ ଯିବାକୁ ଶ୍ରୀ ମହାରାଜଜିଙ୍କୁ କହିଲେ । ଅତିଥିମାନେ କ୍ଷୁଧାର୍ତ୍ତ ଥିବାରୁ ସେ ଭାଙ୍ଗ ଗ୍ରହଣ କଲେ ନାହିଁ କି ସ୍ନାନକୁ ଗଲେ ନାହିଁ, ଶ୍ରୀରାମଚନ୍ଦ୍ରଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ଧ୍ୟାନାବସ୍ଥାରେ କିସୁନ୍ ଦାସଙ୍କ ସମସ୍ତ କପଟ କାର୍ଯ୍ୟ ବୁଝିପାରିଲେ । ସେହି ସଙ୍ଗେ ସଙ୍ଗେ ଭଗବାନଙ୍କ କୃପାରୁ କ୍ଷୁଧାର୍ତ୍ତମାନଙ୍କର କ୍ଷୁଧା ଶାନ୍ତ ହୋଇଗଲା । ସେମାନେ ପାଟି କରିବା ବନ୍ଦ କରି ଶାନ୍ତ ଭାବରେ ବସି ରହିଲେ । ଶ୍ରୀ ମହାରାଜଜିଙ୍କ ନିକଟରେ ବହୁତ ସନ୍ଥ, ଦର୍ଶନାର୍ଥୀ, ଅତିଥି, କ୍ଷୁଧାର୍ତ୍ତ ଏବଂ କିସୁନ୍ ଦାସ ମଧ୍ୟ ବସିଥିଲେ । ଏହି ସମୟରେ ଗୋଟିଏ ଆଲୌକିକ ଶୋଭା ଓ ପ୍ରଭାଯୁକ୍ତ ମହିଳା ହଠାତ୍ ଆସି ମହାରାଜଙ୍କ ପାଖରେ ଦୁଇଟି ବନ୍ଧାଥଳି ରଖିଦେଇ ସମସ୍ତେ ଚାହୁଁ ଚାହୁଁ ଚାଲିଗଲେ । ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ କେହିହେଲେ ତାଙ୍କୁ କିଛି ପଚାରିପାରିଲେ ନାହିଁ । ଶ୍ରୀ ମହାରାଜଜି ଆଖି ଖୋଲି ମେଘଗମ୍ଭୀର ଶାନ୍ତସ୍ନିଗ୍ଧ ସ୍ନେହପୂର୍ଣ୍ଣ ସ୍ୱରରେ କିସୁନ୍ ଦାସଙ୍କୁ କହିଲେ, ''ଏହି ଦୁଇଟି ଥଳି ଖୋଲି ଦେଖ ।'' କିସୁନ୍ ଦାସ ଥଳିଦୁଇଟି ଖୋଲି ଦେଖିବା ସଙ୍ଗେ ସଙ୍ଗେ ଭୟ, ଲଜ୍ଜା ଓ ସଙ୍କୋଚରେ ବୁଡ଼ିଯାଇ ଅନତି ସ୍ୱରରେ କହିଲେ – ଗୋଟିଏ ଥଳିରେ ସୁବର୍ଣ୍ଣ ମୋହର ଏବଂ ଅନ୍ୟଟିରେ ଟଙ୍କା । ଶ୍ରୀ ମହାରାଜଙ୍କ ଆଜ୍ଞାରେ ଗଣିବାରୁ ସଂଖ୍ୟାରେ ଏକ ଏକ ହଜାର ହେଲା ।

କିସୁନ୍ ଦାସଙ୍କୁ ନିଜ ଘୃଣ୍ୟ କାର୍ଯ୍ୟ ସକାଶେ ଅପାର ଦୁଃଖ ହେଲା । ସେ ପଶ୍ଚାତ୍ତାପ ଅଗ୍ନିରେ ଜଳିବାକୁ ଲାଗିଲେ । ନିଜକୁ ସମ୍ଭାଳି ନ ପାରି ଶ୍ରୀ ମହାରାଜଙ୍କ ଚରଣରେ ପଡ଼ି ଉଚ୍ଚ ସ୍ୱରରେ କ୍ରନ୍ଦନ କଲେ । ଦର୍ଶନାର୍ଥୀମାନେ ଏ ଘଟନା ଦେଖି ଏହାର କାରଣ ବୁଝି ନ ପାରି ଆଶ୍ଚର୍ଯ୍ୟ ଭାବରେ ଚିତ୍ରପିତୁଳା ପରି ନିର୍ନିମେଷ ନୟନରେ ଚାହିଁ ରହିଲେ । ଶ୍ରୀ ମହାରାଜ କିସୁନ୍ ଦାସଙ୍କୁ ତଳୁ ଉଠାଇନେଇ ଆଲିଙ୍ଗନ କଲେ । କିସୁନ୍ ଦାସ କହିଉଠିଲେ, ''ନାଇଁ, ନାଇଁ, ଏ ପାପୀକୁ ଆପଣଙ୍କ ପବିତ୍ର ଶରୀରରେ ସ୍ପର୍ଶ କରାନ୍ତୁ ନାହିଁ । ମୁଁ ମୂଢ଼, ମହାପାପୀ, ବଞ୍ଚକ, କପଟୀ; ଆପଣଙ୍କ ପରି ମହାପୁରୁଷ ପରମ ବୈଷ୍ଣବଙ୍କର ଦ୍ରୋହୀ । ମୋର ଦୋଷ ଅକ୍ଷମଣୀୟ, ମୁଁ କଠୋର ଦଣ୍ଡର ପାତ୍ର । ମୋର କଳୁଷିତ କର୍ମରୁ ଆଜି ଏତେ ଲୋକ ଅନାହାରରେ ବସିଅଛନ୍ତି, ଆପଣ ମଧ୍ୟ ଏକ ବୁନ୍ଦା ଜଳ ମୁଖରେ ଦେଇ ନାହାନ୍ତି ।'' ଏତିକି କହିବାରେ ତାଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା ଓ ସେ ଆଉ କିଛି କହି ନ ପାରି ବଡ଼ ପାଟିରେ କାନ୍ଦିବାକୁ ଲାଗିଲେ । ଶ୍ରୀ ମହାରାଜଜି ବୁଝାଇ ଶାନ୍ତ କରାଇବା ପରେ, ପୂର୍ବେ ଶ୍ରୀ ମହାରାଜଙ୍କ ତପସ୍ୟାଶକ୍ତିର ପରୀକ୍ଷା ନେବା ସକାଶେ କୋଠାରରେ ଯେପରି ଘିଅ ଗୋପନ ରଖିଥିଲେ, ଏଥର ଖାଦ୍ୟସାମଗ୍ରୀ ସେହିପରି କୋଠାରରେ ଗୁପ୍ତ ଭାବରେ ରଖି, ଉଧାର ଦେବାକୁ ବଣିଆକୁ ମନା କରିଥିଲେ, ଏହି ସମସ୍ତ କହି ନିଜ ପ୍ରାୟଶ୍ଚିତ୍ତ ସକାଶେ ଶ୍ରୀ ମହାରାଜଙ୍କଠାରୁ ଦଣ୍ଡ ପ୍ରାର୍ଥନା କଲେ । ଶ୍ରୀ ମହାରାଜ ଶାନ୍ତ ଓ ଭଗବତ୍ ପ୍ରେମ ଭକ୍ତିରେ ଗଦଗଦ ହୋଇ କହିଲେ, ''କିସୁନ୍ ଦାସ, ଶାନ୍ତ ହୋଇ ଶୁଣ । ମୋ ପ୍ରଭୁଙ୍କର ଇଚ୍ଛା ବିରୋଧରେ ଗଛର ପତ୍ର ହଲେ ନାହିଁ । ତୁମ ମଧ୍ୟରେ ଯେଉଁ ଶକ୍ତି ପରୀକ୍ଷା ନେବାର ପ୍ରେରଣା ଦେଲା, ମୋ ପ୍ରଭୁ କ'ଣ ତାହା ବନ୍ଦ କରି ପାରି ନ ଥା'ନ୍ତେ ? ମୋ ପ୍ରଭୁ ଯଦ୍ୟପି ନିଜ ଭକ୍ତର ପରୀକ୍ଷା ସ୍ୱୟଂ ନିଅନ୍ତି ନାହିଁ, ସର୍ବଥା ସାହାଯ୍ୟ କରନ୍ତି, ତଥାପି ଅନ୍ୟ ଶକ୍ତିର ପରୀକ୍ଷାରେ ବାଧା ଦିଅନ୍ତି ନାହିଁ । ସେହି ପରୀକ୍ଷାରେ ଭକ୍ତର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ, ବିପଦର ସମ୍ମୁଖୀନ ହେବାର ଶକ୍ତି ବଢ଼େ । ଏଥିରେ ତୋର କୌଣସି ଦୋଷ ନାହିଁ । ସେତେବେଳେ ଅନ୍ୟ ଶକ୍ତିର ବଶୀଭୂତ ହୋଇ ଏହି ପରୀକ୍ଷା ନେଲୁ, ବର୍ତ୍ତମାନ ସେହି ଶକ୍ତି କବଳରୁ ମୁକ୍ତ ହେବାରୁ ପଶ୍ଚାତ୍ତାପ କରୁଅଛୁ । ଯଥାର୍ଥରେ ତୁ ମୋ ପାଖରେ ବ୍ୟକ୍ତିଗତଭାବେ କୌଣସି ଅପରାଧ କରି ନାହୁଁ । ତୋ ଦ୍ୱାରା ଯାହା ଅପରାଧ ହୋଇଥିଲା, ତାହା ତୋର ପଶ୍ଚାତ୍ତାପ ଅଗ୍ନିରେ ଭସ୍ମୀଭୂତ ହୋଇ ସାରିଲାଣି । ତୁ ଆଉ ଦଣ୍ଡର ପାତ୍ର ନୋହୁଁ । ଯଦି ନିଜ ସନ୍ତୋଷ ସକାଶେ ଦଣ୍ଡ ଚାହୁଁଛୁ ତେବେ ଅନନ୍ୟ ଭାବରେ ଭଗବାନଙ୍କୁ ଭକ୍ତି କର ।'' ଏହିପରି ବହୁତ ପ୍ରକାର ସାନ୍ତ୍ୱନା ପାଇବା ପରେ ମହାରାଜଙ୍କଠାରୁ ଆଜ୍ଞା ନେଇ ତତ୍କ୍ଷଣାତ୍ ଫଏଜାବାଦ ଯାଇ ସେହି ବଣିଆକୁ ସୁବର୍ଣ୍ଣ ମୋହର ଦେଇ ମାଲପୁଆର ବସ୍ତୁ ଖରିଦ କରି ଆଣିଲେ । ରାତ୍ରିରେ ମାଲପୁଆ ତିଆରି ହେଲା ଓ ତହିଁ ଆରଦିନ ଛାଉଣୀରେ ମାଲପୁଆର ଭଣ୍ଡାରା ହେଲା । ଅତିଥି ଓ ସନ୍ଥମାନେ ପୂର୍ବ ଦିନ ଯେଉଁ କ୍ଷୁଧା କଷ୍ଟ ଅନୁଭବ କରିଥିଲେ ତାହାସବୁ ଭୁଲି ଆନନ୍ଦରେ ମଗ୍ନ ହୋଇଗଲେ । ସେହି ଦିନଠାରୁ କୋଠାରରେ ବସ୍ତୁ ପୂର୍ଣ୍ଣ ହୋଇ ରହିଲା । କୋଠାରରେ କୌଣସି ବସ୍ତୁ

'ନାହିଁ', ଏପରି ଶବ୍ଦ ମହାରାଜଜିଙ୍କୁ ଶୁଣିବାକୁ ହେଲା ନାହିଁ । ପ୍ରତିଦିନ ନିୟମାନୁସାରେ ଯେଉଁ ଭୋଜନ ତିଆରି ହେବାର କଥା ତାହା ହୁଏ ଏବଂ ତା'ଛଡ଼ା ସପ୍ତାହରେ ପ୍ରାୟ ୫/୬ ଦିନ ଶେଠ ସାହୁକାରମାନେ ଆସି ଛାଉଣୀରେ ସମସ୍ତ ବ୍ୟକ୍ତିଙ୍କ ସକାଶେ ମିଠାଇ, ଖିରି, ମାଲପୁଆର ଭଣ୍ଡାରା ଦିଅନ୍ତି । ଛାଉଣୀରେ ସନ୍ଥ ଓ ଶରଣାର୍ଥୀମାନେ ମିଷ୍ଟାନ୍ନ ଭୋଜନରେ ଅରୁଚି ପ୍ରକାଶ କଲେ । କିଛି ଦିନ ପରେ ଦୁର୍ଭିକ୍ଷ ପୀଡ଼ା ଦୂର ହୋଇଗଲା । ଶରଣାର୍ଥୀମାନେ ନିଜ ନିଜ ସ୍ଥାନକୁ ଚାଲିଗଲେ । ପୂର୍ବ ପରି ଦୁଇ, ତିନି ହଜାର ସନ୍ଥ ଛାଉଣୀରେ ରହି ରାମଧୁନରେ ମଗ୍ନ ରହିଲେ ।

ପୂର୍ବେ କୁହାଯାଇଥିବା କୋଠାରୀ ପୂରଣ ଦାସ ତୀର୍ଥଯାତ୍ରାରୁ ଫେରିଆସିବାରୁ କିସୁନ୍ ଦାସ କୋଠାରର ସମସ୍ତ କାର୍ଯ୍ୟ ତାଙ୍କୁ ଦେଇ ପୂର୍ବ ପରି ତାଙ୍କ ସଙ୍ଗେ କୋଠାରରେ କାର୍ଯ୍ୟ କଲେ ।

ଦିନେ ସୁଅବସର ପାଇ କିସୁନ୍ ଦାସ ମହାରାଜଙ୍କ ପାଖକୁ ଆସି ଶ୍ରଦ୍ଧା ଭକ୍ତି ସହିତ ମହାରାଜଜିଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କଲେ । ଶ୍ରୀ ମହାରାଜଜିଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ପାଖରେ ବସି ହାତ ଯୋଡ଼ି ସାଧନାର ଗୂଢ଼ ରହସ୍ୟ, ସାଧନାପ୍ରଣାଳୀ ଏବଂ କ୍ରିୟା, ସାଧନାରେ ବାଧାବିଘ୍ନ ଇତ୍ୟାଦି ବିଷୟରେ ବହୁତ ପ୍ରଶ୍ନ କଲେ । ଶ୍ରୀ ମହାରାଜ କିସୁନ୍ ଦାସଙ୍କୁ ଅଧିକାରୀ ଜାଣି ତାଙ୍କ ନିଷ୍କପଟ ପ୍ରଶ୍ନର ଉଚିତ ଉତ୍ତରରେ ସମସ୍ତ ବିଷୟ ବୁଝାଇ ଦେଲେ । କିସୁନ୍ ଦାସଙ୍କ ଚିଦାକାଶରେ ଜ୍ଞାନ-ଭାନୁ ପ୍ରକାଶିତ ହୋଇ ମୋହ ଅନ୍ଧକାର ଦୂର କରିଦେଲା । ସେ ପ୍ରେମବିଭୋର ହୋଇ ଶ୍ରୀ ମହାରାଜଙ୍କ ଚରଣରେ ପଡ଼ି ଗଦଗଦ ସ୍ୱରରେ ପୂର୍ବ ଘଟନା ବର୍ଣ୍ଣନପୂର୍ବକ କୃତଜ୍ଞତା ଜ୍ଞାପନ କରି ନାନାବିଧ ସ୍ତୁତି କଲେ । ଶ୍ରୀ ମହାରାଜଙ୍କ ଆଶୀର୍ବାଦ ପ୍ରାପ୍ତ କରି ତାଙ୍କ ନିର୍ହେତୁକୀ କୃପାକୁ ସ୍ମରଣ କରି ଭଗବତ୍ ଭଜନରେ ନିମଗ୍ନ ହେଲେ ।

ଶ୍ରୀ ମହାରାଜଙ୍କ ରାମଧୁନ, ସନ୍ଥମାନଙ୍କ ସଂଖ୍ୟା, ଦର୍ଶନାର୍ଥୀମାନଙ୍କ ଯିବା ଆସିବା କ୍ରମଶଃ ବୃଦ୍ଧି ହେବାକୁ ଲାଗିଲା । ଛାଉଣୀର ବାତାବରଣ ସମ୍ବନ୍ଧରେ ସେ ସମୟରେ ସେଠାରେ ବାସ କରୁଥିବା ସନ୍ଥମାନଙ୍କଠାରୁ ଶୁଣିବାକୁ ମିଳିଥିଲା । ସେଠାରେ ସବୁ ସମୟରେ ରାମଧୁନ ଆଉ ସତ୍‌ସଙ୍ଗଚର୍ଚ୍ଚା ଚାଲିଥାଏ । ସେଠାକୁ ବ୍ୟକ୍ତି ଯାଇ ଅନ୍ୟ କଥା ଭାବିବାର ଅବସର ପାଏ ନାହିଁ । ସେଠାକୁ ଯେକୌଣସି ବ୍ୟକ୍ତି ଆସେ, ସେ ସନ୍ଥମାନଙ୍କ ଦର୍ଶନ ପାଏ, ସ୍ୱୟଂ ରାମଧୁନ କରେ, ଭଗବତ୍ ଚର୍ଚ୍ଚା ଶୁଣେ, ଭଗବତ୍ ମହାପ୍ରସାଦରେ ଉଦର ପୂର୍ଣ୍ଣ କରି ମାନସିକ ଓ ଶାରୀରିକ ଶାନ୍ତି ପ୍ରାପ୍ତ କରି ଘରକୁ ଫେରେ । ମହାରାଜଙ୍କ ପାଖକୁ ଏକାନ୍ତ ଗୁପ୍ତରେ ବାସ କରୁଥିବା ସନ୍ଥ ଏବଂ ବହୁ ଲୋକ-ପ୍ରସିଦ୍ଧ ଓ ବହୁ ପ୍ରକାରର ସନ୍ଥ ଆସୁଥିବାରୁ ସେଠାରେ ନିବାସ କରୁଥିବା ବ୍ୟକ୍ତିଙ୍କୁ ଅନାୟାସରେ ସେମାନଙ୍କ ଦର୍ଶନ ପ୍ରାପ୍ତ ହେଉଥାଏ । ପ୍ରକୃତରେ ଶ୍ରୀ ମହାରାଜ ଧର୍ମ, ଅର୍ଥ, କାମ ମୋକ୍ଷ ସକଳ ବ୍ୟକ୍ତିଙ୍କୁ ପ୍ରଦାନ କରି ସୁଖୀ କରୁଥିଲେ । ଏହିପରି ମହାପୁରୁଷମାନେ ସଂସାରକୁ ଆସନ୍ତି ନିଜ କଲ୍ୟାଣ ସକାଶେ ନୁହେଁ, ଭଗବାନଙ୍କ ନିର୍ଦ୍ଦେଶରେ ଲୋକକଲ୍ୟାଣାର୍ଥେ ।

## ଦୁଇ ପଇସାର ଭଣ୍ଡାରା

ଆଉ ଗୋଟିଏ ଘଟନା । ଦିନେ ଦକ୍ଷିଣ ଭାରତରୁ ଜଣେ ବୃଦ୍ଧା ଶ୍ରୀ ଅଯୋଧ୍ୟାରେ ପହଞ୍ଚିଲେ । ସେ ମଇଳା ଲୁଗା ପିନ୍ଧିଥିଲେ, ତାଙ୍କ ବାହ୍ୟ ବେଶରୁ ଜଣା ପଡୁଥିଲା ସେ ଯେପରି ଏକ ଗରିବ ବୁଢ଼ୀ । ସେ କେତେକ ମଠକୁ ଯାଇ ଦୁଇ ପଇସାରେ ଭଣ୍ଡାରା ଭୋଜନ କରିବାକୁ ପ୍ରାର୍ଥନା କଲେ । ଦୁଇ ପଇସାରେ ଭଣ୍ଡାରା ଭୋଜନ କରିବା ପରିହାସ କରିବା ଛଡ଼ା ଆଉ କିଛି ନୁହେଁ । କେହି ଶାନ୍ତସ୍ୱଭାବର ମହାତ୍ମା ବିରକ୍ତ ନ ହୋଇ କହିଦେଲେ ଦୁଇ ପଇସାରେ ଭଣ୍ଡାରା ହୋଇପାରିବ ନାହିଁ । କେହି ପରିହାସପ୍ରିୟ ମହାତ୍ମା କହିଲେ, ''ଅଗସ୍ତ୍ୟ ଋଷି ଯେପରି ଗଣ୍ଡୂଷରେ ସମୁଦ୍ର ଶୋଷଣ କରିଥିଲେ, ତୁ ସେହିପରି ଦୁଇ ପଇସାରେ ଅବଧରେ ଦୁଇ ହଜାର ସାଧୁଙ୍କୁ ଭୋଜନ କରାଇବୁ ?'' କୌଣସି ମଠରେ ମହାତ୍ମାଙ୍କ ଉଦ୍ଦଣ୍ଡ ଶିଷ୍ୟ ସେବକ ଭଣ୍ଡାରା କଥା ଶୁଣିବାମାତ୍ରେ କହିଲେ, ''ତୁହ୍ମାରୀ ମଥା ଖରାପ ହୁଆ ହୈ, ଦୋ ପଇସା କି ଭଣ୍ଡାରା କର୍‌ନେ ଚଲୀ; ଚଲୋ, ନିକଲ ଇହାଁସେ ।'' କେହି ସରଳହୃଦୟ ସନ୍ଥ ଭଣ୍ଡାରା କଥା ଶୁଣି, ବୁଢ଼ୀର

ସରଳ ହୃଦୟ, ଶ୍ରଦ୍ଧା ଉପରେ ଦୟାର୍ଦ୍ର ହୋଇ ଆଦରପୂର୍ବକ ପାଖରେ ବସାଇ ପ୍ରସାଦ ଚରଣାମୃତ ଦେଲେ ଏବଂ କହିଲେ, ''ଭୋଲି (ମାଈ) ମା, ଦୁଇ ପଇସାରେ ଭଣ୍ଡାରା ହୋଇପାରିବ ନାହିଁ । ଭଗବାନ୍ ଧନ ଚାହାନ୍ତି ନାହିଁ, ଚାହାନ୍ତି ପ୍ରେମ । ତୁ ଅବଧରେ ସାଧୁ ସନ୍ଥଙ୍କୁ ଦର୍ଶନ କର, ସରଯୁରେ ସ୍ନାନ କର, ଏଠାରେ ଯେଉଁ ମଠରେ ଇଚ୍ଛା ସେହି ମଠରେ ପ୍ରସାଦ ସେବନ କର । ଅନ୍ୟ କୌଣସି ମଠରେ ଯଦି ଭୋଜନ ନ ମିଳେ, ତେବେ ଅଯୋଧ୍ୟାରେ ଯେତେ ଦିନ ରହିବୁ, ଏଠାକୁ ଆସି ଭୋଜନ କରିଯାଆ ।'' ଏହିପରି କେଉଁଠି ଆଦର, କେଉଁଠି ଅନାଦର, ପରିହାସ, ଆଉ ସାନ୍ତ୍ୱନା ପାଇ ବହୁତ ଆସ୍ଥାନରୁ ଫେରି ଶେଷରେ ବୁଢ଼ୀ ବଡ଼ଛାଉଣୀ ଶ୍ରୀ ମହାରାଜଙ୍କ ଆସ୍ଥାନକୁ ଆସି ଶ୍ରୀ ମହାରାଜଙ୍କୁ ପ୍ରଣାମ କରି ଦୁଇଟି ପଇସା ସାମନାରେ ରଖିଦେଇ କହିଲା, ''ମହାରାଜଜି, ଏହି ଦୁଇ ପଇସାରେ ଆଜି ମୋ ତରଫରୁ ଭଣ୍ଡାରା କରିଦିଅନ୍ତୁ ।'' ଏକଥା ଶୁଣି ବୁଢ଼ୀର ଶ୍ରଦ୍ଧା ଆଉ ଆଗ୍ରହ ଦେଖି ଜଣେ ସନ୍ଥଙ୍କୁ ଡାକି କହିଲେ, ''ଏହି ଦୁଇ ପଇସା ନେଇ ବଜାରରୁ ହେଙ୍ଗୁ ଖରିଦ କରି ଆଣି ଡାଲିରେ ଛୁଙ୍କ ଲଗାଇଦିଅ । ହେଙ୍ଗୁର ସୁଗନ୍ଧରେ ସମସ୍ତ ଡାଲି, ତରକାରି ସୁଗନ୍ଧରେ ପୂର୍ଣ୍ଣ ହୋଇଯିବ । ଏହି ବୁଢ଼ୀ ମା' ତରଫରୁ କାଲି ସନ୍ଥମାନଙ୍କୁ ଭଣ୍ଡାରା ଭୋଜନ କରାଇ ଏହା ନାମରେ ଜୟ ବୋଲାଇଦିଅ । ସନ୍ଥମାନଙ୍କ ପଙ୍ଗତରେ ଭୋଜନ ପରଶା ହେବା ପରେ ପ୍ରତିଦିନ ଇଷ୍ଟଦେବ ଏବଂ ଆସ୍ଥାନର ମହନ୍ତଙ୍କୁ, ତାଙ୍କ ଗୁରୁ ପରମ୍ପରାକୁ ଜୟ ବୋଲାହୁଏ । ଯେଉଁମାନେ ଭଣ୍ଡାରା ଭୋଜନ ଦିଅନ୍ତି ଉପଯୁକ୍ତ ଜୟ ବୋଲାହେବା ପରେ ତାଙ୍କୁ ଏବଂ ତାଙ୍କ ପିତା, ମାତା, ପରିବାରମାନଙ୍କୁ ଜୟ ବୋଲାହୁଏ ।

ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶାନୁସାରେ ସେହିପରି କରାଗଲା । ଶ୍ରୀ ମହାରାଜଜି ବୁଢ଼ୀକୁ କହିଲେ, ''କାଲି ତୁ ଆସି ଭଣ୍ଡାରାରେ ସନ୍ଥମାନଙ୍କୁ ଦର୍ଶନ କରିବୁ ଏବଂ ପ୍ରସାଦ ସେବନ କରିବୁ । ବୁଢ଼ୀ ବହୁତ ଉତ୍ସାହ ଓ ଆଗ୍ରହରେ ତହିଁ ଆରଦିନ ସକାଳୁ ଆସି ରାମଧୁନରେ ବସି ପ୍ରେମ, ଭକ୍ତି ସହିତ ରାମଧୁନ କଲେ । ସେ ଭଣ୍ଡାରାରେ ସନ୍ଥମାନଙ୍କ 'ଜୟ' ବୋଲିବା ଶୁଣି ଶ୍ରୀ ମହାରାଜଙ୍କ ସନ୍ଥସ୍ୱଭାବ ଓ ଉଦାର ଗୁଣରେ ମୁଗ୍ଧ ହୋଇଗଲେ । ତତ୍‌କ୍ଷଣାତ୍ ଯାଇ ନିଜେ ଭଲ ଲୁଗା ପିନ୍ଧି ନିଜର ସେବକ ଆଉ ଦାସୀମାନଙ୍କୁ ସଙ୍ଗେ ନେଇ ଶ୍ରୀ ମହାରାଜଙ୍କ ସମ୍ମୁଖରେ ବହୁ ସ୍ୱର୍ଣ୍ଣମୁଦ୍ରା, ବହୁତ ଭଣ୍ଡାରା ଭୋଜନର ବସ୍ତୁ ରଖି ସନ୍ଥମାନଙ୍କ ଭଣ୍ଡାରାରେ ଖର୍ଚ୍ଚ କରିବାକୁ ପ୍ରାର୍ଥନା କଲେ । ଶ୍ରୀ ମହାରାଜଜି ସେହିସବୁ ବସ୍ତୁରେ କେତେଦିନ ପର୍ଯ୍ୟନ୍ତ ଭଣ୍ଡାରା କରାଇଲେ । ଅଯୋଧ୍ୟାରୁ ବହୁତ ସନ୍ଥଙ୍କୁ ନିମନ୍ତ୍ରଣ କଲେ । ସେ ବୁଢ଼ୀର ଯେତେଦିନ ପର୍ଯ୍ୟନ୍ତ ଭଣ୍ଡାରା ହେଲା ସେତେଦିନ ପର୍ଯ୍ୟନ୍ତ ତାହାର 'ଜୟ' ବୋଲାହେଲା । ଭଣ୍ଡାରା ଶେଷ ହେବା ପରେ ଶ୍ରୀ ମହାରାଜଙ୍କୁ ବହୁତ ବିନୟ ପୂର୍ବକ ପ୍ରଣାମ କରି ଆଉ କେତେକ ମୁଦ୍ରା ସମର୍ପଣ କରି ନିଜ ପ୍ରଦେଶକୁ ଫେରିଗଲେ ।

## ସରଯୁର ଭୂମିଦାନ

ସେ ସମୟରେ ଶ୍ରୀ ମହାରାଜଙ୍କ ବଡ଼ଛାଉଣୀ ସରଯୁ କୂଳରେ ଥିଲା । ଛାଉଣୀର ଅତି ସମୀପରେ ତୀବ୍ରଧାରା ପ୍ରବାହିତ ହେଉଥିଲା । ଦିନେ ଗୋଟିଏ ପିଲା ଖେଳୁ ଖେଳୁ ସରଯୁ ବନ୍ଧରୁ ସ୍ରୋତର ପ୍ରବାହରେ ପଡ଼ିଗଲା । ସ୍ରୋତରେ ଅଗାଧ ଜଳ । ଶିଶୁର ପିତାମାତା ବ୍ୟାକୁଳ ହୋଇ ପାଟି କରିବାରୁ ଜଣେ ସନ୍ଥ ଡେଇଁପଡ଼ି ପହଁରି ପହଁରି ଜୀବିତାବସ୍ଥାରେ ପିଲାଟିକୁ ଉଦ୍ଧାର କଲେ । ଏହି କୃତ୍ୟ ଦେଖି ଶ୍ରୀମହାରାଜ ଏକ ଘଟ ଆଖୁରସ ଓ ଏକ ଘଟ କ୍ଷୀର ମଗାଇ ସରଯୁକୁ ଅର୍ପଣ କରି କିଛି ଜମି ଛାଡ଼ି ଦୂରକୁ ଅପସରି ଯିବାକୁ ହାତଯୋଡ଼ି ପ୍ରାର୍ଥନା କଲେ । ସେହି ଦିନଠାରୁ ସରଯୁର ପ୍ରବାହ ଅନ୍ୟ କୂଳକୁ ପ୍ରାୟ ଏକ ମାଇଲ ଦୂରକୁ ଚାଲିଗଲା ଏବଂ ଛାଉଣୀ ପାଖରେ ଯେଉଁଠି ତୀବ୍ର ଧାରା ଥିଲା ସେଠାରେ ବାଲି ପୋତି ପକାଇଲା । ଛାଉଣୀ ପାଖରେ ବହୁତ ଜମି ପତିତ ମିଳିବାରୁ ସମସ୍ତଙ୍କ ଚଳାଚଳ ପକ୍ଷେ ସୁବିଧା ହେଲା । ଆଜି ପର୍ଯ୍ୟନ୍ତ ସରଯୁ ଧାରା ଛାଉଣୀ ଆଡ଼କୁ ଫେରି ନ ଥିଲା । ଆଜିକାଲି ତ' ପଥରବନ୍ଧ ହେଉଛି, ଭବିଷ୍ୟତରେ ଜଳଧାରା ଫେରିବାର କୌଣସି ପ୍ରଶ୍ନ ନାହିଁ ।

ଦିନେ ଜଣେ ଗରିବ ବ୍ରାହ୍ମଣ ନିଜ କନ୍ୟା ବିବାହର ଅର୍ଥ ଅଭାବ ଯୋଗୁଁ ଶ୍ରୀ ମହାରାଜଜିଙ୍କୁ ପ୍ରାର୍ଥନା କଲେ ।

ସେହିକ୍ଷଣି ଜଣେ ଶିଷ୍ୟକୁ ଡାକି ମହାରାଜ ବିବାହର ଆବଶ୍ୟକ ସମସ୍ତ ବସ୍ତ୍ର, ପାତ୍ର ଆଦି ସବୁ ଦେଇଦେଲେ । ବ୍ରାହ୍ମଣ ଏହା ନେଇ ବିଦାହୋଇ ଯିବା ସମୟରେ ମହାରାଜଜି କହିଲେ, ''କିଛିକ୍ଷଣ ଅପେକ୍ଷା କର । ଜଣେ ଭକ୍ତ ଆସୁଛି, ସେ ଯାହା ପୂଜା ଅର୍ପଣ କରିବ, ତୁମେ ନେଇ ବିବାହ କାର୍ଯ୍ୟରେ ଲଗାଇବ ।'' କିଛି ସମୟ ପରେ ଜଣେ ଭକ୍ତ ଆସି ମହାରାଜଙ୍କ ଚରଣରେ ଚାଳିଶ ଟଙ୍କା ଅର୍ପଣ କଲେ । ସେ ଟଙ୍କା ବ୍ରାହ୍ମଣକୁ ଦେଇ କହିଲେ, ''ଏହାକୁ ବିବାହରେ ଖର୍ଚ୍ଚ କରିବ । ଆଉ ଶହେ ଟଙ୍କା ନିଅ, ଏଥିରେ ତୁମ କନ୍ୟାକୁ ଅଳଙ୍କାର ଦେବ ।'' ବ୍ରାହ୍ମଣ ବିଶେଷ ଆନନ୍ଦିତ ହୋଇ ପ୍ରଣାମ କରି ଫେରିଗଲେ ।

## ଭୋଜନରେ ପକ୍କା ନିଅଁ

ଶ୍ରୀ ମହାରାଜଙ୍କ ଖ୍ୟାତି ଉତ୍ତରୋତ୍ତର ବୃଦ୍ଧି ହେବାରୁ ଅଧିକ ସନ୍ଥ, ଦର୍ଶନାର୍ଥୀ ଆସିବାକୁ ଲାଗିଲେ । ସବୁ ସମୟରେ ସେଠାରେ ଦୁଇ ହଜାରରୁ ଅଧିକ ସନ୍ଥ ନିବାସ କରନ୍ତି । କେବେ କେବେ ଜମାଉତ ଆସିଲେ କିଂବା ରାମନବମୀର ସମୟ ହେଲେ ଚାରି, ପାଞ୍ଚ ହଜାର ସନ୍ଥ ହୁଅନ୍ତି । ଦର୍ଶନାର୍ଥୀ ଆଉ କ୍ଷୁଧାର୍ତ୍ତମାନଙ୍କ ସହିତ ପାଞ୍ଚ ହଜାରରୁ ଅଧିକ ବ୍ୟକ୍ତିଙ୍କ ଭୋଜନ ତିଆରି ହୁଏ । ଏତେ ଭୋଜନ ତିଆରି, ସନ୍ଥମାନଙ୍କ ନିବାସ ନିମିତ୍ତ ସନ୍ଥଶାଳା, ଭୋଜନଦ୍ରବ୍ୟ ରହିବା ସ୍ଥାନ କୋଠାର, ଶ୍ରୀ ମହାରାଜଙ୍କ ରହିବା ସ୍ଥାନ, ସବୁ ହେଉଥିଲା ଘାସର କୁଡ଼ିଆରେ । ଜୋର୍‌ରେ ବତାସ ହେଲେ କୁଡ଼ିଆ ସବୁ ଉଡ଼ିଯାଏ, କିନ୍ତୁ କୋଠାର ଆଉ ଶ୍ରୀ ମହାରାଜଙ୍କ ରହିବା ଛଣଘାସ ନିର୍ମିତ କୁଡ଼ିଆକୁ କୌଣସି ପ୍ରକାରେ କାଠ, ବାଉଁଶ ଦେଇ ଧରାଧରି କରି ରଖା ହେଉଥିଲା ।

ଏହିସବୁ ଦେଖି ଗୋଣ୍ଡାର ରାଜା ଦିନେ ଆସି ଶ୍ରୀ ମହାରାଜଙ୍କୁ କହିଲେ, ''ମହାରାଜ, କୁଡ଼ିଆରେ ବହୁତ ଅସୁବିଧା ହେଉଛି, ପ୍ରତିବର୍ଷ ବଦଳାଇବାକୁ ହେଉଛି, କେବେ କେବେ ବତାସରେ ଉଡ଼ିଯାଉଛି । ମୋ ପ୍ରାର୍ଥନା ସ୍ୱୀକାର କରି ପକ୍କା ମନ୍ଦିର ତିଆରି ହେବାରେ ଯାହା ଖର୍ଚ୍ଚ ହେବ ସେହି ସେବା ମୋଠାରୁ ଗ୍ରହଣ କରନ୍ତୁ ।'' ଶ୍ରୀ ମହାରାଜଜି ମନାକରିବା ସତ୍ତ୍ୱେ ରାଜା ଅତ୍ୟନ୍ତ ଆଗ୍ରହୀ ହେବାରୁ ସେ କହିଲେ, ''ଆଚ୍ଛା, ଦ୍ରବ୍ୟ ନେଇଆସ, ସେଥିରେ ଏପରି ନିଅଁ ଦିଆହେବ, ଯାହା କେବେ ବି ନଷ୍ଟ ହେବ ନାହିଁ ।'' ଏହା କହି ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ରାଜାଙ୍କୁ ଆସିବାକୁ କହିଲେ । ରାଜା ମନ୍ଦିର ତିଆରି ଉଦ୍ଦେଶ୍ୟରେ ବହୁତ ଧନ ମହାରାଜଜିଙ୍କୁ ଅର୍ପଣ କରି ଚାଲିଗଲେ । ଶ୍ରୀ ମହାରାଜଜି ''ସମ୍ପୂଭେଖ'' ଭଣ୍ଡାରା କରିବା ଉଦ୍ଦେଶ୍ୟରେ ମାଳପୁଆ, ଲଡୁ କଚୋଡ଼ି ଇତ୍ୟାଦି ମିଷ୍ଟାନ୍ନ ତିଆରି ହେବାର ବସ୍ତୁ ଘିଅ, ଚିନି, ମଇଦା, ଲୁଗା ଓଗେର ମଗାଇନେଲେ । ପୂର୍ବେ କୁହାଯାଇଛି 'ସମ୍ପୂଭେଖ' ଭଣ୍ଡାରାର ଅର୍ଥ ଅଯୋଧ୍ୟାର ଯେତେ ସନ୍ଥ ସମସ୍ତେ, ଆଉ ଗରିବରୁ ଅମିର ପର୍ଯ୍ୟନ୍ତ ଅଯୋଧ୍ୟା ଓ ଫଏଜାବାଦର ସମସ୍ତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରି ଦିଆହୁଏ । ଯେ କେହି ଆସନ୍ତି ପ୍ରତ୍ୟେକଙ୍କୁ ଖଣ୍ଡିଏ ଲୁଗା ଓ ମିଷ୍ଟାନ୍ନ ଭୋଜନ ଦିଆହୁଏ । କାହାକୁ ମନା କରାହୁଏ ନାହିଁ । ଗୋଟିଏ ବ୍ୟକ୍ତିର ଯେଉଁ ପାରଷ ଦିଆହୁଏ, ସାଧାରଣତଃ ଦୁଇଟି ବ୍ୟକ୍ତିର ଭୋଜନ । ମିଷ୍ଟାନ୍ନ ଓଗେର ସମସ୍ତ ବସ୍ତୁ ତିଆରି ହୋଇଗଲା । ସେଦିନ ଛାଉଣୀ ଲୋକଗହଳିରେ ପୂର୍ଣ୍ଣ ହୋଇଗଲା । ଯେଉଁ ଆଡ଼କୁ ଦୃଷ୍ଟି ଯାଏ ସେ ଆଡ଼େ କେବଳ ମନୁଷ୍ୟଙ୍କ ମୁଣ୍ଡ ଦେଖାଯାଏ । ସେଦିନ ମନ୍ଦିରର ନିଅଁ ଦେବାର ଜାଣି ରାଜା ନିଜର ଅମାତ୍ୟବର୍ଗ ସହିତ ଛାଉଣୀରେ ଉପସ୍ଥିତ ହୋଇ ଦେଖିଲେ କେବଳ ଲୋକାରଣ୍ୟ । ଇଟା, ଚୂନର କୌଣସି ନିଦର୍ଶନ ନାହିଁ । ନିଅଁ ଖୋଳା ହେବାର କେଉଁଠି ଚିହ୍ନ ଏପର୍ଯ୍ୟନ୍ତ ନାହିଁ । ଏହିସବୁ ରହସ୍ୟ ବୁଝିବାରେ ମନ ଏକାଗ୍ର ନ କରି ରାଜାସାହେବ ସିଧା ମହାରାଜଙ୍କ ଦର୍ଶନକୁ ଗଲେ, ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶରେ ତାଙ୍କ ପାଖରେ ବସି ବଡ଼ପ୍ରସନ୍ନତାରେ ମହାରାଜଙ୍କ ଉପଦେଶ ଶୁଣିବାକୁ ଲାଗିଲେ । ସେହି ସତ୍‌ସଙ୍ଗ ମଧ୍ୟରେ ରାଜାସାହେବ ସୁବିଧା ପାଇ ପଚାରିଲେ, ''ମହାରାଜଜି ଆଜି ନିଅଁ ଦେବାର ମୁହୂର୍ତ୍ତ, କିନ୍ତୁ ଇଟା, ଚୂନ ଦେଖାଯାଉ ନାହିଁ । କୌଣସି ସ୍ଥାନରେ ନିଅଁ ଖୋଳା ହେଉଥିବାର ଦେଖାଯାଉ ନାହିଁ ।'' ଶ୍ରୀ ମହାରାଜଜି କହିଲେ, ''ମୋ ସଙ୍ଗରେ ଆ, ମୁଁ ତୋତେ ଦେଖାଇଦେବି । ନିଅଁ ଏପରି ମଜଭୁତରେ ପଡ଼ିଛି ଯେ କେବେହେଲେ ନଷ୍ଟ

ହେବ ନାହିଁ ।'' ଗୋଟିଏ ବିରାଟ ସ୍ଥାନରେ ଯେଉଁଠି କେତେ ହଜାର ସନ୍ଥ ଆଉ ଅନ୍ୟାନ୍ୟ ବ୍ୟକ୍ତିଙ୍କର ପଙ୍ଗତ ପୃଥକ୍ ପୃଥକ୍ ହୋଇ ବସିଛି, ଦେଢ଼ଶ, ଦୁଇଶ ବ୍ୟକ୍ତି କେବଳ ପରିବେଷଣ କରୁଅଛନ୍ତି, ସେହି ସ୍ଥାନକୁ ଶ୍ରୀ ମହାରାଜଜି ରାଜାଙ୍କୁ ନେଇଗଲେ । ପରିବେଷଣ ସମୟରେ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ଗଗନବ୍ୟାପୀ ରାମଧୁନ ଏବଂ ତତ୍ପରେ ନିତ୍ୟ ନିୟମିତ 'ଜୟ' ବୋଲା ହେବା ପରେ ରାଜା ଏବଂ ତାଙ୍କ ପିତାମାତାଙ୍କୁ ଜୟ ବୋଲା ହେଲା । ଶ୍ରୀ ମହାରାଜ ନିର୍ଦ୍ଦେଶ କରି ତାଙ୍କୁ ଅନ୍ୟ ସ୍ଥାନକୁ ନେଇଗଲେ । ଯେଉଁ ବ୍ୟକ୍ତିମାନେ ପଙ୍ଗତରେ ଭୋଜନ କରୁ ନ ଥିଲେ ସେମାନଙ୍କୁ ସେଠାରେ ଲୁଗା ଆଉ ମିଷ୍ଟାନ୍ନ ପାରୁଷ ଦିଆଯାଉଥିଲା ।

ଏହିସବୁ ଦେଖି ମନ୍ଦିରର ମଜଭୁତ ନିଅଁ ଅର୍ଥ ବୁଝିପାରି ରାଜା ଚୁପ୍ ହୋଇ ରହିଲେ । ସେ ଯଦ୍ୟପି ଏହାର ରହସ୍ୟ ଠିକ୍ ଠିକ୍ ବୁଝିପାରିଲେ ନାହିଁ ତଥାପି ଶ୍ରୀ ମହାରାଜଙ୍କ ପ୍ରତି ତାଙ୍କର ଅସାଧାରଣ ବିଶ୍ୱାସ ଓ ଶ୍ରଦ୍ଧା ଥିବାରୁ ସେ ସନ୍ତୁଷ୍ଟ ହୋଇଗଲେ । କିନ୍ତୁ ରାଜାସାହେବ ଯେପରି ପ୍ରସନ୍ନ ହେବା ଉଚିତ ଥିଲା ସେପରି ନ ହେବା ଜାଣି ମହାରାଜ କହିଲେ, ''ଦେଖ, ଯେଉଁମାନେ ଗୃହତ୍ୟାଗୀ, ବୀତରାଗ ସନ୍ଥ, ସେମାନଙ୍କ ପକ୍କା ଘରର ଆବଶ୍ୟକତା ନ ଥାଏ । ସେମାନେ କୁଡ଼ିଆରେ ରହିପାରନ୍ତି ଆଉ ଗଛମୂଳେ ମଧ୍ୟ ରହିପାରନ୍ତି । କିନ୍ତୁ ଭୋଜନର ଆବଶ୍ୟକତା ସେମାନଙ୍କର ଥାଏ । ଯେଉଁ ସନ୍ଥ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିଦିଏ ଭଗବାନ୍ ତାହାର ହୃଦୟରେ ବାସ କରନ୍ତି । ଯାହା ହୃଦୟରେ ଭଗବାନଙ୍କର ନିବାସ, ତାହାଦ୍ୱାରା ଯେଉଁ କାର୍ଯ୍ୟ ହୁଏ ତାହା ହୁଏ ଭଗବାନଙ୍କ ପ୍ରେରଣାରେ । ସେ ଯାହା କହେ ତା' ମୁଖରେ କହନ୍ତି ଭଗବାନ୍ । ସେ ଯାହା ଖାଏ ତାହା ମୁଖରେ ଭୋଜନ କରନ୍ତି ଭଗବାନ୍ । ସନ୍ଥ, ଭଗବାନ୍ ଏକ । ଭଗବାନ୍ ଆପ୍ତକାମ, ତାଙ୍କର କିଛି ଅଭାବ ନାହିଁ, କିନ୍ତୁ ତାଙ୍କୁ ପ୍ରାପ୍ତ କରିବାର ଯେତେ ଉପାୟ ଅଛି ସବୁଠାରୁ ସରଳ ଉପାୟ ସନ୍ଥସେବା । ଭୋଜନ ସେବାରେ ସନ୍ଥମାନେ ବହୁତ ସନ୍ତୁଷ୍ଟ ହୁଅନ୍ତି । ଭକ୍ତ ସନ୍ତୁଷ୍ଟ ହେଲେ ଭଗବାନ୍ ଅସନ୍ତୁଷ୍ଟ ହେବାର ପ୍ରଶ୍ନ ନ ଥାଏ । ତୁଳସୀଦାସ କହିଛନ୍ତି, 'ମୋରେ ମନ ପ୍ରଭୁ ଅସ ବିଶ୍ୱାସା । ରାମତେ ଅଧିକ ରାମକର ଦାସା ।' ଅର୍ଥାତ୍, 'ହେ ପ୍ରଭୁ, ରାମଠାରୁ ତାଙ୍କ ଦାସ ଶ୍ରେଷ୍ଠ, ଏହା ମୋର ବିଶ୍ୱାସ ।' ଫେର୍ ଶରୀର ନାଶବାନ୍, ପକ୍କା ତ' ନୁହେଁ; ଘର ପକ୍କା କରିବାର ଆବଶ୍ୟକ କ'ଣ ? ସନ୍ଥମାନଙ୍କର ଯେଉଁଥିରେ ଅଶାନ୍ତି ନ ହୁଏ, ତାହାହିଁ କରିବା ଉଚିତ ।'' ଏକଥା ଶୁଣି ରାଜାସାହେବ ବହୁତ ପ୍ରସନ୍ନ ହୋଇ ଶ୍ରୀ ମହାରାଜଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରି ହାତଯୋଡ଼ି କହିଲେ, ''ଅଯୋଧ୍ୟାର ସମସ୍ତସନ୍ଥ ଆଉ ଯେକୌଣସି ଭୋଜନାର୍ଥୀ ବ୍ୟକ୍ତିଙ୍କୁ ସାତଦିନ ପର୍ଯ୍ୟନ୍ତ ଭୋଜନ ଆଉ ପ୍ରତ୍ୟେକଙ୍କୁ ଖଣ୍ଡିଏ ଲେଖାଏଁ ଲୁଗା ଦିଆଯାଉ ।'' ମହାରାଜଙ୍କ ଆଜ୍ଞା ପାଇ ରାଜାସାହେବ ଲୁଗା, ଭଣ୍ଡାରାର ସମସ୍ତ ବସ୍ତୁ ମଗାଇଦେଲେ । ଏକ ସପ୍ତାହ ଧୁମ୍‌ଧାମରେ ଭଣ୍ଡାରା ଚାଲିଲା । ଶେଷରେ ରାଜାସାହେବ ମହାରାଜଙ୍କ ଚରଣ ଧରି ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ଆଉ କିଛି ଚାହୁଁ ନାହିଁ, ମୋତେ ଭଗବତ୍ ଭକ୍ତି ପ୍ରଦାନ କରନ୍ତୁ ।'' ଶ୍ରୀ ମହାରାଜ ଭଗବାନଙ୍କ ପ୍ରେରଣାରେ 'ଏବମସ୍ତୁ' କହିଲେ । ରାଜାସାହେବ ଆନନ୍ଦରେ ଗଦଗଦ ହୋଇ ଚରଣରେଣୁ ମସ୍ତକରେ ଓ ହୃଦୟରେ ଲଗାଇ ଘରକୁ ଫେରିଲେ ।

## ଅଋତୁରେ ଖରଭୁଜ

ଦିନେ ବହୁ ସଂଖ୍ୟାରେ ବିଭୂତିଭୂଷିତ କୌପୀନଧାରୀ ତ୍ୟାଗୀ ସନ୍ଥଙ୍କ ଜମାଉତ ଆସିଲେ । ପ୍ରଣାମାନ୍ତେ ଶ୍ରୀ ମହାରାଜ କଥାପ୍ରସଙ୍ଗରେ କହିଲେ, ''ଆପଣମାନଙ୍କ ରୁଚି ଅନୁସାରେ ଭୋଜନ କରନ୍ତୁ ।'' ମହାରାଜଙ୍କ କହିବା ଅଭିପ୍ରାୟ ମିଷ୍ଟାନ୍ନ ହୋଇପାରେ, କାରଣ, ସାଧାରଣତଃ ବିଭୂତିଧାରୀ ତ୍ୟାଗୀ ସନ୍ଥ ମିଷ୍ଟାନ୍ନକୁ ପସନ୍ଦ କରନ୍ତି । ଜମାଉତରେ ମହନ୍ତ କହିଲେ, ''ସବୁ ସନ୍ଥ ମାଲପୁଆ ଭୋଜନ କରିବାକୁ ଚାହୁଁଛନ୍ତି । କେତେକ ଫଳାହାରୀ ମହାତ୍ମାଙ୍କ ଇଚ୍ଛା ଖରଭୁଜ ଭୋଜନ କରିବାକୁ ।'' ଏକଥା ଶୁଣିବାମାତ୍ରେ ମହାରାଜଙ୍କ ପାର୍ଶ୍ୱବର୍ତ୍ତୀ ଏବଂ ଦର୍ଶନାର୍ଥୀମାନେ ଆଶ୍ଚର୍ଯ୍ୟ ହୋଇ ଭାବିଲେ, ''ପୌଷ ମାସରେ ଖରଭୁଜ କୁଆଡୁ ମିଳିବ ?'' ଶ୍ରୀ ମହାରାଜଜି ଶୁଣିବା ମାତ୍ରେ ଅଧିକାରୀଙ୍କୁ ଡାକି କହିଲେ, ''ମାଲପୁଆ

ରୋଷେଇ କରି ସନ୍ଥମାନଙ୍କୁ ଭୋଜନ କରାଅ ।'' ଏହାପରେ ସେ ଚକ୍ଷୁ ବନ୍ଦ କରି ଧ୍ୟାନମଗ୍ନ ହୋଇଗଲେ । ଦୁଇଘଣ୍ଟା ପରେ ଦୁଇ, ତିନିଜଣ ବ୍ୟକ୍ତି ଟୋକେଇରେ କୌଣସି ବସ୍ତୁ ମୁଣ୍ଡେଇ ଆସି ସିଧା ମହାରାଜଜିଙ୍କ ପାଖକୁ ଯାଇ ଟୋକେଇମାନ ରଖି କହିଲେ, ''ଶ୍ରୀ ମହାରାଜଜି, ଆମ୍ଭ ଘର ଅମୁକ ସ୍ଥାନରେ, ଆମ୍ଭମାନଙ୍କ ନାମ ଅମୁକ । ଆମ୍ଭେମାନେ ଏବର୍ଷ ଅରତୁରେ କୌତୁକବଶତଃ ଏହି ଖରଭୁଜ ଲଗେଇଥିଲୁ, ରାମଜିଙ୍କ କୃପାରୁ ସେଥିରେ ଫଳ ଧରି ପାଚିଗଲା । ଆମ୍ଭେମାନେ ଭାବିଲୁ ଯେ ଅରତୁ ଫଳ ରାମଜିଙ୍କ କୃପାରୁ ହେଲା, ତାହା ସନ୍ଥ ସେବାରେ ଲାଗିଯାଉ, କୃପାକରି ଗ୍ରହଣ କରନ୍ତୁ । ଏହା କହି ପ୍ରଣାମ କଲେ, ମହାରାଜଙ୍କଠାରୁ ପ୍ରସାଦ ଗ୍ରହଣ କରି ଫେରିଗଲେ । ଏ ଘଟନା ଦେଖି ସନ୍ଥ ଆଉ ଦର୍ଶନାର୍ଥୀମାନେ ଆଶ୍ଚର୍ଯ୍ୟ ଆଉ ଆନନ୍ଦରେ ବୁଡିଗଲେ । ସନ୍ଥମାନେ ଭୋଜନ କରି ଶ୍ରୀ ମହାରାଜଙ୍କଠାରୁ ବିଦାୟ ନେଇ ପ୍ରୟାଗରେ ମକରସ୍ନାନ କରିବାକୁ ଚାଲିଗଲେ ।

## ଊର୍ଦ୍ଧ୍ୱବାହୁ ସନ୍ଥ

ଭାରତବର୍ଷରେ ଭଗବତ୍ ପ୍ରାପ୍ତିର ଯେପରି ବହୁତ ମାର୍ଗ, ବହୁ ସିଦ୍ଧାନ୍ତ, ବହୁ ସଂପ୍ରଦାୟ, ସେହିପରି ବହୁ ପ୍ରକାର କାୟକ୍ଲେଶ, ହଠତପସ୍ୟା ମଧ୍ୟ ପ୍ରଚଳିତ ଅଛି । ଶୀତ ଦିନରେ ଉଷାକାଳରେ ଜଳରେ ରହିବା, ବୈଶାଖ ଜ୍ୟେଷ୍ଠମାସର ମଧ୍ୟାହ୍ନ ସୂର୍ଯ୍ୟତାପରେ ନିଜ ଚାରିପାର୍ଶ୍ୱରେ ପାଞ୍ଚ ଅଥବା ଚଉରାଶୀ ଧୁନିରେ ଅଗ୍ନି ପ୍ରଜ୍ୱଳିତ କରି ତନ୍ମଧ୍ୟରେ ବସିରହିବା, ନିଜର ଦୁଇଟି ହାତ ଊର୍ଦ୍ଧ୍ୱକୁ ସବୁ ସମୟରେ ଉତ୍ତୋଳନ କରି ରଖିବା, ନିଜର ସ୍ନାନ, ଭୋଜନ, ଶୌଚ ଇତ୍ୟାଦି କ୍ରିୟା ନିଜ ହାତରେ ନ କରିବା, କେହି ମୁଖରେ ଭୋଜନ କରାଇଦେଲେ, ଜଳ ପିଆଇଦେଲେ, ସ୍ନାନ କରାଇଦେଲେ କରିନେବା ନତୁବା ବିନା ଆହାର, ବିନା ସ୍ନାନ, ବିନା ବସ୍ତ୍ରରେ ରହିବା, ଗୋଟିଏ ପାଦରେ ଛିଡ଼ା ହୋଇ ରହିବା – ଏହିସବୁ କାୟକ୍ଲେଶ ତପସ୍ୟା । ଜଣେ ଊର୍ଦ୍ଧ୍ୱବାହୁ ତପସ୍ୱୀ ସନ୍ଥ ତିନି, ଚାରିଜଣ ଶିଷ୍ୟଙ୍କ ସଙ୍ଗେ ମହାରାଜଜିଙ୍କୁ ପ୍ରଣାମ କଲେ । କିଛି ସମୟ କଥାବାର୍ତ୍ତା କରିବା ପରେ ମହାରାଜଜି କହିଲେ, ''ଏହି ଊର୍ଦ୍ଧ୍ୱବାହୁ କାୟକ୍ଲେଶ ତପସ୍ୟା କରିବାରେ ପ୍ରୟୋଜନ କ'ଣ ? ଭଗବାନ୍ ପ୍ରାପ୍ତ ହୁଅନ୍ତି ପ୍ରେମ, ଭକ୍ତି, ଆତ୍ମସମର୍ପଣ ଦ୍ୱାରା ।'' ତପସ୍ୱୀ ସନ୍ଥ କହିଲେ, ''ମୁଁ ବିଶ୍ୱାସ କରେ କେବଳ କାୟକ୍ଲେଶରେହିଁ ଭଗବାନ୍ ପ୍ରାପ୍ତ ହୁଅନ୍ତି । ଆପଣଙ୍କ କହିବା ଅନୁସାରେ ଯଦି ପ୍ରେମ, ଭକ୍ତି, ଆତ୍ମସମର୍ପଣରେ ଭଗବାନ୍ ପ୍ରାପ୍ତ ହୁଅନ୍ତି ତେବେ ମୋ ଊର୍ଦ୍ଧ୍ୱବାହୁ ଯଦି ପୂର୍ବପରି ନିମ୍ନକୁ ଆସି କ୍ରିୟାଶୀଳ ହୋଇପାରେ ତେବେ ଆପଣଙ୍କ କଥା ବିଶ୍ୱାସ କରିପାରେ ।'' ଶ୍ରୀ ମହାରାଜଜି କହିଲେ, ''ମୋ ରାମଜି ସର୍ବସମର୍ଥ, ତାଙ୍କ ସକାଶେ ଆଶ୍ଚର୍ଯ୍ୟ କ'ଣ ଅଛି ? ତୁମେ ନିଜ ଊର୍ଦ୍ଧ୍ୱବାହୁ ତଳକୁ ଆଣି ପରିଚାଳନା କର ।'' ଏହା କହିବା ସଙ୍ଗେ ସଙ୍ଗେ ଅନାୟାସରେ ଦୁଇ ଊର୍ଦ୍ଧ୍ୱବାହୁ ତଳକୁ ପୂର୍ବବତ୍ ଆସି ଇଚ୍ଛାନୁସାରେ ପରିଚାଳିତ ହେଲା । ଏ ଘଟନା ଦେଖି ତପସ୍ୱୀ ସନ୍ଥଙ୍କ ଆଶ୍ଚର୍ଯ୍ୟର ପାରାବାର ରହିଲା ନାହିଁ । ସେ କହିଲେ, ''ଦଶ ବର୍ଷରୁ ଏହି ହାତ ଊର୍ଦ୍ଧ୍ୱକୁ ରହିଥିବାରୁ ରକ୍ତସଞ୍ଚାଳନ କ୍ରିୟା ବନ୍ଦ ହୋଇ ଶିରାପ୍ରଶିରା ଶୁଖିଯାଇ ମାଂସ ବନ୍ଦ ହୋଇ ଯାଇଥିଲା । ଯଦି ଏହି ହାତକୁ ତଳକୁ ଆଣି କ୍ରିୟାଶୀଳ କରିବାକୁ ହୋଇଥା'ନ୍ତା ତେବେ କେତେମାସ ପର୍ଯ୍ୟନ୍ତ ନିୟମିତ ଔଷଧ ମାଲିସ କରି କେତେ ଉପଚାର କରିବାକୁ ପଡ଼ିଥା'ନ୍ତା, କେବଳ ଗୋଟିଏ ବାକ୍ୟରେ ହୋଇଗଲା ।'' ସେ ବହୁତ ସନ୍ତୁଷ୍ଟ ହୋଇ ମହାରାଜଙ୍କଠାରୁ ସାଧନାର ବହୁତ ବିଷୟ ପଚାରି ଜାଣି ସାଧନା କଲେ । ସେହି ଦିନଠାରୁ ଊର୍ଦ୍ଧ୍ୱବାହୁ ତପସ୍ୟା ଛାଡ଼ିଦେଲେ ।

## ମାନସ ପୂଜା

ଭଗବତ୍ ପ୍ରାପ୍ତିର ବହୁତ ମାର୍ଗ । ଯେଉଁ ମାର୍ଗରେ ବ୍ୟକ୍ତିର ନିଷ୍ଠା ଆଉ ବିଶ୍ୱାସ ହୁଏ ସେଥିରେ ସେ ଭଗବାନଙ୍କୁ ପ୍ରାପ୍ତ କରିପାରେ । ଭକ୍ତିମାର୍ଗର ସାଧନା ବହୁତ ପ୍ରକାରର ଅଛି । ତନ୍ମଧ୍ୟରୁ ଗୋଟିଏ ହେଉଛି ମାନସ ପୂଜା । କେବଳ ମନରେ ଭଗବାନଙ୍କ ସ୍ଥାନ ସାକେତ, ବୈକୁଣ୍ଠ, ଗୋଲୋକ ଅଥବା ଦିବ୍ୟ ଅଯୋଧ୍ୟା, ବୃନ୍ଦାବନରେ ଭଗବାନଙ୍କ ମନ୍ଦିର,

ସିଂହାସନ, ସେଥିରେ ପାର୍ଶ୍ୱଦ ସହିତ ବିରାଜମାନ ଭଗବାନଙ୍କ ସ୍ୱରୂପ ମନନ କରି ତାଙ୍କୁ ସ୍ନାନ, ବସ୍ତ୍ର, ଅଳଙ୍କାର, ପୁଷ୍ପମାଳା ପରିଧାନ, ନାନାପ୍ରକାର ମିଷ୍ଟାନ୍ନ ନୈବେଦ୍ୟ ନିବେଦନ ମାନସ କଳ୍ପନା ଦ୍ୱାରା କରିବାକୁ ହୁଏ । ଏହି ସାଧନାପ୍ରଣାଳୀ ବହୁତ ଉତ୍କୃଷ୍ଟ, ଆନନ୍ଦ ଦାୟକ, ମନ ଏକାଗ୍ରତା ସକାଶେ ଗୋଟିଏ ଅବ୍ୟର୍ଥ ଉପାୟ । ଏଥିରେ ସାଧକ ଦିନ ରାତି ପ୍ରେମ ଓ ଆନନ୍ଦନିଶାରେ ବୁଡି ରହିପାରେ ।

ଦିନେ ଚିତ୍ରକୂଟରୁ ଶ୍ରୀ ରାମଚରଣ ଦାସ ନାମକ ଜଣେ ମାନସପୂଜକ ଉତ୍କୃଷ୍ଟ ସାଧକ ରାମନବମୀକୁ ଶ୍ରୀ ଅଯୋଧ୍ୟା ଆସିଥାନ୍ତି । ସରଯୂ ସ୍ନାନ କରି ବହୁତ ମନ୍ଦିରରେ ଦର୍ଶନ କରି ଫେରିବା ପରେ ଅଯୋଧ୍ୟାର ଅବଧବିହାରୀ ଦାସ ନାମକ ଜଣେ ସନ୍ଥଙ୍କ କହିବାନୁସାରେ ଶ୍ରୀ ମହାରାଜଙ୍କ ଦର୍ଶନକୁ ଆସିଲେ । ତାଙ୍କର ସବୁ ସମୟରେ ମାନସପୂଜା ଚାଲିଥାଏ । ରାସ୍ତାରେ ଆସିବା ସମୟରେ ଭଗବାନଙ୍କୁ ସ୍ନାନ କରାଇ, ବସ୍ତ୍ରଭୂଷଣ ପରିଧାନ କରାଇ ନୈବେଦ୍ୟ ଅର୍ପଣ କରିବା ପରେ ଭାବିଲେ, ''ସନ୍ଥ ଚିହ୍ନିବା କଠିନ, ବାହ୍ୟ ସନ୍ଥ ସେବା ବା ବାକ୍ୟ ଦ୍ୱାରା ଚିହ୍ନିବାର ଉପାୟ ନାହିଁ, ଫେର୍ ଯଥାର୍ଥ ସନ୍ଥ କିଏ କିପରି ଜାଣିବା ?'' ଏହି ସନ୍ଦେହରେ ପଡ଼ି ବିଚାର କରୁ କରୁ ଶ୍ରୀ ମହାରାଜଙ୍କ ପାଖରେ ପହଞ୍ଚି ଦଣ୍ଡବତ କରିବାକୁ ଲାଗିଲେ । ଶ୍ରୀ ମହାରାଜ କହିଲେ, ''ପ୍ରଥମରେ ଭଗବାନଙ୍କୁ ଆଚମନ କରାଇ ତା'ପରେ କଥାବାର୍ତ୍ତା କର ।'' ଏକଥା ଶୁଣିବା ମାତ୍ରେ ସେ ସଚେତ ହୋଇଗଲେ । ଆସିବା ସମୟରେ ଭଗବାନଙ୍କୁ ନୈବେଦ୍ୟ ଅର୍ପଣ କରିଥିଲେ, କିନ୍ତୁ ''ସନ୍ଥ କିପରି ଚିହ୍ନାଯିବ'' ଏହି ବିଚାର ଆସିବାରୁ ଭଗବାନଙ୍କୁ ଆଚମନ କରାଇବା ଭୁଲି ଯାଇଥିଲେ । ଅସ୍ଥିର ହୋଇ ଭଗବାନଙ୍କୁ ଆଚମନ କରାଇ ତାମ୍ବୁଳ ଅର୍ପଣ କରିବା ପରେ ଶ୍ରୀ ମହାରାଜଙ୍କୁ ଦଣ୍ଡପ୍ରଣାମ କରି ଭଗବତ୍ ଚର୍ଚ୍ଚାରେ ନିମଗ୍ନ ହୋଇଗଲେ । ଶ୍ରୀ ରାମଚରଣ ଦାସ ରାମାୟଣରେ ପ୍ରକାଣ୍ଡ ପଣ୍ଡିତ ତଥା ଉଚ୍ଚକୋଟୀର ସନ୍ଥ ଥିଲେ । ମହାରାଜଜିଙ୍କ ସଙ୍ଗେ ଦେଖାହେବାରୁ ଦୁଇଜଣ ପରସ୍ପର ବିଶେଷ ଆନନ୍ଦିତ ହେଲେ । ମହାରାଜଜିଙ୍କ ଆଗ୍ରହରେ ଛାଉଣୀରେ ଭଗବତ୍ ପ୍ରସାଦ ଭୋଜନ କରି ବିଦାୟ ନେଇ ଫେରିଲେ ।

ଶ୍ରୀ ମହାରାଜଙ୍କ ନାମ, ଯଶଃ ଶୁଣି କେତେ ରାଜା ଆସି କିଛି ଗ୍ରାମ ଦାନ କରିବାକୁ ବହୁତ ବିନୟ କରିଥିଲେ । କିନ୍ତୁ ମହାରାଜ ଦୃଢ଼ତା ସହିତ ଅସ୍ୱୀକାର କରିଥିଲେ । ତାଙ୍କର ଧାରଣା ଥିଲା ସନ୍ଥଙ୍କର ଭଗବାନଙ୍କ ଭରସାରେ ରହିବା ଉଚିତ, ଜମିଦାରୀ ଜମି ରଖିବା ଗାର୍ହସ୍ଥ୍ୟ ଆଶ୍ରମର ବ୍ୟକ୍ତିମାନଙ୍କ କାମ । ସନ୍ଥମାନେ ସଂସାର କର୍ମରେ ଲିପ୍ତ ହେଲେ ଭଗବାନଙ୍କୁ ଭୁଲିଯିବେ । ସେ ତାଙ୍କ ଜୀବନକାଳରେ କେତେ ରାଜା, ମହାରାଜ, ଧନୀ ଶେଠଙ୍କ ପକ୍କା ମନ୍ଦିର ଓ ବିନା ଖଜଣାରେ ଗ୍ରାମଦାନର ଆଗ୍ରହକୁ ବହୁ ଦୃଢ଼ତା ସହିତ ଅସ୍ୱୀକାର କରିଥିଲେ । ତାଙ୍କ ମଠରେ ପ୍ରତିଦିନ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ଭୋଜନ ଓ ପ୍ରଚୁର ଦାନ ଦିଆ ଯାଉଥିବା ସତ୍ତ୍ୱେ ତାଙ୍କର ଥିଲା ଅଯାଚକ ଆକାଶବୃତ୍ତି । ତାଙ୍କ ଜୀବନରେ ସେ କେବେହେଲେ ଅର୍ଥର ଅଭାବ ବୋଧ କରି ନ ଥିଲେ । ଯାହା ଯେତେବେଳେ ଆବଶ୍ୟକ ହେଉଥିଲା ସେସବୁ ଶ୍ରୀରାମଙ୍କ କୃପାରୁ ଆସି ଯାଉଥିଲା ।

ଶ୍ରୀ ମହାରାଜଜି ସବୁ ସମୟରେ ଧ୍ୟାନମଗ୍ନ ରହୁଥିଲେ, ତାଙ୍କ ମନ ଭଗବାନଙ୍କ ଲୀଳାରେ ଲୀନ ରହୁଥିଲା । ସେ ସବୁ ସମୟରେ ଚକ୍ଷୁ ବନ୍ଦ କରି ବସୁଥିଲେ, ଯେତେବେଳେ ଆବଶ୍ୟକ ପଡୁଥିଲା କେବଳ ଗୋଟାଏ କଥା କହି ପୁନରାୟ ଆଖି ବନ୍ଦ କରି ଦେଉଥିଲେ । ତାଙ୍କ ଭଜନ ଧ୍ୟାନ ନିରନ୍ତର ତୈଳଧାରବତ୍ ଅଖଣ୍ଡିତ ରୂପେ ଚାଲୁଥିଲା, ତଥାପି ସବୁ ସମୟରେ ବହୁସଂଖ୍ୟକ ଲୋକ ତାଙ୍କୁ ଘେରି ରହୁଥିବାରୁ ସେ ଏକାନ୍ତରେ ରହିବା ସ୍ଥିର କରି ସବୁ ସନ୍ଥଙ୍କଠାରୁ ବିଦାୟ ନେଇ ଗୋଟିଏ ନୌକାରେ ସରଯୁ ଜଳରେ ନିବାସ କଲେ । ନୌକା ସରଯୁ ଜଳ ମଧ୍ୟରେ ରହିବାରୁ ଦର୍ଶନାର୍ଥୀ ଆଉ ଅନ୍ୟ ସନ୍ଥମାନେ ତାଙ୍କ ପାଖକୁ ଯାଇପାରିଲେ ନାହିଁ । ମହାରାଜଜି ଅଖଣ୍ଡ ଧ୍ୟାନରେ ତଲ୍ଲୀନ ରହିଲେ । ମହାରାଜଜି ଛାଉଣୀ ଛାଡ଼ି ଏକାନ୍ତରେ ରହିବାରୁ ସନ୍ଥମାନଙ୍କୁ ବହୁ ଦୁଃଖ ହେଲା, କିନ୍ତୁ ସେମାନେ ପୂର୍ବବତ୍ ଛାଉଣୀରେ ରହି ରାମଧୁନ କରୁଥିଲେ ।

ଖୁବ୍ ଅଳ୍ପଦିନ ପରେ ସ୍ୱପ୍ନରେ ହନୁମାନଜି ଶ୍ରୀ ମହାରାଜଜିଙ୍କୁ କହିଲେ ''ଲୋକଙ୍କ କଲ୍ୟାଣ ସକାଶେ ଶ୍ରୀରାମଚନ୍ଦ୍ରଜି ତୁମକୁ ଏହି ପୃଥିବୀକୁ ପଠାଇଥିଲେ । ଭଗବାନଙ୍କ କାର୍ଯ୍ୟ ଛାଡ଼ି ଏକାନ୍ତରେ କାହିଁକି ବସିରହିଲ ?'' ଆଖି ଖୋଲିବା

ମାତ୍ରେ ଗୋଟିଏ ଜ୍ୟୋତିଃ ଆଉ ଶାନ୍ତି ମଧରେ ନିଜକୁ ଦେଖିଲେ । ଶ୍ରୀ ହନୁମାନଜିଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁସାରେ ତା' ପରଦିନ ପୁନରାୟ ଛାଉଣୀକୁ ପ୍ରତ୍ୟାବର୍ତ୍ତନ କଲେ ।

ଶ୍ରୀ ମହାରାଜଜିଙ୍କ ଛାଉଣୀକୁ ଆଗମନରେ ସନ୍ଥ ଏବଂ ଶିଷ୍ୟମାନଙ୍କୁ ଅପାର ଆନନ୍ଦ ହେଲା । ଏହି ସ୍ୱପ୍ନ ବିଷୟ ଶ୍ରୀ ମହାରାଜଜି ତାଙ୍କର ''ହରିନାମ ସୁମରିଣୀ'' ଗ୍ରନ୍ଥରେ ଲେଖିଛନ୍ତି ।

ପ୍ରତିଦିନ ବହୁ ସନ୍ଥ, ବହୁ ଦର୍ଶନାର୍ଥୀ ଶ୍ରୀ ମହାରାଜଜିଙ୍କୁ ଦର୍ଶନ କରିବାକୁ ଆସନ୍ତି, ନାନା ପ୍ରକାର ପ୍ରଶ୍ନ କରି, ଉପଦେଶ ଗ୍ରହଣ କରି ଆନନ୍ଦିତ ହୋଇ ଫେରନ୍ତି । ଜଣେ ବ୍ରାହ୍ମଣ ଶ୍ରୀ ମହାରାଜଜିଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି, ଜ୍ଞାନ, କର୍ମ ଓ ସାଧନା ସମ୍ବନ୍ଧେ ବହୁତ ପ୍ରକାର ପ୍ରଶ୍ନ କଲେ । ପାପ ଓ କୁପ୍ରକୃତିରୁ ନିବୃତ୍ତ ହେବାର ପ୍ରଶ୍ନର ଉତ୍ତରରେ ଶ୍ରୀ ମହାରାଜଜି ଗୋଟିଏ ଗଳ୍ପ ଦ୍ୱାରା ସୁନ୍ଦରଭାବେ ବୁଝାଇଦେଲେ । ସେହି ଗଳ୍ପଟି ନିମ୍ନରେ ଦିଆଗଲା :

ଜଣେ ସିଦ୍ଧ ମହାତ୍ମା ଥିଲେ । ତାଙ୍କର ବହୁତ ଶିଷ୍ୟ ଆଉ ଭକ୍ତ ଥିଲେ । ସେମାନେ ସମସ୍ତେ ଦିନେ ଆସି କହିଲେ, ମହାରାଜଜି, ଆପଣ ସର୍ବସମର୍ଥ, ଆପଣଙ୍କ ଶକ୍ତିରେ ଆମ୍ଭମାନଙ୍କ ପାପ ଏବଂ ପ୍ରାପପ୍ରବୃତ୍ତି ନଷ୍ଟ କରି ଆମ୍ଭମାନଙ୍କୁ ଭଗବତ୍ ପ୍ରାପ୍ତିର ଅଧିକାରୀ କରିଦିଅନ୍ତୁ ।'' ମହାତ୍ମାଜି ଭାବିଲେ ''ଯଦି ମୁଁ ଏମାନଙ୍କୁ ସିଧା ସିଧା କହିବି 'ବ୍ୟକ୍ତି ପ୍ରଯତ୍ନ କଲେ ଭଗବାନଙ୍କ କୃପା ହୁଏ, ଅତଏବ ତୁମ୍ଭେମାନେ ପ୍ରଯତ୍ନପୂର୍ବକ ପାପ କର୍ମ ତ୍ୟାଗ କର'– ଏହି ଉକ୍ତିରେ ଏମାନେ ସନ୍ତୁଷ୍ଟ ହେବେ ନାହିଁ ଏବଂ ବୁଝି ନ ପାରି ଅଧ୍ୟାତ୍ମ ମାର୍ଗ ତ୍ୟାଗ କରିବେ ।'' ସେଥିସକାଶେ ସେ ଏପରି ଗୋଟିଏ ଉପାୟ ରଚନା କଲେ ଯେ ତାଙ୍କ ଶିଷ୍ୟମାନେ ବାଧ ହୋଇ ପାପରୁ ନିବୃତ୍ତ ହେବାକୁ ପ୍ରଯତ୍ନ କଲେ ।

ସେ କହିଲେ, ''ମୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରି ତୁମ୍ଭମାନଙ୍କୁ ପାପରୁ ମୁକ୍ତ କରିଦେବି । କିନ୍ତୁ ତୁମ୍ଭମାନଙ୍କୁ ମୋର ଏହି ସର୍ତ୍ତ ମାନିବାକୁ ପଡ଼ିବ । ଏଥିରେ ତ୍ରୁଟି କଲେ ଭଗବାନ୍ ତୁମର ପାପ କ୍ଷମା କରିବେ ନାହିଁ । ସେ ସର୍ତ୍ତ ହେଲା : ଦିନ ରାତ୍ରି ମଧରେ ତୁମ୍ଭେମାନେ ଯେଉଁ ଦୋଷ ବା ପାପ କରିବ, ପ୍ରତିଦିନ ଆସି ଏହି ସତ୍‌ସଙ୍ଗ ସଭାରେ ଉଚ୍ଚସ୍ୱରରେ କହିଦେବ । ଏହିପରି ଗୋଟିଏ ବର୍ଷ କରିବା ପରେ ମୁଁ ତୁମର ସମସ୍ତ ପାପ କ୍ଷମା କରାଇ ଦେବି ।'' ଗୁରୁଙ୍କଠାରୁ ଏହି ଆଦେଶ ପାଇ ଭକ୍ତମାନେ ନିଜ ନିଜ ଗୃହକୁ ଫେରିଗଲେ । ଯେଉଁମାନଙ୍କର ତୀବ୍ର ଅଭୀପ୍‌ସା ନ ଥିଲା ସେମାନେ ପ୍ରଯତ୍ନ କଲେ ନାହିଁ କିଂବା ପାପରୁ ବା ଦୋଷରୁ ମୁକ୍ତ ହୋଇ ପାରିଲେ ନାହିଁ । ନିଜର ଦୋଷ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିବା ଲଜ୍ଜାର ବିଷୟ ଜାଣି ସେମାନେ ଗୁରୁଙ୍କ ପାଖକୁ ଆସିବା ଛାଡ଼ିଦେଲେ । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ଓ ଜ୍ୱଳନ୍ତ ଅଭୀପ୍‌ସା ଥିଲା, ସେମାନେ ନିଜ ଦୋଷ, ପାପ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିବା ଲଜ୍ଜାର ବିଷୟ ଜାଣି ସେଥିରୁ ନିବୃତ୍ତ ହେବା ସକାଶେ ପ୍ରାଣପଣେ ପ୍ରଯତ୍ନ କଲେ । ସେମାନେ ଭଗବାନଙ୍କୁ ପ୍ରାର୍ଥନା କଲେ ଏବଂ ତାଙ୍କରି ସହାୟତାରେ ଶାରୀରିକ ପାପରୁ ମଧ ନିବୃତ୍ତ ହେଲେ; ମାନସିକ ପାପ ଅର୍ଥାତ୍ ଦୂଷିତ ବିଚାର ଓ ଦୂଷିତ ଚିନ୍ତାରୁ ମୁକ୍ତ ହୋଇ ପାରିଲେ ନାହିଁ । ଗୁରୁଙ୍କ ଆଦେଶାନୁସାରେ ସେମାନଙ୍କୁ ନିଜର ମାନସିକ ପାପ ସଭାରେ କହିବାକୁ ପଡ଼ିଲା । ଏଥିରେ ସେମାନଙ୍କୁ ବହୁତ ଲଜ୍ଜା ହେଲା । ସେମାନେ ମାନସିକ ପାପରୁ ମୁକ୍ତ ହେବା ସକାଶେ ତୀବ୍ରଭାବେ ଭଗବାନଙ୍କୁ ସ୍ମରଣ କରିବାକୁ ଲାଗିଲେ । ଭଗବତ୍ ସ୍ମରଣ ହେବାରୁ କ୍ରମଶଃ ପାପବାସନା ଦୂର ହୋଇଗଲା । ମନୁଷ୍ୟ ମନ ଗୋଟିଏ ପାତ୍ର ସଦୃଶ । ତାହା କେବେ ଖାଲି ରହେ ନାହିଁ । ପାତ୍ରରେ ଅନ୍ୟବସ୍ତୁ ନ ଥିଲେ ତାହା ବାୟୁରେ ପୂର୍ଣ୍ଣ ଥାଏ, ଅନ୍ୟ ବସ୍ତୁ ଆସିବା ପରିମାଣ ଅନୁସାରେ ବାୟୁ ବାହାରିଯାଏ; ସେହିପରି ମନୁଷ୍ୟ-ମନରେ ଭଗବାନଙ୍କ ଚିନ୍ତା ଯେତେ ଅଧିକ ହୁଏ ଅନ୍ୟ ଚିନ୍ତା ସେତେ କମ୍ ହୁଏ । ଯେତେବେଳେ ଭଗବତ୍ ସ୍ମରଣରେ ମାନସ ପାତ୍ର ପୂର୍ଣ୍ଣ ହୁଏ, ସେତେବେଳେ ଅନ୍ୟ ବିଚାର ପାଇଁ ସ୍ଥାନ ନ ଥାଏ; ସେତେବେଳେ ବ୍ୟକ୍ତି ହୁଏ ନିଷ୍କାମ । ବର୍ଷକ ପରେ ସେମାନେ ଭଗବାନଙ୍କ ଅନନ୍ୟ ଭକ୍ତ ହୋଇଗଲେ । ସେମାନଙ୍କ ମଧରେ ଶାନ୍ତି, ସନ୍ତୋଷ, ଆନନ୍ଦାଦି ଦିବ୍ୟଗୁଣ ପ୍ରତିଷ୍ଠିତ ହେଲା । ସେମାନେ ଏହି ଅବସ୍ଥା ସକାଶେ ଗୁରୁଦେବଙ୍କୁ କହିଥିଲେ । ଗୁରୁଦେବ ସୁନ୍ଦର ଯୁକ୍ତିରେ ସେମାନଙ୍କ ଦ୍ୱାରା ସାଧନା କରାଇ ସେମାନଙ୍କୁ ନିଜ ନିଜ ଅଭୀଷ୍ଟ ଲକ୍ଷ୍ୟ ସିଦ୍ଧ କରାଇଦେଲେ ।

ଏହି ଉପଦେଶ ପ୍ରତ୍ୟେକ ପ୍ରାଣୀ ସକାଶେ । ବ୍ୟକ୍ତି ପ୍ରଯତ୍ନ କଲେ ସାଂସାରିକ ବସ୍ତୁ ପ୍ରାପ୍ତ କରି ସାଂସାରିକ

ଜୀବନ ନିର୍ବାହ କରେ ଏବଂ ଅଧ୍ୟାତ୍ମ ସାଧନାରେ ମଧ୍ୟ ଲକ୍ଷ୍ୟ ସିଦ୍ଧି କରେ । ଯେଉଁମାନେ ତାମସିକ ପ୍ରକୃତିର ଲୋକ ସେମାନେ ଭାଗ୍ୟ, ଦୈବ ଦୁହାଇ ଦେଇ ବସିରହନ୍ତି, ଦୁଃଖ ଭୋଗ କରନ୍ତି ।

ଦେଶବିଦେଶରୁ, ବହୁ ଦୂରଦୂରାନ୍ତରୁ ବହୁପ୍ରକାର ଦୁଃଖୀ, ପାପୀ, ତାପୀ ବ୍ୟକ୍ତି ଆସି ମହାରାଜଙ୍କୁ ଦର୍ଶନ କରନ୍ତି । ପ୍ରତିଦିନ ମହାରାଜଙ୍କ ପାଖରେ ଲୋକଙ୍କ ଭିଡ଼ ଲାଗିରହିଥାଏ । ଶ୍ରୀ ମହାରାଜ ଏତେ ଲୋକଙ୍କ ମଧ୍ୟରେ ଚକ୍ଷୁ ବନ୍ଦ କରି ନିରନ୍ତର ଧ୍ୟାନମଗ୍ନ ରହିଥା'ନ୍ତି । ତାଙ୍କ ସମୀପରେ ଗୋଟିଏ ଅଲୌକିକ ଶାନ୍ତି ଓ ଆନନ୍ଦର ବାତାବରଣ ସୃଷ୍ଟି ହୋଇଥାଏ । ବ୍ୟକ୍ତି ସେଠାରେ ପହଞ୍ଚିବା ମାତ୍ରେ ତା'ର ପ୍ରଶ୍ନର ଉତ୍ତର ତା' ଅନ୍ତରରୁ ମିଳିଯାଏ । ତା'ର ଦୁଃଖ କଷ୍ଟ ଦୂର ହୋଇଯାଏ । ତାଙ୍କ ବସିବା ସ୍ଥାନ ସର୍ବଦା ନୀରବ ଓ ଶାନ୍ତ ଥାଏ । ଯଦି କୌଣସି ବ୍ୟକ୍ତି କିଛି ପ୍ରଶ୍ନ କରେ ତେବେ ସେ ଚକ୍ଷୁ ବନ୍ଦକରି ଶୁଣୁଥାଆନ୍ତି । ତା'ର ବହୁତ ପ୍ରଶ୍ନର ଉତ୍ତରରେ ସେ ବହୁତ ଅଳ୍ପ ଶବ୍ଦ କହି ନୀରବ ହୋଇଯାଆନ୍ତି ।

ବର୍ଷାଋତୁରେ ସରଯୁ ନଦୀର ପ୍ରବାହ ଏକ ମାଇଲରୁ ଅଧିକ ହୁଏ । ପ୍ରଖର ସ୍ରୋତ ଓ ପ୍ରଚଣ୍ଡ ବାୟୁ ଯୋଗୁଁ ନୌକା ଚଳାଚଳ ଅସମ୍ଭବ ହୋଇପଡ଼େ । ଆଜିକାଲି ଷ୍ଟିମର ଚାଲୁଛି, ସେତେବେଳେ ଷ୍ଟିମର ନ ଥିଲା । କିନ୍ତୁ ନୌକା ଥିଲା ବହୁତ ବଡ଼ ବଡ଼ । ଦିନେ ବହୁତ ସଂଖ୍ୟାରେ ଯାତ୍ରୀ ନୌକାରେ ପୂର୍ଣ୍ଣ ଥିଲେ । ମଝି ନଈରେ ନୌକା ପହଞ୍ଚିବା ସମୟରେ ତୀବ୍ର ଝଞ୍ଜା ବାୟୁ ଯୋଗୁଁ ନୌକା ସ୍ରୋତ ଭଉଁରିରେ ପଡ଼ିଗଲା । ନୌକା ଚାଳକ ବହୁ ପ୍ରଯତ୍ନ କରିବା ସତ୍ତ୍ୱେ ନୌକା ବୁଡ଼ିବାକୁ ଲାଗିଲା । ବାହକ ଉଚ୍ଚ ସ୍ୱରରେ କହିଦେଲେ, ''ନୌକା ବୁଡୁଅଛି, ତୁମ୍ଭେମାନେ ନିଜ ନିଜ ଇଷ୍ଟଦେବଙ୍କୁ ସ୍ମରଣ କର ।'' ଯାତ୍ରୀମାନେ ବ୍ୟାକୁଳ ହୋଇ ଏକ ସ୍ୱରରେ ଉଦ୍ଧାର ହେବା ନିମିତ୍ତ ମହାରାଜାଙ୍କୁ ଡାକିଲେ । ମହାରାଜଜି ସେସମୟରେ ଭକ୍ତମାନଙ୍କ ମଧ୍ୟରେ ବସି ସେମାନଙ୍କୁ କୌଣସି ଉପଦେଶ ଦେଉଥିଲେ । ତାଙ୍କ ବିଷୟ ସମାପ୍ତ ହେବା ପୂର୍ବରୁ ସେ ହଠାତ୍ ଆଖି ବନ୍ଦ କରି ଧ୍ୟାନସ୍ଥ ହୋଇଗଲେ । ଭକ୍ତମଣ୍ଡଳୀ ଏକେବାରେ ନୀରବ । କେତେ ମିନିଟ ପରେ ଆଖି ଖୋଲିବାରୁ ଭକ୍ତମାନେ କୌତୂହଳରେ ପଚାରିଲେ, ''ମହାରାଜଜି, କେଉଁଠି କ'ଣ ଘଟିଲା ଯେ ଆପଣ ହଠାତ୍ କଥା ବନ୍ଦ କରି ଧ୍ୟାନସ୍ଥ ହୋଇଗଲେ ?'' ମହାରାଜଜି କହିଲେ, ''ଅପେକ୍ଷା କର, କିଛି ସମୟ ପରେ ଖବର ପାଇବ ।'' ତେଣେ ଠିକ୍ ନୌକା ବୁଡିବା ଅବସ୍ଥାରେ ଥିଲା, କେତେ ଝଲକା ପାଣି ମଧ୍ୟ ନୌକାରେ ପଶି ଯାଇଥିଲା । ଲୋକେ ସ୍ୱଚକ୍ଷୁରେ ଦେଖିଲେ ହଠାତ୍ ମହାରାଜ ମଝି ଧାରରେ ଆସି ନୌକାକୁ ସ୍ରୋତ ଭଉଁରିରୁ ତୀବ୍ର ଗତିରେ ବହୁଦୂର ଟାଣିଆଣି କୂଳର କିଛି ଦୂରରେ ଛାଡ଼ିଦେଲେ । ଧୀବର ସାବଧାନ ହୋଇ ଅକ୍ଳେଶରେ ନୌକାକୁ କୂଳରେ ଲଗାଇଦେଲା । ଯାତ୍ରୀମାନେ ମହାରାଜଙ୍କ କୃପାରୁ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ । ସେମାନଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଶ୍ରୀ ମହାରାଜଙ୍କର ଜୟ ଜୟ ଗାନ କରି ଛାଉଣୀରେ ଶ୍ରୀ ମହାରାଜଙ୍କ ପାଖକୁ ଆସି ଦଣ୍ଡବତ କରି ସମସ୍ତ ଘଟନା କହିଲେ । ଶ୍ରୀ ମହାରାଜଙ୍କ ସମୀପରେ ବସିଥିବା ବ୍ୟକ୍ତିମାନେ ଶ୍ରୀ ମହାରାଜଙ୍କର ଏହି କାର୍ଯ୍ୟରେ ବଡ଼ ଆନନ୍ଦିତ ହେଲେ । ମହାରାଜଜି ଶିଷ୍ୟଙ୍କୁ ଡାକି ନୌକାରେ ଆସିଥିବା ବ୍ୟକ୍ତିମାନଙ୍କୁ ପ୍ରସାଦ ଦେଲେ ଏବଂ ଭଗବାନଙ୍କୁ ଭଜନ କରିବାକୁ ଉପଦେଶ ଦେଇ ବିଦାକଲେ । ସେ କହିଲେ, ''ଭଗବାନ୍ ସବୁ ସମୟରେ ବିଦ୍ୟମାନ । ତାଙ୍କୁ ବ୍ୟାକୁଳ ହୋଇ ଡାକିଲେ ସେ ପ୍ରଘଟ ହୋଇ ଭକ୍ତକୁ ରକ୍ଷା କରନ୍ତି ।

ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଦର୍ଶନାର୍ଥୀ, ସନ୍ଥ, ଜିଜ୍ଞାସୁ, ଗୃହସ୍ଥ ଭଦ୍ରବ୍ୟକ୍ତି ଏବଂ ସଂସାର-ବିରକ୍ତ ସାଧୁମାନେ ମହାରାଜଙ୍କ ଦର୍ଶନକୁ ଆସିଲେ । ସେମାନେ ଉପଦେଶ ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ପ୍ରଶ୍ନ ପଚାରୁଥିଲେ । ସନ୍ଥମାନେ ରାମଧୁନ କରୁଥା'ନ୍ତି, ମହାରାଜଙ୍କ ପାଖରେ ସତ୍‌ସଙ୍ଗ ଚାଲୁଥାଏ । ଦିନେ ସତ୍‌ସଙ୍ଗ ପ୍ରସଙ୍ଗରେ ଶ୍ରୀ ମହାରାଜଜି ଗଙ୍ଗାକୂଳେ ଭ୍ରମଣ କରିବା ସମୟରେ ଶୃଙ୍ଗବେରପୁରଠାରେ ଗଙ୍ଗାକୂଳରେ ଜ୍ଞାନଦୃଷ୍ଟିପ୍ରାପ୍ତ ସିଦ୍ଧସନ୍ଥ ବିଦ୍ୟାଧରଙ୍କୁ ଦର୍ଶନ କରି ତାଙ୍କଠାରୁ ଶୁଣିଥିବା ତାଙ୍କର ଘଟନା ବର୍ଣ୍ଣନା କଲେ ।

# ଜ୍ଞାନଦୃଷ୍ଟିପ୍ରାପ୍ତ ସିଦ୍ଧସନ୍ଥ ବିଦ୍ୟାଧର

ବିଦ୍ୟାଧର ନାମରେ ଜଣେ ବ୍ରାହ୍ମଣ ଥିଲେ । ସେ ଥିଲେ ଖୁବ୍ ସୁନ୍ଦର ଓ ଧନଧାନ୍ୟ ପରିପୂର୍ଣ୍ଣ ଅବସ୍ଥାସମ୍ପନ୍ନ ବ୍ୟକ୍ତି । ଚାଳିଶ ବର୍ଷ ପାରିବାରିକ ଜୀବନ ବ୍ୟତୀତ କରିବା ପରେ ଦିନେ ସଂସାର ଦୁଃଖ-ଦ୍ୱନ୍ଦ୍ୱ ଦେଖି ତାଙ୍କ ମନରେ ବୈରାଗ୍ୟ ଜାତ ହେଲା । ସେ ଜୀବନର ଲକ୍ଷ୍ୟ ପରମାନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଘର, ପରିବାର, ସଂସାର ତ୍ୟାଗ କରି ହିମାଳୟ ଯାତ୍ରା କଲେ । ହିମାଳୟ ବଦ୍ରୀନାରାୟଣ ଯିବା ମାର୍ଗ ଶ୍ରୀନଗରରେ ଗୋଟିଏ ରୂପଯୌବନପ୍ରାପ୍ତା ସୁନ୍ଦରୀ ସ୍ତ୍ରୀକୁ ଜଳଘଟ ନେଇ ଯିବା ସମୟରେ ଦେଖି କାମପୀଡ଼ିତ ହୋଇ କିଛିଦୂର ତା' ପଛରେ ଗଲେ । ହଠାତ୍ ତାଙ୍କ ମଧରେ ଜ୍ଞାନୋଦୟ ହେବାରୁ ତୀବ୍ର ପଶ୍ଚାତ୍ତାପ ଅଗ୍ନିରେ ତାଙ୍କ ହୃଦୟ ଜଳିବାକୁ ଲାଗିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେହିଠାରେ ବସିପଡ଼ିଲେ । ହୃଦୟ ବ୍ୟାକୁଳ ଓ ବୁଦ୍ଧିଭ୍ରମ ହୋଇଗଲା । ସେ ନିଜ ବୁଦ୍ଧିର ତର୍କରେ ଭାବିଲେ ଯେ ବିଧାତାର ସମସ୍ତ ଦୋଷ, ସେ ସ୍ତ୍ରୀକୁ ଏପରି ସୌନ୍ଦର୍ଯ୍ୟ କାହିଁକି ଦେଲା । ସ୍ତ୍ରୀ ସମସ୍ତ ଅନର୍ଥର କାରଣ । ସେ ନିଜ ରୂପଲାବଣ୍ୟରେ ପୁରୁଷକୁ ଆକର୍ଷଣ କରେ । ନା, ନା, ସ୍ତ୍ରୀର ଦୋଷ ନୁହେଁ, ଦୋଷ ପୁରୁଷ ଆଖିର । ସେ ଯଦି ନ ଦେଖେ ତେବେ ସ୍ତ୍ରୀ ପୁରୁଷକୁ ଆକର୍ଷଣ କରିବ କିପରି ? ପ୍ରଥମରୁ ବୁଦ୍ଧି ଭ୍ରମ ହୋଇ ସାରିଥିଲା । ତୀବ୍ର ବୈରାଗ୍ୟ ସହିତ କ୍ରୋଧ ସାଥୀ ହୋଇ ଆଖିକୁ ଦଣ୍ଡଦେବା ଉଦ୍ଦେଶ୍ୟରେ ବୁଦ୍ଧିକୁ ବିବଶ କରି ପ୍ରେରଣା ଦେଲେ । ସେ ରାଗରେ ପାଖରେ ଥିବା କୁଶକୁ ଉପାଡ଼ିଆଣି ତୀକ୍ଷ୍ଣ କଣ୍ଟା ସଦୃଶ କୁଶମୂଳ ଦ୍ୱାରା ନିର୍ଦ୍ଦୟଭାବେ ଦୁଇ ଆଖିକୁ ଫୋଡ଼ିଦେଲେ । ଦୁଇ ଆଖିରୁ ରକ୍ତଧାରା ପ୍ରବାହିତ ହେଲା । ସେ ଅନ୍ଧ ହୋଇଗଲେ । ସେ ପଥ ନ ପାଇ ଚକ୍ଷୁପୀଡ଼ାରେ ସେହିଠାରେ ବ୍ୟଥିତ ହୋଇ ବିଶେଷ ଗ୍ଳାନିରେ ପଡ଼ି ରହିଲେ । ସେହି ଅବସ୍ଥାରେ ଜଣେ ବୃଦ୍ଧ ସନ୍ଥ ସେଠାକୁ ଆସି ଚକ୍ଷୁ ଫୋଡ଼ିବା କାରଣ ପଚାରିଲେ । ଉତ୍ତରରେ ବିଦ୍ୟାଧର ଗୃହ, ପରିବାର ପରିତ୍ୟାଗ କରିବା ଓ ଚକ୍ଷୁ ଫୋଡ଼ିବାର କାରଣ କହିଦେଲେ । ଏହା ଶୁଣିବା ପରେ ବୃଦ୍ଧ ସନ୍ଥ କହିଲେ, ''ତୁମେ ଭଗବାନଙ୍କ ଦର୍ଶନ ସକାଶେ ସଂସାର ପରିତ୍ୟାଗ କରି ଆସିଲ, ଯଦି ଆଖି ଫୋଡ଼ିଦେଲ ଫେର ଭଗବତ୍ ଦର୍ଶନ କରିବ କିପରି ? କାମ ଆଉ କ୍ରୋଧ ଭଗବତ୍ ପ୍ରାପ୍ତିର ଶତ୍ରୁ । ତୁମେ କ୍ରୋଧକୁ ଜୟ ନ କରି ତା'ର ବଶୀଭୂତ ହୋଇ ଆଖି ଫୋଡ଼ିଦେଲ । ଆଖି ଭଗବତ୍ ପ୍ରାପ୍ତିର ସହାୟକ, ଆଖି ଥିଲେ ତୁମେ ଯମନିୟମାଦି ସାଧନ କରିପାରି ଥାଆନ୍ତ । ଆଖିର ପ୍ରକୃତ ଦୋଷ ନୁହେଁ, ଦୋଷ ପ୍ରାଣ ଏବଂ ମନର । ମନ, ପ୍ରାଣ ବଶ ହୋଇଥିଲେ ସୁନ୍ଦରୀ ସ୍ତ୍ରୀକୁ ମାତାରୂପେ କିଂବା ଜଗଜ୍ଜନନୀରୂପେ ଦେଖି ଥାଆନ୍ତ । ତୁମ ବୁଦ୍ଧି ଭ୍ରମ ହେବାରୁ ଭଗବତ୍ ପ୍ରାପ୍ତିର ସହାୟକ ନେତ୍ରକୁ ନଷ୍ଟ କଲ । ତୁମେ ତପସ୍ୟା କରିପାରିବ ନାହିଁ କିଂବା ଭଗବତ୍ ପ୍ରାପ୍ତି କରିପାରିବ ନାହିଁ ।''

'ଭଗବତ୍ ପ୍ରାପ୍ତି ହୋଇ ପାରିବ ନାହିଁ'– ଏହି ଶବ୍ଦ ଶୁଣିବା ମାତ୍ରେ ବିଦ୍ୟାଧର ମୂର୍ଚ୍ଛିତ ହୋଇଗଲେ । ବୃଦ୍ଧ ସନ୍ଥ ଏପରି ଅବସ୍ଥା ଦେଖି ବହୁତ ପଶ୍ଚାତ୍ତାପ କରି ତାଙ୍କ ମୂର୍ଚ୍ଛାଭଙ୍ଗ କରିବା ସକାଶେ ପ୍ରଯତ୍ନ କଲେ । କିନ୍ତୁ ମୂର୍ଚ୍ଛାଭଙ୍ଗ ନ ହେବାରୁ ମୃତ୍ୟୁର ଆଶଙ୍କା ହେଲା । ତାହାର କାରଣ ସେ ନିଜେ ଜାଣି ବହୁ ବ୍ୟଥିତ ଏବଂ ବ୍ୟତିବ୍ୟସ୍ତ ହୋଇପଡ଼ି ବିଦ୍ୟାଧରଙ୍କ ମୂର୍ଚ୍ଛାଭଙ୍ଗ ହେବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କଲେ ।

ବିଦ୍ୟାଧର ଗୋଟିଏ ଦୀର୍ଘଶ୍ୱାସ ନେଇ ଉଠି ବସିପଡ଼ିଲେ । 'ଭଗବତ୍ ପ୍ରାପ୍ତି ହୋଇ ପାରିବ ନାହିଁ' – ଏହି ସ୍ମୃତି ଆସିବା ମାତ୍ରେ ହୃଦୟ ବିଦୀର୍ଣ୍ଣ ଓ ଆଶା ନିରାଶାରେ ପରିଣତ ହୋଇଯିବାରୁ ସେ ଅତ୍ୟନ୍ତ ବିକଳ ହୋଇ ସନ୍ଥଙ୍କ ଚରଣ ଧରି କହିଲେ, ''ଭଗବତ୍ ପ୍ରାପ୍ତି ନ ହେଲେ ଭାର ସଦୃଶ ଏହି ଶରୀରକୁ ଗୋଟିଏ କ୍ଷଣ ମଧ୍ୟ ରଖିବାକୁ ମୁଁ ଚାହେଁ ନାହିଁ । ଆଶୀର୍ବାଦ କରନ୍ତୁ, ଏହି ଶରୀର ବର୍ତ୍ତମାନ ତ୍ୟାଗ କରି ଯେପରି ଅନ୍ୟ ଜନ୍ମରେ ଭଗବତ୍ ପ୍ରାପ୍ତି କରିପାରେ ।'' ସେ ଆଉକିଛି କହିପାରିଲେ ନାହିଁ । କଣ୍ଠରୁଦ୍ଧ ହୋଇଆସିଲା । ବୃଦ୍ଧ ସନ୍ଥ ବିଦ୍ୟାଧରଙ୍କର ଶରୀର ପ୍ରତି ଅନାସକ୍ତି, ତୀବ୍ର ବୈରାଗ୍ୟ, ଭଗବତ୍ ପ୍ରେମ ଏବଂ ଭଗବତ୍ ପ୍ରାପ୍ତିର ଉତ୍କଣ୍ଠା ଦେଖି ମୁଗ୍ଧ ହୋଇଗଲେ । ସେ କହିଲେ, ''ବିଦ୍ୟାଧର, ତୁମେ ଭଗବାନଙ୍କର ଅନନ୍ୟ ଭକ୍ତ, ତୁମ ପରି ଭକ୍ତଠାରୁ ଭଗବାନ୍ ଏକ କ୍ଷଣ ପୃଥକ୍ ହୁଅନ୍ତି ନାହିଁ । ତୁମେ ଭଗବାନଙ୍କ

ସକାଶେ ସବୁକିଛି ତ୍ୟାଗ କରିଛ, ଭଗବାନ୍ ମଧ ତୁମ ସଙ୍ଗେ ସଙ୍ଗେ ଅଛନ୍ତି । କେବଳ ତୁମର ବାହାର ଆଚରଣ ଦୂର ନ ହୋଇ ଥିବାରୁ ତୁମେ ତାଙ୍କୁ ଦେଖିପାରୁ ନାହଁ । ମୁଁ ତୁମକୁ ସାଧନା ପ୍ରଣାଳୀ କହିଦେଉଛି, ତୁମେ ଭଗବାନଙ୍କୁ ପ୍ରାପ୍ତ କରିପାରିବ । ଭଗବାନଙ୍କୁ ଏହି ଚକ୍ଷୁରେ ଦେଖିହୁଏ ନାହିଁ, ଦେଖିହୁଏ ଦିବ୍ୟଚକ୍ଷୁ ଦ୍ୱାରା; ଯେଉଁ ଚକ୍ଷୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିଲେ । ତୁମେ ଗ୍ଲାନି, ଚିନ୍ତା, ଶୋକ ଦୂର କର ।''

'ଭଗବତ୍ ପ୍ରାପ୍ତି କରି ପାରିବ'– ଏହି ଅମୃତ ବାଣୀ ଶୁଣିବାମାତ୍ରେ ବିଦ୍ୟାଧରଙ୍କ ଶରୀରରେ ନୂତନ ଜୀବନ ପ୍ରବେଶ କଲା । ସେ ଆନନ୍ଦରେ ବିଭୋର ହୋଇଗଲେ । ଆନନ୍ଦରେ ତାଙ୍କ ହୃଦୟ ନୃତ୍ୟ କରିବାକୁ ଲାଗିଲା । ସେ ବୃଦ୍ଧ ସନ୍ଥଙ୍କ ଚରଣ ଧରି କହିଲେ, ''ପ୍ରଭୁ, ଆଉ ବିଳମ୍ବ କର ନାହିଁ, ମୋତେ ଉପାୟ ବତାଅ ଯେପରି ମୁଁ ଭଗବାନଙ୍କୁ ଦର୍ଶନ କରିପାରେ ।''

ବିଦ୍ୟାଧରଙ୍କର ତୀବ୍ର ବୈରାଗ୍ୟ ଯୋଗୁଁ ମୋହ ଦୂର ହୋଇ ସାରିଥିଲା । ବୃଦ୍ଧ ସନ୍ଥଙ୍କ କୃପାରୁ ତାଙ୍କର ହୃଦୟାବରଣ ଦୂର ହୋଇଗଲା । ସେ ତତ୍‌କ୍ଷଣାତ୍ ଆତ୍ମଜ୍ଞାନ ପ୍ରାପ୍ତ ହେଲେ । ସମସ୍ତ ଚରାଚରରେ ଭଗବାନ୍ ପରିପୂର୍ଣ୍ଣରୂପେ ଅଛନ୍ତି । କିନ୍ତୁ ମନୁଷ୍ୟର ଚର୍ମଚକ୍ଷୁର ଭେଦଦୃଷ୍ଟି, ଭେଦଜ୍ଞାନ ଯୋଗୁଁ ସେ ଦେଖିପାରେ ନାହିଁ । ଚର୍ମଚକ୍ଷୁ ନଷ୍ଟ ହେବାରୁ ବାହ୍ୟ ବିଭେଦ ଦୂର ହେଲା ଏବଂ ବୃଦ୍ଧ ସନ୍ଥଙ୍କ ସ୍ପର୍ଶରେ ଅନ୍ତର୍ଦୃଷ୍ଟି ଖୋଲିଗଲା । ସେ ଚରାଚର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରିଲେ । ମହାତ୍ମାଙ୍କ ଦ୍ୱାରା ବିଦ୍ୟାଧରଙ୍କୁ ଏହି ଆତ୍ମୋପଲବ୍ଧି ହେବା ପରେ ବୃଦ୍ଧ ମହାତ୍ମା ତାଙ୍କୁ ନିଜ ପାଖରେ କିଛି ଦିନ ରଖି ଜ୍ଞାନୋପଦେଶ ତଥା ସାଧନାର ନାନା ପ୍ରକାର ରହସ୍ୟ ଶିକ୍ଷା ଦେଲେ । ପରେ ତାଙ୍କୁ ସଙ୍ଗରେ ନେଇ ହରିଦ୍ୱାରରେ ଗଙ୍ଗା ସ୍ନାନ କରାଇ, ଗୋକର୍ଣ୍ଣତୀର୍ଥ, ନୈମିଷାରଣ୍ୟ, ପ୍ରୟାଗ ଆଦି ତୀର୍ଥ ଦେଇ ଶୃଙ୍ଗବେରପୁର ଗଙ୍ଗାକୂଳ ଜଙ୍ଗଲରେ ଉପନୀତ ହେଲେ । ବୃଦ୍ଧ ସନ୍ଥ ବିଦ୍ୟାଧରଙ୍କୁ କହିଲେ, ''ଏହି ସ୍ଥାନ ତୁମ ସାଧନା ସକାଶେ ବହୁତ ଉପଯୁକ୍ତ ହେବ । ଏଠାରେ ନିର୍ବିଘ୍ନରେ ସାଧନା କରିପାରିବ । ଭଗବତ୍ କୃପାରୁ ତୁମକୁ ଆତ୍ମଜ୍ଞାନ ପ୍ରାପ୍ତ ହୋଇଛି । ଏଠାରେ ତୁମକୁ ଭଗବାନ୍ ଦିବ୍ୟ, ସଚ୍ଚିଦାନନ୍ଦ ସଗୁଣ ବିଗ୍ରହରେ ଦର୍ଶନ ଦେବେ । ମୁଁ ଦଣ୍ଡକାରଣ୍ୟକୁ ସାଧନା କରିବାକୁ ଯାଉଛି ।'' ବିଦ୍ୟାଧର ଗୁରୁ-ଆଜ୍ଞା ଶିରୋଧାର୍ଯ୍ୟ କରି ତାଙ୍କ ଚରଣରଜ ମସ୍ତକରେ ଲଗାଇ ପ୍ରେମବିଭୋର ହୋଇ ପ୍ରଣାମ କଲେ । ବୃଦ୍ଧ ସନ୍ଥ ଆଶୀର୍ବାଦ ଦେଇ ବିଦାୟ ନେଇ ଦଣ୍ଡକାରଣ୍ୟକୁ ଗମନ କଲେ । ସେଠାରେ ବିଦ୍ୟାଧର ଗୁରୁଙ୍କ ନିର୍ଦ୍ଦେଶାନୁସାରେ ବନ୍ୟ ଫଳ, ପତ୍ର ଓ ଗଙ୍ଗାଜଳ ସେବନ କରି ସାଧନାରେ ରତ ରହି ଭଗବତ୍ ଦର୍ଶନ ଲାଭ କଲେ ।

ବାବା ରଘୁନାଥ ଦାସଜି ମହାରାଜ ପାର୍ଶ୍ୱସ୍ଥ ଶ୍ରୋତାମାନଙ୍କୁ ସମ୍ବୋଧନ କରି କହିଲେ, ''ମୁଁ ଗଙ୍ଗାକୂଳରେ ଯାତ୍ରା କରିବା ସମୟରେ ସେହି ସିଦ୍ଧ ସନ୍ଥଙ୍କ ନିବାସ ସ୍ଥାନରେ ପହଞ୍ଚିଲି । ସେ ସ୍ଥାନର ବାତାବରଣ ପବିତ୍ର ଥିଲା । ସାଧାରଣ ସ୍ଥାନଠାରୁ ବିଲକ୍ଷଣ ପ୍ରତୀତ ହେଉଥିଲା । ମହାତ୍ମାଙ୍କ ଶରୀର ଜ୍ୱଳନ୍ତ ଅଗ୍ନିତୁଲ୍ୟ ଦୀପ୍ତିମାନ୍, ଶିରଜଟା ଶରୀର ଅପେକ୍ଷା ଢେର ଲମ୍ବା ଥିଲା । ନେତ୍ରବିହୀନ ହେବା ସତ୍ତ୍ୱେ ସେ ନେତ୍ରଯୁକ୍ତ ବ୍ୟକ୍ତିତୁଲ୍ୟ ଯାତାୟାତ କରୁଥିଲେ । ମୁଁ ମହାରାଜଙ୍କୁ ଦର୍ଶନ କରି ଦୂରରୁ ସାଷ୍ଟାଙ୍ଗ ଦଣ୍ଡବତ କରି ନୀରବରେ ୬ ଘଣ୍ଟା ବସିରହିଲି । ମହାତ୍ମାଜି ଧ୍ୟାନରୁ ଉଠି ଗଙ୍ଗାସ୍ନାନ କରି ଫେରିବା ସମୟରେ ମୁଁ ତାଙ୍କ ପଛେ ପଛେ ଗଲି । ସେ ଆସନରେ ବସି ମୋତେ ପଚାରିଲେ, 'ତୁ କେଉଁଠୁ ଆସିଲୁ ? ମୁଁ ମୋର ସମସ୍ତ ଘଟନା କହିବା ପରେ ନିବେଦନ କଲି, 'ପ୍ରଭୁ ଶ୍ରୀରାମଙ୍କୁ ଭଜନ କରି ଗଙ୍ଗାକୂଳେ ବିଚରଣ କରୁଅଛି । ପ୍ରଭୁଙ୍କ ଅସୀମ କୃପାରୁ ଆପଣଙ୍କ ଦର୍ଶନ ପାଇ ମୁଁ କୃତାର୍ଥ ହୋଇଅଛି । ଆପଣଙ୍କ ଦର୍ଶନରେ ମୋର ସମସ୍ତ କାର୍ଯ୍ୟ ସିଦ୍ଧ ହେଲା ।' ଏହା କହି ମହାତ୍ମାଙ୍କ ଚରଣରଜ ନେଇ ମସ୍ତକରେ ଲଗାଇଲି । ସେ କହିଲେ, 'ତୁ ଶ୍ରୀରାମଙ୍କ ପରମ ଭକ୍ତ, କୃପାପାତ୍ର, ତୁ ମୋ ବଂଶରେ ଜନ୍ମଗ୍ରହଣ କରିଅଛୁ । ତୋ ଦ୍ୱାରା ଶ୍ରୀରାମ-ଭକ୍ତି ପ୍ରଚାର ହେବ । ବହୁତ ଦୁଃଖ ତାପ-ପୀଡ଼ିତ ନରନାରୀଙ୍କୁ ତୁ ଉଦ୍ଧାର କରିବୁ ।' ସେ ମୋ ପିତା, ପ୍ରପିତାମାନଙ୍କ ନାମ ଏବଂ ଗ୍ରାମର ନାମ ବିଶଦଭାବେ ବର୍ଣ୍ଣନା କଲେ । ମୁଁ ପଚାରିଲି, 'ଆପଣ କେତେ ବର୍ଷ ଏଠାରେ ଅଛନ୍ତି ? ଆପଣ ଗୋଟିଏ ସ୍ଥାନରେ ରହି ମୋ ପିତା, ପ୍ରପିତାମାନଙ୍କ ନାମ, ଗ୍ରାମ ଏବଂ ଆପଣଙ୍କ ବଂଶରେ ମୋର ଜନ୍ମ ବୋଲି ଜାଣିଲେ କିପରି ?' ସେ ଉତ୍ତର

ଦେଲେ, 'ମୋର ଏଠାରେ ତପସ୍ୟା କରିବା ଆଠ ଶହ ବର୍ଷ ହୋଇଗଲା । ମୋତେ ଜ୍ଞାନଦୃଷ୍ଟି ପ୍ରାପ୍ତ ହୋଇଛି, ମୁଁ ଏଠାରେ ରହି ସମସ୍ତ କିଛି ଦେଖିପାରେ ଏବଂ ଜାଣିପାରେ । ତୋତେ ଅପେକ୍ଷା କରିଥିଲି । ମୋ କାର୍ଯ୍ୟ ଶେଷ ହୋଇଛି, ମୁଁ ଶରୀର ତ୍ୟାଗ କରିବି । ତୁ ଏହି ଶରୀରକୁ ଗଙ୍ଗାରେ ଭସାଇ ଦେବୁ ।' ଏତିକି କହି, ମୋତେ ହୃଦୟରେ ଲଗାଇନେଲେ । ମୁଁ ସ୍ପଷ୍ଟରୂପେ ଅନୁଭବ କଲି ଯେ ତାଙ୍କ ଶରୀରସ୍ପର୍ଶରେ ପ୍ରତ୍ୟକ୍ଷ ଭାବରେ କିଛି ବସ୍ତୁ ମୋ ଶରୀରରେ ପ୍ରବେଶ କଲା । ସେ ସାଧନାର ରହସ୍ୟ ଜ୍ଞାନ ଉପଦେଶ ଦେଲେ । କିଛି ସମୟ ମୋତେ ସ୍ଥିରଦୃଷ୍ଟିରେ ଦେଖିବା ପରେ ସମାଧିସ୍ଥ ହୋଇଗଲେ । ତାଙ୍କ ପ୍ରାଣବାୟୁ ବ୍ରହ୍ମାଣ୍ଡ ଫୋଡ଼ି ବାହାରି ଗଲା । ମୁଁ ତାଙ୍କ ଶରୀରକୁ ଗଙ୍ଗାରେ ବିସର୍ଜନ କଲି ଏବଂ ତାଙ୍କରି ଆଶ୍ରମରେ ଆଠ ବର୍ଷ ରହି ସାଧନା କଲି । ଯେପର୍ଯ୍ୟନ୍ତ ମନୁଷ୍ୟର ଜ୍ଞାନଦୃଷ୍ଟି ପ୍ରାପ୍ତ ନ ହୁଏ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ଦର୍ଶନ କରିପାରେ ନାହିଁ ।''

## ଶେଷ ଜୀବନର ଘଟନା

ଶ୍ରୀ ମହାରାଜଙ୍କର ଅସଂଖ୍ୟ ବୀତରାଗ ଏବଂ ଗୃହୀ ଶିଷ୍ୟ ଥିଲେ । ବୀତରାଗ ଶିଷ୍ୟମାନଙ୍କ ମଧ୍ୟରେ ରଘୁବର ଦାସ, ମଧୁସୂଦନ ଦାସ, ଭଗବାନ ଦାସ ଏବଂ ତାଙ୍କ ଗାଦିର ମହନ୍ତ ଶ୍ରୀ ଜଗନ୍ନାଥ ଦାସ ତଥା ଲେଖକଙ୍କର ଗୁରୁଦେବ ରାମଘାଟ ନିବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ମୌନୀ ବାବା ବିଶେଷ କୃପାପାତ୍ର ଥିଲେ ।

ଶ୍ରୀ ମହାରାଜଙ୍କର କେବେ ଟଙ୍କା ଗଣା ହୋଇ ରଖା ହେଉ ନ ଥିଲା । ଯେତେବେଳେ ଯାହା ଖର୍ଚ୍ଚ ହୁଏ, ସେତେବେଳେ ସେ ମୁଠା ମୁଠା କରି ଦେଇ ଦିଅନ୍ତି । ଖର୍ଚ୍ଚ କରିବା ବ୍ୟକ୍ତି ଗଣି ଜିନିଷପତ୍ର ଖର୍ଦି କରନ୍ତି ।

ଥରେ ଜଣେ ସନ୍ଥ ମହାରାଜଜିଙ୍କୁ ପଚାରିଲେ, ''ଆପଣଙ୍କର କ'ଣ ଉପାସନା ? ଅର୍ଥାତ୍ ସାଧନାର ଲକ୍ଷ୍ୟ କ'ଣ ?'' ଶ୍ରୀ ମହାରାଜଜି ଉତ୍ତର ଦେଲେ, ''ଏହି ଆଶ୍ରମରେ କୌଣସି ବ୍ୟକ୍ତି ଉପବାସ ନ ରହନ୍ତୁ— ଏହାହିଁ ମୋର ଉପାସନା ।''

ସେ ସମୟରେ ଅଯୋଧ୍ୟାରେ ସିଦ୍ଧ ମହାତ୍ମା ଥିଲେ ଚରିତ୍ରନାୟକ, ବାବା ରଘୁନାଥ ଦାସ, ଶ୍ରୀ ଯୁଗଳାନନ୍ୟ ଶରଣୀ, ଉମାପତି ତେୱାରୀଜି । ଏମାନେ କେହି କାହା ସଙ୍ଗେ ଦେଖା ନ କରି ନିଜ ନିଜ ଆସନରେ ରହି କଥାବାର୍ତ୍ତା କରୁଥିଲେ ।

ସାଧାରଣତଃ ଶ୍ରୀ ମହାରାଜଙ୍କ ଆଶ୍ରମରେ ସେ ସମୟରେ ପ୍ରତିଦିନ ପ୍ରାୟ ତିନିହଜାର ବ୍ୟକ୍ତିଙ୍କ ପାଇଁ ଭୋଜନ ପ୍ରସ୍ତୁତ ହେଉଥିଲା । ରାମନବମୀ, ଝୁଲଣ ଏବଂ ବିଶେଷ ଶୁଭଦିନମାନଙ୍କରେ ପାଞ୍ଚ ହଜାରରୁ ଅଧିକ ବ୍ୟକ୍ତି ଭୋଜନ କରୁଥିଲେ । ଯେଉଁଦିନ ମିଷ୍ଟାନ୍ନର ବିଶେଷ ଭଣ୍ଡାରା ହୁଏ, ସେଦିନ ରାତ୍ରି ୯ଟା ପର୍ଯ୍ୟନ୍ତ ଭୋଜନ ଚାଲୁଥାଏ । ଥରେ ଜଣେ ସାଧୁ କହିଲେ, ''ଭଣ୍ଡାରାରେ ଦରିଦ୍ର କାଙ୍ଗାଳ ଲୋକମାନେ ବହୁତ ଗୋଳମାଳ ଏବଂ ପାଟିତୁଣ୍ଡ କରୁଛନ୍ତି; ଆପଣଙ୍କ ଆଜ୍ଞା ହେଲେ ମୁଁ ଠିକ୍ ଠିକ୍ ବ୍ୟବସ୍ଥା କରିଦେବି ।'' ମହାରାଜଜି କହିଲେ, ''ଠିକ୍ ଠିକ୍ ଏହି ବ୍ୟବସ୍ଥା କରିବୁ ଯେ, ଗରିବମାନଙ୍କୁ ଭିତରକୁ ଆସିବାକୁ ଦେବୁ ନାହିଁ । ଦରିଦ୍ର ମଧ୍ୟରେ ନାରାୟଣ ଅଛନ୍ତି । ଅତଏବ ତୋର ଏପରି ବ୍ୟବସ୍ଥାର ଆବଶ୍ୟକ ନାହିଁ ।''

ପ୍ରତି ଅମାବାସ୍ୟାକୁ ଗରିବ ଲୋକଙ୍କୁ ଦୁଇ ପଇସା ଓ ପ୍ରତି ପୂର୍ଣ୍ଣିମାକୁ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଚାରିଅଣା ଲେଖାଏଁ ବଣ୍ଟା ହୁଏ । ସେଠାରେ କାହାକୁ ନାହିଁ ବୋଲି କୁହାହୁଏ ନାହିଁ, ସେଥିପାଇଁ ସଂଖ୍ୟା ବରାବର ବଢୁଥାଏ । ଥରେ ଜଣେ ସନ୍ଥ ଆସି କହିଲେ, ''ବିଦ୍ୟାର୍ଥୀଙ୍କ ସଂଖ୍ୟା ବହୁତ ଅଧିକ ହେଉଛି, ପଇସା ପୂରା ହେବ ନାହିଁ ।'' ଶ୍ରୀ ମହାରାଜଜି କହିଲେ, ''ଯାହାର ବିଦ୍ୟାର୍ଥୀ ସେ ଜାଣେ ।'' ସେହି ସମୟରେ ଗୋଟିଏ କାଳୀବୁଢ଼ୀ ଅତ୍ୟନ୍ତ ମଇଳା ମୁଣିଟିଏ ମହାରାଜାଙ୍କ ପାଖରେ ରଖିଦେଇ ଚାଲିଗଲା । ମୁଣିଟି ଅଧିକ ମଇଳା ହୋଇଥିବାରୁ ଜଣେ ସନ୍ଥ ଗୋଟିଏ ବାଡ଼ି ଅଗରେ ଉଠେଇବାକୁ ଲାଗିଲେ । ମହାରାଜଜି କହିଲେ, ''ସେଥିରେ ଟଙ୍କାଥିବା କଥା ଜାଣିଲେ ଘୃଣା ନ କରି ଆଦରପୂର୍ବକ ହାତରେ ଉଠାଇନିଅନ୍ତ । ହାତରେ ଦେଖ, ଭିତରେ କ'ଣ ଅଛି ?'' ତା' ଭିତରେ ଥିଲା ସୁବର୍ଣ୍ଣ ମୋହର ।

ଶ୍ରୀ ମହାରାଜଜିଙ୍କ ଶରୀର ଗୌରବର୍ଣ୍ଣ, ଲମ୍ବା ଏବଂ ବିଶାଳ ବାହୁ, ଲଲାଟ ଚୌଡ଼ା, ନେତ୍ର ବଡ଼ ବଡ଼, ଶରୀରର କାନ୍ତି ଅଧ୍ୟାତ୍ମ ଜ୍ୟୋତିଃରେ ଦେଦୀପ୍ୟମାନ ଥିଲା । ସନ୍ଥ ଭକ୍ତମାନଙ୍କ ମଧ୍ୟରେ ସେ ତାରାଗଣଙ୍କ ମଧ୍ୟରେ ଚନ୍ଦ୍ରମା ସଦୃଶ ଶୋଭା ପାଉଥିଲେ । ସନ୍ଥ ଭକ୍ତଙ୍କ ରାମଧୁନର ତୁମୁଳ ନାଦରେ ଆକାଶ ଗୁଞ୍ଜାୟମାନ ହେଉଥିଲା । ସେହି ସମୟରେ ଜଣେ ଶିକାରୀ ବନ୍ଧୁକ ହସ୍ତରେ ଧରି ଉପନୀତ ହେଲା । ଗୋଟିଏ କୁକୁର ତାହାକୁ ଦେଖି ଭୟଙ୍କର ଭାବେ ଭୁକିବାରୁ ସେ ରାଗାନ୍ୱିତ ହୋଇ କୁକୁରକୁ ଗୁଳି କରିବାକୁ ଉଦ୍ୟତ ହେଲା । ସେ ସାଧୁମାନଙ୍କର ନିଷେଧକୁ ଗ୍ରାହ୍ୟ କଲା ନାହିଁ । ଶ୍ରୀମହାରାଜାଜି ଆଶ୍ରମ ମଧ୍ୟରେ କୌଣସି ଜୀବହତ୍ୟା କରିବାକୁ ନିଷେଧ କରିଥିଲେ । ସାଧୁମାନଙ୍କୁ ଅଗ୍ରାହ୍ୟ କରି କୁକୁରକୁ ମାରିବା ସକାଶେ ଶିକାରୀ ଗୁଳି ଭରିବା ଦେଖି ଶ୍ରୀ ମହାରାଜଜି ଉଠି ଛିଡ଼ା ହୋଇଗଲେ । ଶାନ୍ତ, ଗମ୍ଭୀର ଅଥଚ ତେଜୋ ପୂର୍ଣ୍ଣ ଭାବରେ କହିଲେ, ''ଏହାକୁ ଶ୍ରୀରାମ ରକ୍ଷା କରିବେ, ତୋର ଶକ୍ତି ନାହିଁ ଯେ ତୁ ଏହାକୁ ମାରି ପାରିବୁ ।'' ଶିକାରୀ ଏକଥା ଶୁଣିବା ମାତ୍ରେ କହିଲା, ''କିପରି ତୁମ ଶ୍ରୀରାମ ରକ୍ଷା କରିବେ ଦେଖିବି ।'' ଏହା କହି ଗୁଳି ଫାୟାର କଲା । ବହୁତ ଜୋର୍‌ରେ ଶବ୍ଦ ହେଲା, କିନ୍ତୁ ଗୁଳି ଫାୟାର ହେଲା ନାହିଁ । ବନ୍ଧୁକ ନଳି ଫାଟିଗଲା, ଶିକାରୀ ପଛଆଡ଼କୁ କଚାଡ଼ି ହୋଇ ପଡ଼ିଲା । ସଚେତ ହୋଇ ମହାରାଜଜିଙ୍କ ପାଖକୁ ଆସିବାରୁ ଶ୍ରୀ ମହାରାଜଜି କହିଲେ, ''ଆରେ ବେହୋସ୍ ତୁ ହୋସ୍ କର୍‌ତା ନେହିଁ, ଦୋଷ୍ ତୁ ଦେଗା କୌନ୍‌କାରେ ?'' ଅର୍ଥାତ୍, ''ଆରେ, ଅଚେତ ତୁ ସଚେତ ନ ହେଲେ ଦୋଷ କାହାକୁ ଦେବୁ ? ଅର୍ଥାତ୍ ତୋର ମୃତ୍ୟୁ ଆଉ ଚାରିଦଣ୍ଡ ବାକି ଅଛି । ଯଦି ଜୀବନର ସୁଧାର କରିବାକୁ ଚାହୁଁ ତେବେ ଶୀଘ୍ର ରାମମନ୍ତ୍ର ଉପଦେଶ ନେଇ ଜପ କର ।'' ସେ ଶୁଣିବା ମାତ୍ରେ ମହାରାଜଙ୍କଠାରୁ ମନ୍ତ୍ର ଉପଦେଶ ନେଇ ସରଯୂକୂଳେ ବସି ଏକାଗ୍ର ମନରେ ଜପ କଲା । ଜପ କରୁ କରୁ କିଛି ସମୟ ପରେ ଶରୀର ତ୍ୟାଗ କରି ପରଲୋକ ଗମନ କଲା । ସନ୍ଥମାନେ ତା' ଶବକୁ ସରଯୂ ଜଳରେ ସଂସ୍କାର କରିଦେଲେ । ସମସ୍ତ ଜୀବନ ଜୀବହିଂସାକାରୀ ପାପୀ ଶ୍ରୀ ମହାରାଜଙ୍କ କୃପାରୁ କିଛି କ୍ଷଣ ମଧ୍ୟରେ ଉଦ୍ଧାର ହୋଇଗଲା । ଏହାହିଁ ସନ୍ଥଙ୍କର ଅହେତୁକୀ କୃପା ।

ଶ୍ରୀ ମହାରାଜଙ୍କ ଦର୍ଶନକୁ କାଶ୍ମୀରରୁ ତତ୍‌କାଳୀନ ରାଜା ଏବଂ ଅନ୍ୟାନ୍ୟ ରାଜାମାନେ ବରାବର ଆସୁଥିଲେ । ଥରେ ଜଣେ ରାଜା ଆସିବା ଖବର ପାଇ ଶ୍ରୀ ମହାରାଜଜି କିଛି ଜମିରେ ଶିଷ୍ୟଙ୍କ ଦ୍ୱାରା ଚୌକା ଲଗାଇଦେଲେ । ଚୌକା ଲାଗିବା ଦେଖି ରାଜା ପଚାରିଲେ, ''ଏହି ଚୌକା କାହିଁକି ଲାଗୁଛି ?'' ଶ୍ରୀ ମହାରାଜଜି ପରିହାସରେ ଉତ୍ତର ଦେଲେ, ''ରାଜାମାନଙ୍କୁ ଭୂମି କମ୍ ପଡ଼େ । ସେଥିପାଇଁ ତୁମକୁ ଏତକ ଭୂମି ଦେଉଛି ।'' ଏକଥା ଶୁଣି ରାଜା ହସିବାକୁ ଲାଗିଲେ । କ୍ରମଶଃ ଶ୍ରୀମହାରାଜଜିଙ୍କ ଦର୍ଶନକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଲୋକ ଆସିଲେ । ଛାଉଣୀ ସବୁ ସମୟରେ ଲୋକାରଣ୍ୟ । ଭୋଜନ ପଙ୍‌କ୍ତି ଅଧିକାଧିକ ବିସ୍ତାର ହେଲା । ଶ୍ରୀ ମହାରାଜଙ୍କର ବୈରାଗୀ ଓ ଗୃହସ୍ଥ ଶିଷ୍ୟ ଲକ୍ଷାଧିକ ଥିଲେ । ତାଙ୍କ କୃପାରୁ କେତେ ପାପୀ ତାପୀ ଦୁରାଚାରୀ ବ୍ୟକ୍ତି ଉଦ୍ଧାର ହେଲେ । ତାଙ୍କ ଉପସ୍ଥିତିରେ ଦେବା ବ୍ୟତୀତ ନାହିଁ ଶବ୍ଦ ନ ଥିଲା ।

ଶ୍ରୀ ମହାରାଜ ଶେଷ ସମୟ ପର୍ଯ୍ୟନ୍ତ ଦିନେ ହେଲେ କେବେ ରୋଗଗ୍ରସ୍ତ ହୋଇ ନ ଥିଲେ । ଶରୀର ସୁସ୍ଥ ସବଳ ଥିଲା । ସେ ଶେଷ ପର୍ଯ୍ୟନ୍ତ ସରଯୂସ୍ନାନ ଓ ନିଜର ନିତ୍ୟକର୍ମ କରି ନେଉଥିଲେ । ପ୍ରଥମରେ ସେ ନିଜ ହାତରେ ରୋଷେଇ କରି ଭଗବାନଙ୍କୁ ଅର୍ପଣ କରି ଭୋଜନ କରୁଥିଲେ । ପରେ ତାଙ୍କ ଗାଦିର ମହନ୍ତ ଶ୍ରୀ ଜଗନ୍ନାଥ ଦାସଜି ତାଙ୍କ ସକାଶେ ରୋଷେଇ କରି ଦେଉଥିଲେ । ଗହମ ଧୁଆ ହୋଇ ମାଛି ନ ବସିବ ବୋଲି ଜାଲ ତଳେ ଶୁଖା ହେଉଥିଲା । ତାଙ୍କ ଖାଦ୍ୟଦ୍ରବ୍ୟରେ ମାଛି ବସିଲେ ସେ ଭୋଜନ କରୁ ନ ଥିଲେ ଓ ପ୍ରତିଦିନ ସନ୍ଥଙ୍କ ପଙ୍ଗତ ସମୟରେ ସ୍ୱୟଂ ଛିଡ଼ା ହୋଇ ଦେଖୁଥିଲେ ଏବଂ ପରିବେଷଣ କରାଉଥିଲେ । ଦରିଦ୍ରଠାରୁ ଅମିର ପର୍ଯ୍ୟନ୍ତ ଯେ କେହି ଆସୁଥିଲା ତାକୁ ଭୋଜନ ମିଳୁଥିଲା । ସାଧୁମାନେ ଜୋର୍‌ରେ ଡାକୁଥିଲେ, ''ଯେ କେହି ଭୋଜନ କରିବାକୁ ଚାହେଁ ଆସ ।'' ଦିନେ ଆଗ୍ରାର ଜନୈକ ପୂଜାରୀ ଦୁଇଟି ଚିତ୍ରପଟ ତିଆରି କରିଆଣି ଶ୍ରୀ ମହାରାଜଜିଙ୍କୁ ଅର୍ପଣ କଲେ । ଗୋଟିଏ ଚିତ୍ରପଟରେ ସୁନ୍ଦର ମୋଟା ଅକ୍ଷରରେ ଲେଖାଥିଲା 'ରଘୁନାଥ' । ଏହି ଅକ୍ଷର ମଧ୍ୟରେ ଭଗବାନଙ୍କ ଚବିଶ ଅବତାର ଅଙ୍କିତ ହୋଇଥିଲା ।

ଅନ୍ୟ ଚିତ୍ରପଟରେ ନିମ୍ନଲିଖିତ ଶ୍ଳୋକଟି ଲେଖାଥିଲା :

କନକ-କୁଣ୍ଡଲ-ମଣ୍ଡିତ-ଗଣ୍ଡୟା
ଜଘନ-ଦେଶ-ନିବେଶିତ-ବୀଣୟା
ଅମର-ରାଜପୁରେଶ୍ୱର-କନ୍ୟୟା
ତବ ଯଶୋ ବିମଳଂ ପରିଗୀୟତେ ॥

ଏହି ଚିତ୍ରପଟ ଦେଖିବା ସଙ୍ଗେ ସଙ୍ଗେ ଶ୍ରୀ ମହାରାଜଜି କହିଲେ, ''ସାକେତ ଯିବାର ସମୟ ଆସିଗଲା ।'' ସେହି ଦିନଠାରୁ କ୍ରମଶଃ ମଠର ସମସ୍ତ ଦାୟିତ୍ୱ ତାଙ୍କ ଶିଷ୍ୟ ଜଗନ୍ନାଥ ଦାସଙ୍କୁ ଦେଇଦେଲେ ।

ବିକ୍ରମ ସମ୍ବତ୍ ୧୯୩୯ ପୌଷ ଶୁକ୍ଳ ଦଶମୀ ଦିନ ସରଯୁ-ସ୍ନାନ କରିଆସି ଧ୍ୟାନସ୍ଥ ହୋଇ ବସିଗଲେ । ଦିନ ଏଗାର ଘଣ୍ଟା ସମୟରେ ପଚାରିଲେ, ''ଦଶମୀ ଆଉ କେତେ ସମୟ ବାକି ଅଛି ?'' ଜଣେ ଶିଷ୍ୟ ଉତ୍ତର ଦେଲେ, ''ଦଶମୀ ଶେଷ ହୋଇ ଏକାଦଶୀ ଆରମ୍ଭ ହୋଇଗଲାଣି ।'' ଏହା ଶୁଣିବାମାତ୍ରେ ସେ ସମାଧିସ୍ଥ ହୋଇଗଲେ । ସେହି ସମାଧି ହେଲା ମହାସମାଧି । ସେ ସମାଧି ଆଉ କେବେ ଭଙ୍ଗ ହୋଇ ନାହିଁ । ସେ ସେହି ସମାଧି ଅବସ୍ଥାରେ ଏହି ପଞ୍ଚ ଭୌତିକ ଶରୀର ତ୍ୟାଗ କରି ଦିବ୍ୟ ଚିନ୍ମୟ ଶରୀରରେ ଶ୍ରୀ ସୀତାରାମଙ୍କ ନିତ୍ୟ ଶାଶ୍ୱତ ସେବାପ୍ରାପ୍ତ ହେଲେ । ସେହି ସମୟରେ ମୋର ଗୁରୁଦେବ ସେଠାରେ ଉପସ୍ଥିତ ଥିଲେ । ସେ କହୁଥିଲେ, ''ଶ୍ରୀ ମହାରାଜଜି ମହାସାମାଧିରେ ଶରୀର ତ୍ୟାଗ କରିବା ସମୟରେ ତାଙ୍କ ହୃଦୟ ନୀଳ ଜ୍ୟୋତିଃରେ ଦେଦୀପ୍ୟମାନ ହୋଇଉଠିଲା ।'' ଏହି ଜ୍ୟୋତିଃକୁ ସେ ସମୟରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଦର୍ଶନ କରିଥିଲେ । ଏପରି ମହାପୁରୁଷମାନେ ଭଗବାନଙ୍କ ନିର୍ଦ୍ଦେଶରେ ଲୋକକଲ୍ୟାଣାର୍ଥେ ଏହି ପୃଥିବୀକୁ ଆସନ୍ତି ।

ମୁଁ ଓଡ଼ିଶାରୁ ଯାଇ ମୋର ଗୁରୁଦେବ ରାମଘାଟନିବାସୀ, ଅଯୋଧ୍ୟାବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ମୌନିଜି ମହାରାଜଙ୍କ ସେବାରେ ଥିଲି । ମୋର ଗୁରୁ ଥିଲେ ସିଦ୍ଧ ରଘୁନାଥ ଦାସ ମହାରାଜଙ୍କ ଶିଷ୍ୟ । ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ମୋ ଗୁରୁଦେବ ଏବଂ ବାବା ମଧୁସୂଦନ ଦାସ, ମାତ୍ର ଏହି ମହାପୁରୁଷ ଦୁଇଜଣ ଜୀବିତ ଥିଲେ । ବାବା ମଧୁସୂଦନ ଦାସଜି ରହୁଥିଲେ ମହାରାଜଙ୍କ ଗାଦି ବଡ଼ଛାଉଣୀରେ । ମୋର ଗୁରୁଦେବ ମୌନୀ ବାବା ରହୁଥିଲେ ରାମ ଘାଟରେ । କେବେ କେବେ ବାବା ମଧୁସୂଦନ ଦାସ ମୋର ଗୁରୁଦେବଙ୍କ ପାଖକୁ ଆସି ଦୁଇ, ତିନି ଦିନ ରହୁଥିଲେ । ସେମାନଙ୍କ ଗୁରୁଭାଇ ମଧ୍ୟରୁ କେବଳ ସେହି ଦୁଇଜଣ ଜୀବିତ ଥିଲେ ଏବଂ ପୂର୍ବେ ଏକ ସଙ୍ଗେ ବହୁଦିନ ନିବାସ ତଥା କାର୍ଯ୍ୟକ୍ରମ କରିବାରୁ ପରସ୍ପର ମଧ୍ୟରେ ବିଶେଷ ଘନିଷ୍ଠତା ଥିଲା । ଦୁଇ ଗୁରୁଭାଇଙ୍କର ଏକତ୍ର ମିଳନ ହେଲେ ବାବା ରଘୁନାଥ ଦାସଜି ମହାରାଜଙ୍କ ଜୀବନ ଘଟନା ଚର୍ଚ୍ଚା କରନ୍ତି । କେବେକେବେ ସେହି ଚର୍ଚ୍ଚାରେ ଏପରି ତନ୍ମୟ ହୋଇଯାଆନ୍ତି ଯେ ଅର୍ଦ୍ଧରାତ୍ରି ହୋଇଯାଏ । ମୁଁ ଗୁରୁଦେବଙ୍କ ସେବାରେ ଥାଏ । ସେଥିସକାଶେ ମୋତେ ତାଙ୍କ ସମୀପରେ ରହିବାର ସୁଯୋଗ ମିଳେ । ମୁଁ ନୀରବରେ ବସି ସବୁ ଘଟନା ଶୁଣୁଥାଏ । ସେହି ଶୁଣିବା ଘଟନା ତଥା ''ରଘୁନାଥ ହାଟ'' ନାମରେ ବାବା ରଘୁନାଥ ଦାସଙ୍କ ଜୀବନଚରିତ ଏବଂ ମୋର ଗୁରୁଦେବଙ୍କ ବିରଚିତ ''ବିଶ୍ରାମ ସାଗର'' ଗ୍ରନ୍ଥରେ ଯାହା ବର୍ଣ୍ଣନା ହୋଇଥିଲା । ସେହିସବୁ ସତ୍ୟ ଘଟନା ଅବଲମ୍ବନରେ ଏହି ଗ୍ରନ୍ଥଲେଖା ଭଗବତ୍ କୃପାରୁ ସମାପ୍ତ ହେଲା । ଏଥିରେ ସମସ୍ତ ସତ୍ୟ ଘଟନା ବର୍ଣ୍ଣନା କରିବାକୁ ପ୍ରୟାସ କରାହୋଇଛି । ଏହି କ୍ଷୁଦ୍ର ଲେଖାଟିକୁ ଜଗତ୍‌ପିତା ଓ ଜଗଜ୍ଜନନୀଙ୍କ ଚରଣରେ ଅର୍ପଣ କରୁଅଛି ।